ISSN No. : 2583-147X (P)

ବାସ୍ତବତାର ପରିପ୍ରକାଶ


# ପ୍ରାଚୀ

# PRACHEE

ଡିସେମ୍ବର ୨୦୨୨

ମୂଲ୍ୟ : ୨୫ ଟଙ୍କା





**ମୁଖ୍ୟ ଉପଦେଷ୍ଟା**

**କବି ଜୟନ୍ତ ମହାପାତ୍ର**



***ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ***

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**

**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଅଷ୍ଟମ ବର୍ଷର ନବମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ❦ 'ପ୍ରାଚୀ'ର କଲମ ❧

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବେତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

বাস্তবতার পরিপ্রকাশ

# ପ୍ରାଚୀ

Vol.- 8, December 2022, Issue No. IX
ISSN NO. 2583-147X(P)
**RNI No. : ODIODI/2015/64435**
P.R. No. : CK(C)/96/2022-2024



**ଉପଦେଷ୍ଟା ମଣ୍ଡଳୀ**
**ଡକ୍ଟର ପାବକ କାନୁନ୍‌ଗୋ**
**ଡକ୍ଟର ମନ୍ଦାକିନୀ ଦାସ**
**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
**ସମୀକ୍ଷକ ମଣ୍ଡଳୀ**
**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଶରତ କୁମାର ପଳିତା**
ପ୍ରଫେସର, ଜୈବ ବିବିଧତା ଓ ପ୍ରାକୃତିକ ସଂସାଧନ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ସଂପାଦକ**
**ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ**
**ସମ୍ପାଦନା ସହଯୋଗୀ :**
**ପ୍ରାଚୀ ପ୍ରଯୁକ୍ତା**
**ସଂପାଦନା ମଣ୍ଡଳୀ**
**ଡକ୍ଟର ନାରାୟଣ ମହାନ୍ତି-**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ
**ଡକ୍ଟର ଆଦିତ୍ୟ ପ୍ରତାପ ଧଳ**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଆଲୋକ ବରାଳ**
ମୁଖ୍ୟ, ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଦିପକ କୁମାର ଦାଶ**
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ,
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ
**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ଅଧ୍ୟାପକ, ଓଡ଼ିଆ ବିଭାଗ,
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ
**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ଅଧ୍ୟାପିକା, ଓଡ଼ିଆ ବିଭାଗ,
ସିମୁଲିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ
**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ
**ଡକ୍ଟର ମମତା ଖଣ୍ଡାୟତରାୟ**
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ,
ପାରାଦୀପ କଲେଜ, ପାରାଦୀପ
ଡିଟିପି :
**ପ୍ରଶାନ୍ତି ସାଇଁ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**
ବିତରଣ ଅଧିକାରୀ :
**ରାଜେନ୍ଦ୍ର ବାରିକ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪


## ଏଇ ସଂଖ୍ୟାରେ...


ପରଜା ସଂସ୍କୃତିର ନାନ୍ଦନିକ ପରିପ୍ରକାଶ : 'ପରଜା ଗୀତ'
– ଡ. ପ୍ରୀତିଧାରା ସାମଲ ୦୭

ଆଧୁନିକ ଓଡ଼ିଆ କବିତାରେ ପ୍ରତୀକ : ସ୍ଥିତି ଓ ସ୍ଥାପତ୍ୟ
– ଡକ୍ଟର ରାକେଶ କୁମାର ବିଶି ୧୧

ଗୁରୁ ତତ୍ତ୍ୱର ଅନନ୍ୟ ନିଦର୍ଶନ : ଯଦୁ-ଅବଧୂତ ସମ୍ବାଦ
– ଡକ୍ଟର ରୁଦ୍ର ପ୍ରସାଦ ମିଶ୍ର ୧୫

ଓଡ଼ିଆ ସ୍ତମ୍ଭରଚନା ଓ ସ୍ତମ୍ଭକାର: ଏକ ପରିଚୟାତ୍ମକ ଆଲେଖ୍ୟ
– ଶଙ୍ଖଚୂଳ ଦାସ ୧୭

ସ୍ୱପ୍ନ ଦୁଃସ୍ୱପ୍ନର ସମନ୍ୱିତ ଆଲେଖ୍ୟ ମହତାବଙ୍କ କଥାୟନ
– ପରୀକ୍ଷିତ ଭୋଇ ୨୫

ଭଗୀରଥ ଜନ୍ମ ବୃତ୍ତାନ୍ତ'ରେ ନାରୀ ସମକାମୀତାର ଚିତ୍ର :
ଏକ ଐତିହାସିକ ଅଧ୍ୟୟନ
– ଦିପୁନ ପୁହାଣ ୩୩

ମହାପାତ୍ର ନୀଳମଣି ସାହୁଙ୍କ ଉପନ୍ୟାସ ଜଗତ
– ଜ୍ଞାନୀ ଦେବାଶିଷ ମିଶ୍ର ୩୯

ବାର୍ଷିକ ସୂଚୀ-୨୦୨୨ ୪୫

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011


## ପ୍ରାଚୀର ନିୟମାବଳୀ

- “ପ୍ରାଚୀ” ଏକ ମାସିକ ଗବେଷଣାଧର୍ମୀ ISSN ସଂଯୁକ୍ତ ମାନକ Peer Reviewed ପତ୍ରିକା ଅଟେ ।
- “ପ୍ରାଚୀ” ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ,ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
- “ପ୍ରାଚୀ” ଯୁବପୀଢ଼ିଙ୍କର ଗବେଷଣାକୁ ଏକ ଉଚ୍ଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସରଞ୍ଜନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ । ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ ।
- ଏହି ପତ୍ରିକାରେ ମଧ୍ୟ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ, ଭ୍ରମଣ କାହାଣୀ, ପରିବେଶଜନିତ ଲେଖା ଓ କବିତା ପରିପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ ‘ପ୍ରାଚୀ’ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । **ଲେଖା ଗୁଡ଼ିକ ପେଜ୍ ମେକର ଫରମାଟ, ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ ।**

**ଆପଣ “ପ୍ରାଚୀ” ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................

ଠିକଣା ........................................................ ପିନ୍‌କୋର୍ଡ୍ ....................................

ମୋବାଇଲ୍ ନମ୍ବର ....................................... ଇ-ମେଲ୍ ..........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର................................................. ତାରିଖ....................................

ବ୍ୟାଙ୍କ୍.......................................... ସ୍ଥାନ.....................................................

ତାରିଖ....................................... ଦସ୍ତଖତ..................................................

**ବାସ୍ତବତାର ପରିପ୍ରକାଶ “ପ୍ରାଚୀ”**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheenews.com

ISSN -2583-147X(P), Vol.- 8, Issue No. IX, December 2022
Bastabatara Pariprakash Prachee
*Peer Reviewed and Referred Research Journal*

# ପରଜା ସଂସ୍କୃତିର ନାନ୍ଦନିକ ପରିପ୍ରକାଶ : 'ପରଜା ଗୀତ'

**ଡ. ପ୍ରୀତିଧାରା ସାମଲ**

"ଜୀବନରେ ସୁଆଦ ଅଛି" – କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍‌ର ନିପଟ ଆଦିବାସୀ ଗାଁ ଶରଶୁପଦରର ପରଜା ସଂପ୍ରଦାୟଙ୍କ ଜୀବନ ସହ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ଗାଳ୍ପିକ ତଥା ଔପନ୍ୟାସିକ ଶ୍ରୀ ଗୋପୀନାଥ ମହାନ୍ତି ଏ କଥା ଉପଲବ୍ଧି କରିଥିଲେ । ଜୀବନକୁ ଅତି ଗମ୍ଭୀର ଭାବରେ ନେଇ ଭାରାକ୍ରାନ୍ତ ହେଇ ବଞ୍ଚିବା ଅପେକ୍ଷା, ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ହସ, ନାଚ, ଗୀତ ମାଧ୍ୟମରେ ସରସ, ସୁନ୍ଦର ଓ ଅର୍ଥପୂର୍ଣ୍ଣ କରିଦେବା ହିଁ ଏହି ଆଦିମ ଅଧିବାସୀଙ୍କ ଜୀବନ ଦର୍ଶନ । ସମସ୍ତଙ୍କ ପାଇଁ ଓ ସମସ୍ତଙ୍କ ସହ ସୁଖଦୁଃଖ, ଆନନ୍ଦ ବିଷାଦକୁ ବାଣ୍ଟି ଦେବାରେ ହିଁ ଜୀବନର ସୁଆଦକୁ ଅନୁଭବ କରିହୁଏ । କେଉଁ ଅନାଦିକାଳରୁ ଜଙ୍ଗଲ, ପାହାଡ଼ ଘେରା ଏଇ କୋରାପୁଟ ଭୂଖଣ୍ଡରେ ଗୋଷ୍ଠୀଗତ ଓ ସାମୂହିକ ଜୀବନ ବଞ୍ଚି ଆସୁଥିବା ଏଇ ଆଦିବାସୀଙ୍କ ସାଂସ୍କୃତିକ ମୂଲ୍ୟବୋଧ ଅତି ଉଚ୍ଚକୋଟୀର ଓ ଆକର୍ଷଣୀୟ ।

କେଉଁ ଅନନ୍ତକାଳରୁ ଆମ ଦେଶର ସଂଖ୍ୟାଧିକ ଆଦିବାସୀ ଗୋଷ୍ଠୀ ବଣପାହାଡ଼ ଘେରା ପ୍ରାକୃତିକ ପରିବେଶରେ ବସବାସ କରିଆସୁଛନ୍ତି । ସେମାନେ ଆଦିମ ଜନଗୋଷ୍ଠୀ । ଦିନଚର୍ଯ୍ୟାର ପ୍ରତିଟି ଆବଶ୍ୟକତାକୁ ପୂରଣ କରିବା ପାଇଁ ସେମାନେ ଜଙ୍ଗଲ ଉପରେ ନିର୍ଭରଶୀଳ । ପ୍ରକୃତି ଓ ଜଙ୍ଗଲକୁ ସେ ତା'ର ମା'ର ସମ୍ମାନ ଦିଏ । ଆଦିବାସୀର ଅର୍ଥନୀତି, ସମାଜ, ସଂସ୍କୃତି ଓ ସଭ୍ୟତାର ଉତ୍ସ ହେଉଛି ଜଙ୍ଗଲ । ଯେତେବେଳେ ପାହାଡ଼ି ପରିବେଶ ମଧ୍ୟରେ ଘଞ୍ଚ ଜଙ୍ଗଲ ଥିଲା, ସେତେବେଳେ ଆଦିବାସୀ ସେହି ଜଙ୍ଗଲ ଓ ଡଙ୍ଗରରୁ ହିଁ ତା'ର ସମସ୍ତ ମୌଳିକ ଆବଶ୍ୟକତା ପୂରଣ କରିପାରୁଥିଲା । ସେ ଖାଦ୍ୟାଭାବର ସମ୍ମୁଖୀନ ହେଉନଥିଲା । ତା' ଜୀବନରେ ଅଭାବବୋଧ ନଥିଲା । ସେ ଦାରିଦ୍ର୍ୟ କ'ଣ ଜାଣିନଥିଲା । ଏବେ ଜଙ୍ଗଲର ଅବକ୍ଷୟ ହେତୁ ଆଦିବାସୀର ଜୀବନଜୀବିକା ଓ ତା'ର ସାଂସ୍କୃତିକ ଜୀବନ ବହୁ ଭାବରେ ପ୍ରଭାବିତ ହେଇଚି । ବିଗତ ଷାଠିଏ ଦଶକ ବେଳକୁ ୬୦ ଭାଗ ଜଙ୍ଗଲ ଥିଲା କିନ୍ତୁ ଏବେ ମାତ୍ର ଶତକଡ଼ା ୨୦ ରୁ ୨୨ ଭାଗ ଅଞ୍ଚଳରେ ଜଙ୍ଗଲ ଅଛି । ଜଙ୍ଗଲ କ୍ଷୟ ଯୋଗୁଁ ବେଶୀ କ୍ଷତିଗ୍ରସ୍ତ ହେଉଚନ୍ତି ଆଦିବାସୀ । ଆଦିବାସୀ ଗ୍ରାମ୍ୟ ଜୀବନରେ ରହିଥିବା ସଂହତି, ସହଯୋଗର ମନୋବୃତ୍ତି ଓ ଅତିଥି ପରାୟଣତା- ଏସବୁ ତା'ର ଅମୂଲ୍ୟ ସଂପଦ । ସେ ସମାଜରେ ସମସ୍ତେ ସମାନ, ସାନବଡ଼ର ଭେଦାଭେଦ ନାହିଁ । ସଦା ସନ୍ତୁଷ୍ଟ ଆଦିବାସୀ ପ୍ରାଣ । ନୃତ୍ୟଗୀତରେ ଭରପୂର ଜୀବନ, କର୍ମ ତା'ର ଗୀତିମୟ ଓ ଜୀବନଯାତ୍ରା ଛନ୍ଦମୟ । ନାରୀକୁ ସମ୍ମାନ, ଯୌତୁକ ବିହୀନ ବିବାହ ପ୍ରଥା ତାଙ୍କର ସଂସ୍କୃତି । ଆଦିବାସୀ ଦୃଢ଼ମନା, ସ୍ୱାବଲମ୍ବୀ ଓ ସମଦର୍ଶୀ । ଏସବୁର ସମାହାର ହିଁ ଆଦିବାସୀ ସଂସ୍କୃତି ଓ ତା'ର ପରିଚିତି । ବିକାଶର ଧାରାରେ ଓ ପରିବର୍ତ୍ତନର ସ୍ରୋତରେ ଆଦିବାସୀ ସଂସ୍କୃତିରେ ପରିବର୍ତ୍ତନ ଆସିଛି । କିନ୍ତୁ ଏବେ ବି ଅକ୍ଷତ ଅଛି ତା'ର ଜୀବନ-ଦର୍ଶନ ଓ ତା'ର ମୂଲ୍ୟବୋଧ ।

ଅବିଭକ୍ତ କୋରାପୁଟ ଜିଲ୍ଲାରେ ବସବାସ କରୁଥିବା ଆଦିବାସୀ ସଂପ୍ରଦାୟଙ୍କ ମଧ୍ୟରୁ କନ୍ଧ, ପରଜା, ଭତରା, ଭୂମିଆ, କୋୟା, ଗଦବା, ଗଣ୍ଡ, ଦୁରୁଆ, ସଉରା, ଅମାନତ୍ୟ, ବଣ୍ଡା, ଡିଡାୟୀ, ପ୍ରଭୃତି ପ୍ରମୁଖ । କୋରାପୁଟ ଅଞ୍ଚଳରେ ପ୍ରାୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ପରଜା ସଂପ୍ରଦାୟ ଲୋକ ବସବାସ କରନ୍ତି । ପରଜା, ଝୋଡ଼ିଆ ପରଜା, ବାରଙ୍ଗ ପରଜା, ପେଙ୍ଗୁ ପରଜା, ପାରେଙ୍ଗା ପରଜା, କୋଣ୍ଡା ପରଜା, ସାନ ପରଜା, ବଡ଼ ପରଜା, ଛେଲିଆ ପରଜା ଇତ୍ୟାଦି ବହୁ ଭାଗରେ ଏମାନେ ପରିଚିତ । ପରଜାଙ୍କ ଭାଷା ପାର୍ଜି । ଅବିଭକ୍ତ କୋରାପୁଟର ଆଦିବାସୀଙ୍କ ମଧ୍ୟରେ ପରଜା ସଂପ୍ରଦାୟ ଅଧିକା ମାନ୍ୟତାପ୍ରାପ୍ତ ଜନଜାତି । ଓଡ଼ିଶାର ଅନ୍ୟ ଅଞ୍ଚଳରେ ପ୍ରାୟତଃ ଏହି ଗୋଷ୍ଠୀ ଦେଖାଯାଆନ୍ତି ନାହିଁ । ପ୍ରକୃତି ଉପାସନା, ସଜୀବ ଓ ନିର୍ଜୀବ ସକଳ ବସ୍ତୁରେ ଆତ୍ମା ସ୍ଥିତି ଓ ପ୍ରତ୍ୟେକ ପଦାର୍ଥରେ ଅଲୌକିକ ଶକ୍ତିର ଉପସ୍ଥିତିକୁ ପରଜା ବିଶ୍ୱାସ

କରେ । ପ୍ରକୃତିର ଉତ୍ପାଦିକା ଶକ୍ତି ଓ ସର୍ଜନଶକ୍ତି ଉପରେ ପରଜାର ଗଭୀର ଆସ୍ଥା । ସେଇଥି ପାଇଁ ସେ ପ୍ରକୃତିକୁ ପୂଜା କରେ ।

ପରଜା ସଂପ୍ରଦାୟର ପ୍ରତିଟି କାର୍ଯ୍ୟରେ ଗୀତ ଓ ନୃତ୍ୟର ବିଶେଷ ଗୁରୁତ୍ୱ ରହିଛି । ପ୍ରତ୍ୟେକ କାର୍ଯ୍ୟ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ, ସଂଗୀତ ଓ ନୃତ୍ୟ ବିନା ସଂପୂର୍ଣ୍ଣ ହୁଏ ନାହିଁ । ସଂଗୀତ ଓ ନୃତ୍ୟ ମାଧ୍ୟମରେ ଦେବାଦେବୀଙ୍କ ଉପାସନା କଲେ ସେମାନେ ସନ୍ତୁଷ୍ଟ ହୁଅନ୍ତି ଓ ଗ୍ରାମବାସୀଙ୍କୁ ସୁରକ୍ଷା, ସମୃଦ୍ଧି ଓ ସୁଖ ପ୍ରଦାନ କରିଥାଆନ୍ତି ବୋଲି ପରଜାମାନେ ବିଶ୍ୱାସ କରନ୍ତି ।

ପ୍ରକୃତି ଉପାସନା ଓ ପୂର୍ବପୁରୁଷ ପୂଜନ ସହ ସଂପୃକ୍ତ ତାଙ୍କର ସମସ୍ତ ପର୍ବପର୍ବାଣୀ । ସେ ବସନ୍ତର ଚଇତି ପରବ ହେଉ, ଶୀତର ପୁଷ୍ ପରବ ହେଉ କିମ୍ବା  ଫସଲ ଅମଳର ପର୍ବ, ନୃତ୍ୟ ସଂଗୀତ ସହ ଏହି ପରବ ପାଳୁ ପାଳୁ ନୂଆ ଶସ୍ୟକୁ ପୂଜା କରି ପ୍ରକୃତି ପ୍ରତି କୃତଜ୍ଞ ହେବା ତାଙ୍କର ଧର୍ମ । ଯେଉଁ ପ୍ରକୃତି ତାଙ୍କୁ ଜୀବନୀ ଶକ୍ତି ଯୋଗେଇ ଦିଏ, ତାଙ୍କ ଶରୀରକୁ ପୁଷ୍ଟ କରେ, ତାଙ୍କ ପରିବାର ତଥା ଗ୍ରାମକୁ ବଞ୍ଚେଇ ରଖେ ତାକୁ ପୂଜା ଉପାସନା କରିବା ତାଙ୍କର କର୍ତ୍ତବ୍ୟ ବୋଲି ପରଜାମାନେ ବିଶ୍ୱାସ କରନ୍ତି । ଭାଦ୍ରବରେ ନୂଆଖାଇ, କାର୍ତ୍ତିକରେ ଦିଆଲି ଇତ୍ୟାଦି ସବୁ ପରବରେ ନାଚଗୀତରେ ବିଭୋର ହେଇ ଜୀବନକୁ ଉପଭୋଗ କରନ୍ତି ସେମାନେ ।

ପ୍ରତ୍ୟେକ ପରଜା ଜଣେ ଜଣେ ଆଶୁକବି । ଯେତେବେଳେ ଯାହା ଭାବନା ମନକୁ ଆସେ ସେ ତାକୁ ଗୀତ ମାଧ୍ୟମରେ ପରିପ୍ରକାଶ କରେ । ସେ କବିତାର ନାନ୍ଦନିକତା ମର୍ମସ୍ପର୍ଶୀ । ଚିତ୍ରକଳ୍ପ ଓ ପ୍ରତୀକ ଅଫୁରନ୍ତ । ଏବଂ ସେ ସବୁକୁ ସେ ସାଉଁଟି ନିଏ ତା' ଘରିପାଖର ପ୍ରକୃତିରୁ । ସେ ଋଷଗୀତ ହେଉ, ପରବଗୀତ ହେଉ, ଡୁମ୍ବା ଗୀତ ହେଉ କିମ୍ବା ପିଲାର ନାମକରଣ କି ପ୍ରେମଗୀତ ହେଉ ସବୁଥିରେ ଚମତ୍କାର ବର୍ଣ୍ଣନାଶୈଳୀ ପାଠକକୁ ମନ୍ତ୍ରମୁଗ୍ଧ କରିଦିଏ ।

ଜୀବନପ୍ରତି ଗଭୀର ଅନୁରକ୍ତି, ମଣିଷକୁ ଥରେ ଭଲ ପାଇଲେ ସାରା ଜୀବନ ପାଇଁ ତା'ର ବିଶ୍ୱସ୍ତ ହେବା, ପ୍ରତିଶ୍ରୁତି ଦେଲେ ନିଷ୍ଠାର ସହ ପାଳିବା,  ନିଜ ପରିବାର ପରି ଗ୍ରାମବାସୀଙ୍କୁ ଭଲ ପାଇବା, ଗାଁର ଲୋକମାନଙ୍କ ପାଖରେ ସୁଖଦୁଃଖରେ ଠିଆ ହେବା, ପୂରା ଗ୍ରାମ ଓ ଗ୍ରାମବାସୀଙ୍କୁ ଭଲ ରଖନ୍ତୁ ବୋଲି ଗ୍ରାମଦେବତୀଙ୍କ ନିକଟରେ ପ୍ରାର୍ଥନା କରିବା ଆଦି ମୂଲ୍ୟବୋଧର ଜୀବନ୍ତ ପ୍ରତୀକ ହେଉଛନ୍ତି ପରଜା । ସଂସ୍କୃତିରେ, ଋଲିଚଳଣରେ ଏହି ମାନବୀୟ ଗୁଣର ପରାକାଷ୍ଠା ପରଜାଙ୍କର ଅସ୍ଥିମଜ୍ଜାଗତ ।

ମହୁରୀର ସ୍ୱର, ଢୁଙ୍ଗୁଡୁଙ୍ଗାର ତାନ, ଟିଡ଼ିବିଡ଼ିର କାଠିମରା, ମାଦଳର ନାଦ ଶୁଣୁ ଶୁଣୁ ଗ୍ରାମ ମଝିରେ ଜମା ହେଇଯାଆନ୍ତି ଆବାଲ୍ୟ ବୃଦ୍ଧବନିତା । କର୍ମକ୍ଳାନ୍ତ ଜୀବନରେ ଏହାହିଁ ପରମ ଆଶ୍ରୟ । ଅଣ୍ଟାରେ ହାତଛନ୍ଦି, କାନ୍ଧରେ ହାତରଖି ଗୀତ ଗାଇ ଗାଇ ଢେମସା ନାଚି ନାଚି ରାତି ବିତେଇ ଦିଅନ୍ତି । ଚଇତ ପରବ ଗୀତ ତା'ର ପରମପ୍ରିୟ । ଜୀବନର ଏମିତି କୌଣସି କ୍ଷେତ୍ର ନାହିଁ, ଏମିତି କୌଣସି ପରିବେଶ ନାହିଁ ଯେଉଁଠି ସେ ଏ ପରବଗୀତ ଗାଇନାହିଁ । ସବୁ ଅସୁବିଧା ଓ ଅଭାବବୋଧ ସତ୍ତ୍ୱେ ଜୀବନ ପ୍ରତି ସେମାନେ କେବେ ବିମୁଖ ଭାବ ଦେଖାନ୍ତି ନାହିଁ । ସହନଶୀଳତା ଓ ଜୀବନ ପ୍ରତି ଗଭୀର ଅନୁରାଗ ଏକ ସ୍ୱତନ୍ତ୍ର ବିଭବ ଭାବେ ଏମାନଙ୍କ ସାଂସ୍କୃତିକ ଜୀବନରେ ଜଡ଼ିତ ହୋଇଛି ।

ଗୀତ ନାଚ ଭିତରେ ଜୀବନର ଦୁଃଖକୁ ଭୁଲି ପ୍ରକୃତି ଭିତରେ ପ୍ରକୃତିର ଅଙ୍ଗ ପାଲଟିଯିବା କେବଳ ଏହିପରି ଆଦିବାସୀମାନଙ୍କଠାରେ ହିଁ ସମ୍ଭବ । ଏସୀ ଚଢ଼େଇ, ଲିଟି ଚଢ଼େଇ, ସେବତୀ ସୋରା, କୁରେଇ ଫୁଲକୁ ଉପଲକ୍ଷ୍ୟ ଦେଇ ସେ ଯେତେବେଳେ ଗୀତ ଗାଏ ଶବ୍ଦର ପ୍ରାଚୀନ ଓ ଅସାଧାରଣ ବ୍ୟବହାର ଗୀତର ପ୍ରାଣସ୍ପନ୍ଦନକୁ ତୀବ୍ର କରିଦିଏ । ସଂଗୀତର ଭାବମୂର୍ଚ୍ଛନାରେ ଉଦ୍ଘାଟିତ ହେଇଯାଏ ପରିବେଶ । ପ୍ରେମର ସନ୍ତକ ଫୁଲ ଓ ଅନ୍ତରଙ୍ଗତା ପାଇଁ ପାନିଆକୁ ପ୍ରତୀକ ରୂପେ ଆଣିଛି ପ୍ରେମିକ । ତା'ର ପ୍ରେମର ସନ୍ତକକୁ ସ୍ୱୀକାର କରିବ ତା'ର ପ୍ରେମିକା ବୋଲି ସେ ଅପେକ୍ଷା କରିଛି । ଅଥଚ ପ୍ରେମିକା ଆସିନାହିଁ, ରାତି ପାହିଯାଇଚି । ଗଭୀର ମନଦୁଃଖରେ ପ୍ରେମିକ ଗାଉଛି–

"ଫୁଲ ଘେନିଗଲି କଟନି କଟେ
ପାନିଆ ଘେନିଲି ହାଟେ
ଜାଗିରା ବୋଲେ ଜାଗି ରେଲି
ତମର୍ ଗାଁ ପାନିଘାଟେ ।"

ଏ କଥା ଶୁଣି ପ୍ରେମିକା ହସିଦେଉଚି । ପାଣିଘାଟର ପ୍ରତୀକ୍ଷା କଥାଶୁଣି ସେ ଉତ୍ତର ଦେଇ ଗାଉଚି–

"ଆଟା ତୁଡୁଙ୍ଗିଆ ବାଇଗନ ଡେଟି
ନ ଜୁଡୁଙ୍ଗିଆ ଲିଟି
ଆମାର ଯୁଗର ରାଜା ଲେକି ପାଟାଇଲା
ଉଦ୍‌ଲିଆ ଯିବା ଚିଟି"

ଯଥାର୍ଥରେ ପରଜା ଗୀତ ସଂପର୍କିତ ଏକ ଆଲୋଚନାରେ କୁହାଯାଇଛି – "ଲୋକଗୀତ କୋରାପୁଟ ଆଦିବାସୀ ସଙ୍ଗୀତର

ଚମତ୍କାରୀ ବିଭବ । ଏହାର ଶୈଳୀ, ସଂରଚନା, ଭାବ ସଂପ୍ରେକ୍ଷଣ କ୍ଷମତା, ହୃଦୟ ଗ୍ରାହ୍ୟ ଭାବାଭିବ୍ୟକ୍ତି, ସାବଲୀଳତା ଓ ସରଳ ପ୍ରତୀକର ସଂଯୋଜନା ଗୁଡ଼ିକୁ ବିଶ୍ଳେଷଣ କଲେ ଭେରିଅର ଏଲୱିନଙ୍କ କଥନ ମନକୁ ଆସେ; କେତେକ ଲୋକଗୀତର ଆତ୍ମିକ ଓ ଆଙ୍ଗିକ ସୁଷମାକୁ ଯଦି ସାଂପ୍ରତିକ ଲିଖିତ କବିତା ସହ ତୁଳନା କରାଯାଏ, ତାହାହେଲେ କାବ୍ୟନିଷ୍ଠତା ଏବଂ ସୌନ୍ଦର୍ଯ୍ୟ ଦୃଷ୍ଟିରୁ ପ୍ରତୀକର ବ୍ୟବହାର ଏବଂ ଚିତ୍ରକଳ୍ପ ଦୃଷ୍ଟିରୁ ଏହାର ମହତ୍ତ୍ୱ ଯେ କେତେ ଉର୍ଦ୍ଧ୍ୱରେ ସହଜରେ ଜାଣିହେବ ।" (୧)

ପରଜା ସଂପ୍ରଦାୟରେ ପୁଅଝିଅ ପରସ୍ପର ରାଜି ହେଲେ ଅନ୍ୟ ଗ୍ରାମରେ ଥିବା ସାଙ୍ଗ କିମ୍ବା ବନ୍ଧୁଙ୍କ ଘରକୁ ଲୁଚିକି ପଳାନ୍ତି । ସେଠାରୁ ଫେରି ସ୍ୱାମୀ ସ୍ତ୍ରୀ ଭାବରେ ରହନ୍ତି । ଏଥିପାଇଁ ବିବାହ କର୍ମ କରାଯାଏ ନାହିଁ । କନ୍ୟାପିତା ଓ ବରଘର ଲୋକେ ମିଶି ଅନ୍ୟ ବନ୍ଧୁ କୁଟୁମ୍ବଙ୍କୁ ଭୋଜି ଦିଅନ୍ତି । ଏହାକୁ ଉଦୁଲିଆ ବିଭା କୁହାଯାଏ । ସେହି ସମୟରେ ଧାଙ୍ଗଡ଼ା ଓ ଧାଙ୍ଗଡ଼ୀ ଏହି ଗୀତ ଗାଇଥାଆନ୍ତି–

ଧାଙ୍ଗଡ଼ା– ବାରଲୋକ ସଙ୍ଗେ ବଜାର ବୁଲି
ନାକେ ନାକଚଣା କାନରେ ଫୁଲି
ତୁଣ୍ଡରେ ରଖିଛ ଖିଲି
ହାତ ଧରି କେତେ କାନେ କହିଲି
ଉଦୁଲିଆ ଯିବା ବୋଲି
ବୁଧୁବାର ହାଟ ଚଉଳ ବିରି
ମନରେ ଦେଲୁ ପାଶୋରି ।

ପ୍ରକୃତି ଆଦିବାସୀଙ୍କ ଜୀବନ ଧାରଣାର ଉତ୍ସ । ଅନ୍ୟ ଆଦିବାସୀଙ୍କ ପରି ପରଜା ବିଶ୍ୱାସ କରନ୍ତି ପାହାଡ଼, ଡଙ୍ଗର, ନଦୀ, ନାଳ, ଜଙ୍ଗଲ, ଚନ୍ଦ୍ରସୂର୍ଯ୍ୟ, ମାଟି, ପାଣିପବନ ସବୁ ପଦାର୍ଥରେ ଜୀବସତ୍ତା ରହିଛି । ଏ ସମସ୍ତ ତାଙ୍କର ପୂଜ୍ୟ । ପରଜାଙ୍କର ସମସ୍ତ ପର୍ବପର୍ବାଣୀ ଓ ଉତ୍ସବରେ ପ୍ରଥମେ ପିତୃପୁରୁଷଙ୍କ ଆତ୍ମାକୁ ଆବାହନ କରାଯାଏ । ଯେକୌଣସି ପୂଜାପର୍ବରେ ପିତୃପୁରୁଷଙ୍କୁ ବାଟଘାଟରେ ପୂଜା କରାଯାଏ । ଯାତ୍ରାର ପୂର୍ବଦିନ ଏହି ପୂଜା ହୁଏ । ସେଦିନ କେହି କାମକୁ ଯାଆନ୍ତିନି । ଗାଁ ବାରିକ (ଚଲାନ) ଘର ଘର ବୁଲି ପତରି (ଚଉଳ) ମାଗିବାକୁ ଯାଏ । ସେଇ ଚଉଳକୁ ନେଇ ମଣ୍ଡୁ କିମ୍ବା ନିଶାନୀମୁଣ୍ଡାରେ ଦିଶାରୀ ପୂଜା କରନ୍ତି ଓ ଡୁମ୍ବା ପୂଜାବେଳେ ସେମାନେ ନିମ୍ନୋକ୍ତ ଗୀତଟିକୁ ଗାଇଥାଆନ୍ତି ।

"ଆଜି ଜୁହାର ମାପୁରୁ ଈଶ୍ୱର ରାଜା, ପାରବତୀ ମନିଆ
ତଳେ ସାତପୁର ଉପରେ ଚଉଦପୁର
ତୁଇ ଦିଲା ଛାକର ବାନା, ତୁଇ ଦିଲା ମଛିର ବାନା
ମୁଇଁ ଆରି ବୋଲି ନଜାଣି, କିଛି ବୋଲି ନଶୁଣି
କୁଲା ଆଡ଼େକ ଉଦୁଲିସ୍, ଡଲା ଆଡେକ୍ ଉଦୁଲିସ
ରାଣ୍ଡିକ ଦେଖୁଲିସ ଚରଣୀ,
ଚାଡ୍ରିକ୍ ମଟିପୁର ମଣ୍ଡଳେ ଛାଟିପୁର ମଣ୍ଡଳେ
ଆଜି ଆମ୍ ନୂଆଇ ଜାମ ନୂଆଇ ଲାଗଲି
ଗୁଧୁଗୁଦି ଆସା, ରୁମୁରୁମି ଆସା
ଦେବୀର ଷୋଳ ଡୁମ୍ବାର ଗଳ,
ମିଶାମିଶି କରି ବିଳିକରି ଖାଆଁ
ରିସାକେ ଯାହାନାଇ ଡାରାକେ ଯାହା ନାଇ
ଅଗିଖାଆ ଚିମିକି ଖାଆ କାଏକ ନାଟ ନାଇ,
କାଆକେ ପିଟନାଇ ।"

ଡୁମ୍ବାକୁ ସନ୍ତୁଷ୍ଟ କରିବାକୁ କଦଳୀ, ନଡ଼ିଆ, ଧୂପ, ଦୀପ, ପନିପରିବା ଆଦି ରାସ୍ତା ମଝିରେ ପୂଜା କରି ଆବାହନ କରି କହନ୍ତି– "ତମକୁ ଆମେ ପ୍ରଣାମ କରୁଚୁ । ତଳେ ସାତପୁର ଉପରେ ଚଉଦପୁର, ତୁ ମଥା ଉପରେ ଆମକୁ ଚନ୍ଦୁଆ ଦେଇଚୁ, ଆମକୁ କୁଲା ଆଢୁଆଳରେ, ଡାଲା ଆଢୁଆଳ କରି ରଖିଥା । ତୁମ ପାଖରେ ନୂଆ ଶସ୍ୟ ସମର୍ପଣ କରୁଚୁ । ଧିରେ ଧିରେ ଆସ । ଦାଣ୍ଡରେ ଚଲିଲାବେଳେ ଆମ ପାଦକୁ କଣ୍ଟା ନଲାଗୁ । ହଠାତ୍ ଆସି କାହାକୁ ଡରାଅନି, କାହାକୁ ପିଟନି । ଫଳଫୁଲ ଖାଆ, ନିଆଁ ଖା ।'' ଏପରି କହି ସେମାନେ ମୃତ ପୂର୍ବପୁରୁଷଙ୍କୁ ଆବାହନ କରନ୍ତି ।

ଗାଁରେ ଭଲ ଫସଲ ହେଉ, ଗ୍ରାମବାସୀ ମାନେ ନିରୋଗ ରହନ୍ତୁ, ଏହା କାମନା କରି ବିଭିନ୍ନ ପର୍ବପର୍ବାଣୀରେ ପରଜାମାନେ ଗ୍ରାମଦେବତୀ ମାଣ୍ଡୁ, ଝାକେରକୁଡ଼ି, କିମ୍ବା ନିଶାଣୀମୁଣ୍ଡା ଠାରେ ଗୀତନାଚ କରନ୍ତି । ପୁଷପରବ ଝରୁଣୀ ଗୀତରେ ସେମାନେ କହନ୍ତି–

ଝରୁଣତା ଝରୁଣ ହ ମାଲି ଝରୁଣୁ
ଝରୁଣତା ଝରୁଣ ହ ଛିପା ଝରୁଣୁ
ଗାଏଁ ରେତା ଆତା ପାଟୁ ଷାଠେ ସରାଣୁ
ଗାଏଁ ରେତା ଭେଣୀ ଦଣ୍ଡୁ ଶହେ ଜୁହାରୁ...ଇତ୍ୟାଦି
ପୁଷ୍ ପରବ ପିଠାଲାନ୍ଦି ଗୀତରେ କହନ୍ତି –

ବାଲିଫୁଲୁ ଲିଆସନା, ଛେମ୍ରି ଫୁଲୁ ଲିଆ
ଗାଏଁ ରେତା ଆତାମାଠୁ, ଭଲୁ ପାଠୁ ଦିଆ
ଗାଏଁ ରେତା ଭେଣୀଦଣ୍ଡୁ ଭଲୁ ଦିସା ଦିଆ
ତିନିଦଣ୍ଡେ ବୁଲି ଗଲେକ୍, ଗଡ଼କେ ନାସ ଲଟା
ଋରି ଦଣ୍ଡେ ଛାଲି ଗଲେକ୍, ମୁଣ୍ଡକେ ନାସ ଲଟା...

ଅର୍ଥାତ୍- ଆମକୁ ଭଲ ବୁଦ୍ଧି ଦିଅ, ଭଲ ଦିଗ ଦେଖାଅ, ରାସ୍ତା ଦେଖାଅ । ବୁଲିଗଲା ବେଳେ କୌଣସି ଅସୁବିଧା ନହେଉ । ପାଦକୁ ମଥାକୁ ବାଧା ନ ଆସୁ ।

ସେଇପରି ଜାକେର କୁଡ଼ିଙ୍କୁ ପୂଜା କରି ଗୋଟିଏ ବୁଢ଼ା ବା ପୋଢ଼ ବଳି ଦେଇ ସେମାନେ କହନ୍ତି ଋଲ ଦିନସାରା ନାଚିନାଚି ଗାଇବା । ନିଜ ଗାଁ ଓ ପରିବାରକୁ  ଜାକେର କୁଡ଼ି ଓ ସବୁ ଦେବତା କୁଶଳ ମଙ୍ଗଳରେ ରଖନ୍ତୁ ବୋଲି ଗୀତରେ ତାଙ୍କୁ ନିମନ୍ତ୍ରଣ କରନ୍ତି-

ଖଖରୀ ବୁଢ଼ା ମାର୍‌ଲା ଦିନୁ
ଖଣ୍ଡିଆ ଗୁନା ତପ୍‌ଲା ଦିନୁ
ନାଚୁ ବେଡୁ ବୁଡ଼ି ପୋ ଗାଣ୍ଡେ
ଗାଉଁ ସରୁ ରାତି ପୋ...
ରିଶି କାକ୍‌ଡ଼ା ଆଣଲା ଦିନୁ
ପାଣି ଚିଙ୍ଗଡ଼ା ଆଣଲା ଦିନୁ
ନାଚି ନାଚି ଯୁ ପୋ ଗାଣ୍ଡେ
ଡଗାଇ ଡଗାଇ ଯୁ ପୋ...

ଅନୁରୂପ ଭାବେ ଋଷ କଲାବେଳେ ଋଷଗୀତ ଗାଇ ଗାଇ କହନ୍ତି-

ଆସା ଆସା ମୋର ଲବଙ୍ଗଲତା
ଗଡ଼େ ଘେନିଦେବି ପାଣ୍ଡଇ ଜତା
ହାତେ ଘେନିଦେବି ଛତା
ଜୀଇଁବା ଖାଇବା କାତା
ବୁନିଲା କଲତ ଉଠିଲା ବିରି
ଫୁଲ୍ ଫୁଟିଯାଏ ନବିନା ଗୋରୀ
ଫଳ ଧରୁଥାଏ ଟବା
ଆସ ମୋର ଫୁଲ ଗଭା ।

ନୃତ୍ୟ ଓ ସଙ୍ଗୀତ ଆଦିବାସୀ ସଂସ୍କୃତିର ମହାର୍ଘ ବିଭବ । ପ୍ରକୃତି ପରିପୁଷ୍ଟ, ପ୍ରକୃତିର ରାଗରାଗିଣୀ ଓ ଛନ୍ଦଭରା ଅପୂର୍ବ କଳାର ସୃଷ୍ଟି, ଜୀବନର କମନୀୟ ପରିପ୍ରକାଶ । ପ୍ରକୃତିର ଆରାଧନା ପାଇଁ ମୁଖ୍ୟତଃ ଉଦ୍ଦିଷ୍ଟ ଏଇ କଳାତ୍ମକ କୃତି ସମୂହ । ଆଦିବାସୀଙ୍କ ସାଂସ୍କୃତିକ ଜୀବନରେ ବିଲୟର ପଦଧ୍ୱନି ଏବେ ସ୍ପଷ୍ଟତର ହେଇଉଠୁଚି । ପ୍ରକୃତିର ଏଇ ସ୍ୱୟଂଋଳିତ ଅନୁଷ୍ଠାନଗୁଡ଼ିକ ଆଜି ବିପର୍ଯ୍ୟସ୍ତ । ଏଗୁଡ଼ିକର ସଂରକ୍ଷଣ ଓ ସମୃଦ୍ଧି ଆମମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଓ ଆହ୍ୱାନ ହେଇ ଉଠିଛି ।

**ସହାୟିକା ଗ୍ରନ୍ଥସୂଚୀ :**


୧. କୋରାପୁଟ ଆଦିବାସୀ ସଂସ୍କୃତି, ସୁବାସ ଚନ୍ଦ୍ର ମିଶ୍ର, ପରବ-୯୬ ସ୍ମରଣିକା, ଜିଲ୍ଲା ସଂସ୍କୃତି ପରିଷଦ, ପୃଷ୍ଠା-୩

୨. କୋରାପୁଟର ଆଦିବାସୀ ଲୋକ ସଂସ୍କୃତି, ଡକ୍ଟର ରାଜେନ୍ଦ୍ର ପାଢ଼ୀ, ସୁବର୍ଣ୍ଣଶ୍ରୀ ପ୍ରକାଶନୀ, ୨୦୦୯

୩. ଜନଜାତି ସଂସ୍କୃତି, ପ୍ରକୃତି ଓ ପ୍ରଗତି, ଉମାକାନ୍ତ ଦାଶ, ତୀରତରଙ୍ଗ, ୨୦୨୧

୪. ଓଡ଼ିଆ ସାହିତ୍ୟ ଓ ଆଦିବାସୀ ସଂସ୍କୃତି, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ୨୦୦୪

୫. ପରବ ସ୍ମରଣିକା, ଜିଲ୍ଲା ସଂସ୍କୃତି ପରିଷଦ, କୋରାପୁଟ



ସହକାରୀ ପ୍ରଫେସର,
ସ୍ନାତକୋତ୍ତର ଓଡ଼ିଆ ବିଭାଗ
ସରକାରୀ ମହାବିଦ୍ୟାଳୟ, କୋରାପୁଟ

ISSN -2583-147X(P), Vol.- 8, Issue No. IX, December 2022
Bastabatara Pariprakash Prachee
*Peer Reviewed and Referred Research Journal*

# ଆଧୁନିକ ଓଡ଼ିଆ କବିତାରେ ପ୍ରତୀକ : ସ୍ଥିତି ଓ ସ୍ଥାପତ୍ୟ

**ଡକ୍ଟର ରାକେଶ କୁମାର ବିଶି**

ବସ୍ତୁକୁ ଅତିକ୍ରମ କରି ବସ୍ତୁରୂପକୁ ଧରିବାର ପ୍ରଚେଷ୍ଟାରୁ 'ପ୍ରତୀକର' ଆବିର୍ଭାବ । 'ପ୍ରତୀୟତେ ଅନେକ ଇତି ପ୍ରତୀକ'- ଅର୍ଥାତ୍ ଯାହା ଦ୍ୱାରା ପ୍ରତୀତ ହୁଏ, ତାହା ହିଁ ପ୍ରତୀକ । ମଣିଷର କଳ୍ପନା ଜଗତରେ ଭାସମାନ କୌଣସି ଆବେଗ ବା ଭାବରାଜିର ସଙ୍କେତ ରୂପେ ପ୍ରତୀକକୁ ଗ୍ରହଣ କରିଯାଇଥାଏ । "ସଂକେତୋ ବଗୃହତେ ଜାତୌ ଖୁଣ ଦ୍ରବ୍ୟ କ୍ରିୟାଷୁଚ ।" ଅପ୍ରସ୍ତୁତ ବସ୍ତୁକୁ ପ୍ରତୀକ ସାଂକେତିକ ରୂପ ଦେଇଥାଏ । ଆପଣାର ଅନୁଭୂତି ବା ଭାବରହସ୍ୟକୁ ଭାଷାର ପରିଧିରେ ଆୟତ୍ତ କରିବାକୁ ମଣିଷ ଯେତେବେଳେ ସମର୍ଥ ହୁଏ ନାହିଁ, ସେତେବେଳେ ତାହାର ପରିପ୍ରକାଶ ପାଇଁ ସାହିତ୍ୟରେ ପ୍ରତୀକର ବ୍ୟବହୃତ ହୁଏ । ସାହିତ୍ୟରେ ଚିରକାଳ ପ୍ରତୀକର ବ୍ୟବହାର ହୋଇଆସିଛି । ଏହି ccǒe A.Symons କହନ୍ତି - "Without symbolism there can be no literature." ପ୍ରତୀକ ବିନା ସାହିତ୍ୟର ଅସ୍ତିତ୍ୱ ପରିକଳ୍ପନା କରାଯାଇନପାରେ ।

ଓଡ଼ିଆ କବିତାରେ ପ୍ରତୀକର ପ୍ରଚଳନ କେହି କେହି ଗବେଷକ 'ଚର୍ଯ୍ୟାସାହିତ୍ୟ'ରୁ ଆରମ୍ଭ ବୋଲି କହୁଥିବା ବେଳେ ବାସ୍ତବରେ ଚର୍ଯ୍ୟାସାହିତ୍ୟ ସୃଷ୍ଟି ହେବାର ଦୀର୍ଘ ବର୍ଷ ପୂର୍ବରୁ ଲୋକଗୀତଗୁଡ଼ିକରେ ପ୍ରତୀକର ଅବସ୍ଥିତିକୁ ଆମେ ଲକ୍ଷ୍ୟ କରୁ । ଅବଶ୍ୟ ଏହା କୁହାଯାଇପାରେ ଯେ, ଲୋକଗୀତ ମଧ୍ୟସ୍ଥ ପ୍ରତୀକର ପ୍ରୟୋଗ ସ୍ରଷ୍ଟାର ଅଗୋଚରରେ ହୋଇଥାଏ । ସେହି ଦୃଷ୍ଟିକୋଣରୁ ବିଗ୍ଚର କଲେ ଚର୍ଯ୍ୟାସାହିତ୍ୟରେ ହିଁ ସର୍ବପ୍ରଥମେ ସ୍ରଷ୍ଟାର ପ୍ରଚେଷ୍ଟାରେ ସ୍ୱେଚ୍ଛାକୃତ ଭାବରେ କବିତାମାନଙ୍କରେ ପ୍ରତୀକର ବ୍ୟବହାର ହୋଇଛି ।

ଆମ ପ୍ରାଚୀନ ଓଡ଼ିଆ କବିତାଗୁଡ଼ିକରେ ପ୍ରତୀକର ପ୍ରଚୁର ବ୍ୟବହାର ଆମେ ଲକ୍ଷ୍ୟ କରୁ । ଅନୁରୂପ ଭାବରେ ଆଧୁନିକ ଓଡ଼ିଆ କବିତା ମାନଙ୍କରେ ମଧ୍ୟ ଆମେ ଏହି ପ୍ରତୀକ ପ୍ରୟୋଗର ସଫଳତା, ବ୍ୟାପକତା, ଗଭୀରତାକୁ ଲକ୍ଷ୍ୟ କରିଥାଉ ।

ଆଧୁନିକ ଓଡ଼ିଆ ସାହିତ୍ୟରେ ଯଥାର୍ଥରେ କବି ସଚ୍ଚିଦାନନ୍ଦ ରାଉତରାୟ ହିଁ ପ୍ରତୀକ ପ୍ରୟୋଗର ଏକ ସୁସ୍ଥ ପରମ୍ପରା ସୃଷ୍ଟି କରିବାରେ ସକ୍ଷମ ହୋଇଥିବା ପରି ମନେହୁଅନ୍ତି । ତାଙ୍କର ପ୍ରାୟ କବିତାମାନଙ୍କରେ ପ୍ରତୀକର ସଫଳ ପ୍ରୟୋଗ ଦେଖିବାକୁ ମିଳେ । ସଚ୍ଚି ରାଉତରାୟଙ୍କ ବୟୋଜ୍ୟେଷ୍ଠ କବି ଗୋପାଳଚନ୍ଦ୍ର ମିଶ୍ର, ଗୋଦାବରୀଶ ମହାପାତ୍ର, ବୈକୁଣ୍ଠନାଥ ପଟ୍ଟନାୟକ, ମାୟାଧର ମାନସିଂହ, ରାଧାମୋହନ ଗଡନାୟକ ପ୍ରଭୃତି କବିମାନଙ୍କ ରଚନାରେ ପ୍ରତୀକ ପ୍ରୟୋଗର ସଫଳତା ରହିଛି ।

ଏହାର ପରବର୍ତ୍ତୀ କାଳରେ ଜାନକୀବଲ୍ଲଭ ମହାନ୍ତି, ଗୁରୁପ୍ରସାଦ ମହାନ୍ତି, ଭାନୁଜୀ ରାଓ, ରମାକାନ୍ତ ରଥ, ଶରତଚନ୍ଦ୍ର ପ୍ରଧାନ, ସୀତାକାନ୍ତ ମହାପାତ୍ର, ବେଣୁଧର ରାଉତ, ସୌଭାଗ÷ କୁମାର ମିଶ୍ର ପ୍ରଭୃତିଙ୍କ କବିତାଗୁଡ଼ିକରେ ପ୍ରତୀକ ପ୍ରୟୋଗର ଶ୍ରେଷ୍ଠତ୍ୱକୁ ଆମେ ସ୍ପର୍ଶ କରିଥାଉ ।

"ଆଧୁନିକ ଓଡ଼ିଆ କବିତାରେ କବିମାନେ ସାର୍ବଜନୀନ ଓ ପାରମ୍ପରିକ ପ୍ରତୀକ ଯେପରି ଭାବରେ ପ୍ରୟୋଗ କରିଛନ୍ତି, ସେହିପରି ଭାବରେ ବ୍ୟକ୍ତିଗତ ପ୍ରତୀକ ପ୍ରୟୋଗ ମାଧ୍ୟମରେ କବିତାକୁ ଅଧିକ ସୂକ୍ଷ୍ମବୋଧ ଶକ୍ତିର ଉପାଦାନ ଭାବେ ଗଢ଼ି ତୋଳିଛନ୍ତି । କିନ୍ତୁ କେତେକ କ୍ଷେତ୍ରରେ ଆଧୁନିକ ଓଡ଼ିଆ କବି ଅତି ବୌଦ୍ଧିକତାର ଛଦ୍ମତା କରି ଏପରି ଅବୋଧ ବ୍ୟକ୍ତିଗତ ପ୍ରତୀକ ସବୁ ପ୍ରୟୋଗ

କରିଛନ୍ତି, ଯାହା ସେମାନଙ୍କ କବିତାକୁ ଅଯଥା ଦୁର୍ବୋଧ୍ୟ କରି ପକାଇଛି । ଆଧୁନିକ ମଣିଷର, ହତାଶା, ନୈରାଶ୍ୟ, ଅନ୍ତର୍ଦ୍ୱନ୍ଦ୍ୱ, ବିଭାଜିତ ବ୍ୟକ୍ତିସତ୍ତା, ମାନସିକ ସନ୍ତୁଳନ ଓ ବ୍ୟର୍ଥତାବୋଧ, ଯୌନପିପାସା, ବ୍ୟଭିଚାର ଇତ୍ୟାଦି ପ୍ରତୀକ ଦ୍ୱାରା ବେଶ୍ ସ୍ପଷ୍ଟ ଭାବରେ ପ୍ରକାଶ ପାଇପାରିଛି । ତତ୍‌ସହିତ ସମୁଦ୍ର, ସୂର୍ଯ୍ୟ, ପକ୍ଷୀ, ଲଣ୍ଠନ, ଗୋଲାପ, କଣ୍ଟା, ବନ୍ଧୁକ, ଚିମିନି ଇତ୍ୟାଦି ଅନେକଙ୍କୁ ଏମାନେ ପ୍ରତୀକଭାବରେ ଗ୍ରହଣ କରି ରସୋତ୍ତୀର୍ଣ୍ଣ କବିତା ସୃଷ୍ଟି କରିପାରିଛନ୍ତି ।"୧ ଏହି ପରିପ୍ରେକ୍ଷୀରେ କିଛି ଲବ୍ଧ ପ୍ରତିଷ୍ଠିତ କବିଙ୍କର କିଛି କବିତାକୁ ଆଲୋକପାତ କରାଯାଇପାରେ, ଯେଉଁମାନଙ୍କର କବିତାରେ ପ୍ରତୀକର ସଫଳ ପ୍ରୟୋଗ ପରିଦୃଷ୍ଟ ।

ଡକ୍ଟର ଗୋପାଳଚନ୍ଦ୍ର ମିଶ୍ର ଆଧୁନିକ କାବ୍ୟ ଜଗତରେ ଏକ ସଶ୍ରଦ୍ଧ ଉଚ୍ଚାରଣ । ତାଙ୍କ 'କପୋତ ଡେଣାର ଛାଇ' କବିତାରେ କପୋତ ଶାନ୍ତିର ଦୂତ ରୂପେ ପ୍ରତୀକିତ । କବିଙ୍କ ଭାଷାରେ–

"ଆକାଶର ଅଧାବାଟେ
ଆକସ୍ମିକ ଦେଖାହୁଏ ଯେବେ ଝଡ଼ସହ
ତୁମେ ତାକୁ ଡେଣା ପରେ ଚାପିନେଇ
ପୃଥ୍ୱୀ ପାଇଁ ବୁଝାଇ ଦିଅନ୍ତ
ଏ ପୃଥିବୀ କେତେ ଶାନ୍ତ
କେତେ ସ୍ନିଗ୍ଧ ରତ୍ନଗର୍ଭା ବସୁନ୍ଧରା
ହେ ଅଣନିଃଶ୍ୱାସୀ ଝଡ଼
ତୁମେ ତାକୁ କର ନାହିଁ ଖଣ୍ଡିଆ ଖାବରା ।"
(କପୋତ ଡେଣାର ଛାଇ)

କପୋତ ପକ୍ଷୀର କ୍ଷୁଦ୍ର ଡେଣା ଭିତରେ ଯୁଦ୍ଧଖୋର ଧ୍ୱସ୍ତବିଧ୍ୱସ୍ତ ପୃଥିବୀକୁ ଶାନ୍ତି ପ୍ରଦାନ ଓ ଆଶ୍ରୟ ଦେବାର ଭାବନା ଭିତରେ ଯେଉଁ ପ୍ରତୀକ ବ୍ୟବହୃତ ହୋଇଛି, ତାହା ବାସ୍ତବରେ ହୃଦୟସ୍ପର୍ଶୀ ।

ଠିକ୍ ସେମିତି ଗୋଦାବରୀଶ ମହାପାତ୍ରଙ୍କ 'ପେଚା' କବିତାରେ ପେଚା ପାଲଟିଛି ଯୁଦ୍ଧଖୋର, ନୃଶଂସ, ନରହତ୍ୟାକାରୀ, ଧ୍ୱଂସକାରୀ ଅଥଚ ଭୀରୁ ଅମଣିଷ ରୂପକ ପ୍ରତୀକ ଭାବରେ । ଏଣୁ କବି କୁହନ୍ତି –

"ବିଶାଳ ସେ ଚକ୍ଷୁ ଯୁଥ, ତିକ୍ଷ୍ଣ ଚଂଚୁ ପ୍ରଖର ନଖର
ଝାଡ଼ି ତୁମେ ଗଲେ ଉଡ଼ି ମନେ ଜାଗେ ଚମକ ପ୍ରଖର
ହେ ଦିବାନ୍ଧ ଚକାଡୋଳା ଭୀରୁ ସମ ଲୁଚି ରହି କାହିଁ
କରୁଚ ଶିକାର କରେ ଅନ୍ଧକାରେ ଜଣାପଡୁନାହିଁ ।"
(ପେଚା)

କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ 'ପାନ୍ଥଶାଳା' କବିତାରେ ପ୍ରତୀକର ସଫଳ ପ୍ରୟୋଗ ହୋଇଥିବା ଦେଖାଯାଏ । ଏଠି ପଥଚାରୀ ମାନଙ୍କୁ ଆଶ୍ରୟ ଦେଉଥିବା ଘର ପାନ୍ଥଶାଳା ନୁହଁ । ଏଠି ବରଂ କବି ଆତ୍ମା ରୂପୀ ପଥିକର ଶ୍ରେଷ୍ଠ ଓ ସର୍ବୋତ୍ତମ ପାନ୍ଥଶାଳା ପରମାତ୍ମା ବୋଲି ବ୍ୟକ୍ତ କରିଛନ୍ତି । ଦୁଃଖ କଷ୍ଟପୂର୍ଣ୍ଣ ସଂସାର ତା' ପାଇଁ କେବଳ ସାମୟିକ ଆଶ୍ରୟସ୍ଥଳ ପାନ୍ଥଶାଳା ଅଟେ ।

ରାଧାମୋହନ ଗଡ଼ନାୟକ ତାଙ୍କ କବିତା 'ପ୍ରେମର ପ୍ରତୀକ' ରେ ପ୍ରେମର ପରିଭାଷାକୁ ଭିନ୍ନ ରୂପରେ, ଭିନ୍ନ ଢଙ୍ଗରେ ପ୍ରକାଶ କରି କୁହନ୍ତି –

"ଆଷାଢ଼ର ବିଜୁଳିଟି
ମୋର ପ୍ରେମର ପ୍ରତୀକ"
ବା
"ବସନ୍ତର କୋଇଲିଟି
ମୋର ପ୍ରେମର ପ୍ରତୀକ ।"

ଆଧୁନିକ ଓଡ଼ିଆ ସାହିତ୍ୟର ଅନ୍ୟତମ ଜଣେ ସଫଳ କବି ହେଲେ ଗୁରୁପ୍ରସାଦ ମହାନ୍ତି । ଯାହାଙ୍କ କାବ୍ୟ କବିତାରେ ପ୍ରତୀକର ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ପ୍ରୟୋଗ ଦେଖିବାକୁ ମିଳେ । ଯାହାର ଏକ ବଳିଷ୍ଠ ପ୍ରମାଣ ହେଉଛି 'ସମୁଦ୍ର ସ୍ନାନ' କବିତାଗ୍ରନ୍ଥ । 'ସମୁଦ୍ରଗ୍ରନ୍ଥ' ରେ ଯୁଦ୍ଧୋତ୍ତର ପୃଥିବୀର ଅନେକ ବିଷୟ ପ୍ରତୀକାତ୍ମକ ଭାବରେ ଅଭିବ୍ୟକ୍ତ ଲାଭ କରିଛି । ଯେପରି –

"ମୁଁ ବସେ ଝରକା ପାଖେ ଯାକି ଯୁକି
ଗୋଲ କରି ରଖି ମୋର ଛାତି ପକେଟରେ
ମଲ୍ଲୀହାର, ଚମ୍ପାକଦ, ଶାଢ଼ୀ ତାର ବ୍ଲାଉଜ ତାର

ଗୋଲଛାଟି କଳା ଆଖି ତାର

ରୁମାଲରେ ଯାକିଯୁକି ମନ ମୋର ଦେହ ମୋର

ଆତ୍ମା ମୋର ମୋ' ପୁରୁଷାକାର" । (ଗୋବର ଗଣେଶ)

ଏଠି ଗୋବର ଗଣେଶ ସାଂପ୍ରତିକ ସମୟର ଏକ ଆତ୍ମବିହୀନ ଗୌଣ ପ୍ରତୀକଟିଏ । ଏକ ଯୌନ ବିକାରଗ୍ରସ୍ତ ରୁଗ୍ଣ ଓ ଅସୁସ୍ଥ ମାନସିକତାର ପ୍ରତୀକ ।

ବେଣୁଧର ରାଉତଙ୍କ 'ସୁନା ସିଂହର ସ୍ୱପ୍ନ' ଓ 'କାଠଘୋଡ଼ା ପାଣି ପି' କବିତାରେ ଦୁଇଟି କାଳ୍ପନିକ ପ୍ରତୀକ ସର୍ଜନା କରିଛନ୍ତି । ଅନୁରୂପ ଭାବରେ ଜାନକୀ ବଲ୍ଲଭ ମହାନ୍ତିଙ୍କ ରଚିତ 'ବରଫହ୍ରଦ' ବୈଚିତ୍ର୍ୟତା ଦୃଷ୍ଟିରୁ ଉଲ୍ଲେଖଯୋଗ୍ୟ ।

"ମୋର ତୃଷ୍ଣା ତୁମ ନିକଟରୁ ଫେରିଆସେ

ତୁମର ଆପାତ ଅଚଂଚଳ ମୌନତା ହିଁ ଆଣେ ଆଘାତ

ତୁମେ କି' ରସର ଘନୀଭୂତ ରୂପ-ଅନାସ୍ୱାଦ୍ୟ !

ତୁମେ ବହିଛ ଅସାର୍ଥକ ସଂଚୟର ଜଡ଼ତା

ଉତ୍ତାପ ହୀନ ଅଶକ୍ତ ମୁଁ

ତୁମକୁ ବିଗଳିତ କରିବାକୁ

କୃତ୍ରିମ ଆଗ୍ନେୟ ବର୍ଚ୍ଛା ଏଣୁ

ତୁମକୁ ଉଦ୍ଦୀପ୍ତ ଉଜ୍ଜୀବିତ କରୁ

ହେ ନିଶ୍ଚଳ ତରଙ୍ଗହୀନଶ୍ରୀ

ହେ ନିଷ୍ଠୁର ରମଣୀୟ

ଏ ଗତିଶୀଳ ତୃଷାର୍ତ୍ତ ପଥିକର ଉପେକ୍ଷା ନେଇ

ତୁମେ ହୁଅ ସ୍ମରଣୀୟ ।" (ବରଫ ହ୍ରଦ)

ଈଶ୍ୱରଙ୍କ ପ୍ରତି ଆମର ଯେଉଁ ଅଭିଜ୍ଞତା 'ବରଫ ହ୍ରଦ'ର ପ୍ରତୀକ ମାଧ୍ୟମରେ ତାହା ନିଷ୍କପଟ ଭାବରେ ପ୍ରତିଫଳିତ ହୋଇଛି ।

ଆଧୁନିକ ଓଡ଼ିଆ କବିତାର ଅନ୍ୟତମ ସାରଥୀ ହେଲେ କବି ଭାନୁଜୀ ରାଓ । କବିଙ୍କ ଦୃଷ୍ଟିରେ ସମୁଦ୍ର ଜୈବିକ ଚେତନାର ପ୍ରତୀକ । ତାହା ସୌନ୍ଦର୍ଯ୍ୟ ଓ ଦେହାତୀତ ଭାବର ଭୂମି ମଧ୍ୟ । କବିଙ୍କ ଭାଷାରେ–

"ତୁମ ଆଖି ସବୁଜ ସମୁଦ୍ର

ତନୁତଟେ ଢେଉ ଭାଙ୍ଗିପଡ଼େ

ପ୍ରବାଳର ଓଠ ଥରେ/ ପୁଞ୍ଜ ପୁଞ୍ଜ ଫେଣର ଭିତରେ

ଦେହ ତୁମ ଭାଙ୍ଗି ପଡ଼େ

ଧୁଡୁ ଧୁଡୁ ତମ ଆଉ ହାଡ଼

ଲୋଚକୋଚ ଜରାର ପାହାଡ଼ ।"(ସାଗରକନ୍ୟା)

ସମୁଦ୍ର ମଧ୍ୟରେ କବି ଦେହର ଓ ସୌନ୍ଦର୍ଯ୍ୟର କ୍ଷୟଶୀଳତାକୁ ପ୍ରତୀକ ମାଧ୍ୟମରେ ପ୍ରତ୍ୟକ୍ଷ କରିଛନ୍ତି ।

କବି ଶରତଚନ୍ଦ୍ର ପ୍ରଧାନଙ୍କ 'ନଈ ଆଉ ମାଛ, ହଂସ ଓ ସାହସ' ଗ୍ରନ୍ଥରେ ଚରିଗୋଟି ପ୍ରତୀକ ବ୍ୟବହାର କରାଯାଇଛି । ତନ୍ମଧ୍ୟରୁ 'ହଂସ ପ୍ରତି' କବିତାରେ ହଂସକୁ ଆତ୍ମାର ପ୍ରତୀକ ରୂପେ ପରିକଳ୍ପନା କରାଯାଇ କୁହାଯାଇଛି –

"ପରରିଲି ହଂସ ଆରେ କାହିଁ ତୋର ଗ୍ରାମ

କେତେ ଦୂରେ ଯାତ୍ରା ପୁଣି କେଉଁଠି ବିଶ୍ରାମ ।"

ଜୀବାତ୍ମା ଯେପରି କୌଣସି ଜାଗତିକ ବନ୍ଧନରେ ସର୍ବଦା ବାନ୍ଧି ହୋଇ ରହିନଥାଏ, ସେହି ପରି ହଂସ ମଧ୍ୟ ଆଚରଣ କରେ । ଏଣୁ କବି ହଂସକୁ ଆତ୍ମାର ପ୍ରତୀକ ରୂପେ ଗ୍ରହଣ କରିଛନ୍ତି ।

ରମାକାନ୍ତ ରଥ ଆଧୁନିକ କାବ୍ୟ ସାମ୍ରାଜ୍ୟର ଅନ୍ୟତମ ଅପ୍ରତିଦ୍ୱନ୍ଦୀ ସାମ୍ରାଜ୍ଞୀ । ତାଙ୍କର ପ୍ରାୟ ମାତ୍ରାଧିକ କବିତାରେ ପ୍ରତୀକର ସଫଳ ପ୍ରୟୋଗ ପରିଲକ୍ଷିତ । ଏ ପରିପ୍ରେକ୍ଷୀରେ ତାଙ୍କର 'କେତେ ଦିନର' କାବ୍ୟଗ୍ରନ୍ଥସ୍ଥ 'ଲଣ୍ଠନ' କବିତାକୁ ବିଚାର କରାଯାଇପାରେ–

"କିରାସିନୀ, କିଛି ଧୂଆଁ, ବତି ଶିଖା ଏବଂ କିଛି କୀଟ

ଏ ସମସ୍ତ ଏକାକାର ଏ ଧାତବ ପରିବେଷ୍ଟନୀରେ

ଏ କଳେଇଛଡ଼ା ଟିଣ ପେଟ ତଳେ ଅଗ୍ନିର ସମୁଦ୍ର

ଢ଼େଉ ଭାଙ୍ଗି ଜଳୁଅଛି ଭୟଙ୍କର କୃଷ୍ଣ ରଜନୀରେ ।"

ଏଠାରେ 'ଲଣ୍ଠନକୁ' କବି ମାନବୀୟ ଅସ୍ତିତ୍ୱର ପ୍ରତୀକ ଭାବରେ ବିଚାର କରିଛନ୍ତି । ଲଣ୍ଠନର ଧାତବ ପରିବେଷ୍ଟନୀ ମଧ୍ୟରେ କିରାସିନୀ, ଧୂଆଁ, ଶିଖା, କୀଟ ଇତ୍ୟାଦିର ସ୍ଥିତି ଓ ଭୟଙ୍କର ଅନ୍ଧାର ରାତିରେ ଏହାର ଜ୍ୱଳନଜନିତ ଆଲୋକ ପ୍ରକାଶ ଆଧୁନିକ

ସମାଜର ଜଞ୍ଜାଳଗ୍ରସ୍ତ ବିବ୍ରତ ମାନବାତ୍ମାର ଅସ୍ତିତ୍ୱକୁ ପ୍ରତୀକ କରୁଛି । ତାଙ୍କର ଅନ୍ୟ ଏକ କବିତା 'ବାଘ ଶିକାର'କୁ ଲକ୍ଷ୍ୟ କରାଯାଉ–

"....ଯେତେବେଳେ ଚନ୍ଦ୍ର ବୁଡ଼ିଯିବ
ଅନ୍ଧାରର ସମୁଦ୍ରକୁ ଦୁଲୁକାଇ ଫେରିବ ସେ ବାଘ ।"

x x x

ମୁଁ ହାୟ ମୋହର କ୍ଷିପ୍ତ ଖଣ୍ଡ ଖଣ୍ଡ ଛୋଟ ଆଖି ଯୋଗୁଁ
ତାକୁ ଦେଖି ପାରିବିନି ଆଜୀବନ ଅପେକ୍ଷା ଉତ୍ତାରେ
ବାଘ ମଧ୍ୟ ଦେଖିବନି ମତେ ।

ଏଠାରେ ବାଘ ବ୍ୟକ୍ତିଗତ ଦୃଷ୍ଟିକୋଣରୁ ଏକ ଜଟିଳ, ଦୁର୍ବୋଧର ପ୍ରତୀକ, ପୁଣି ବାଘ ଏଠାରେ ହେଉଛି ସୃଷ୍ଟି ଓ ସଂହାରର ପ୍ରତୀକ ।

ରମାକାନ୍ତଙ୍କ ପରି ସୀତାକାନ୍ତ ମହାପାତ୍ର ମଧ୍ୟ ପ୍ରତୀକ ପ୍ରୟୋଗରେ ଜଣେ ସିଦ୍ଧହସ୍ତ କବି । ତାଙ୍କର ବିଭିନ୍ନ କବିତା ଗୁଡ଼ିକରେ ପ୍ରତୀକର ସଫଳ ପ୍ରୟୋଗ ହୋଇଥିବା ଦେଖାଯାଏ । ତାଙ୍କ ରଚିତ 'ଅଷ୍ଟପଦୀ' କବିତାର ଉଦାହରଣଟିଏ ନିଆଯାଇପାରେ–

"ହୃଦୟରେ ଖାଲି ମୋର କଣ୍ଟାବୁଦା, ଧସାବାଲି
ନାଗଫେଣୀ, ମରୁଭୂମି ଟୋପେ ନାହିଁ ଜଳ ।"

ଏଠାରେ ଆଧୁନିକ ମଣିଷର ସନ୍ଦେହ, ହତାଶା, ଯନ୍ତ୍ରଣାବୋଧ, ମୃତ୍ୟୁ କଳ୍ପନାର ଶୀତଳତା ହିଁ 'କଣ୍ଟାବୁଦା', 'ଧସାବାଲି', 'ମରୁଭୂମି' ଇତ୍ୟାଦି ଦ୍ୱାରା ପ୍ରତୀକିତ ହୋଇଛି ।

ଆଧୁନିକ ଓଡ଼ିଆ ସାହିତ୍ୟ ପୃଷ୍ଠାରେ ଏମିତି ଅନେକ ସଫଳ କବି ଅଛନ୍ତି, ଯେଉଁମାନଙ୍କ କବିତାରେ ପ୍ରତୀକର ପ୍ରୟୋଗ ସଫଳ ରୂପାୟଣ ଦେଖିବାକୁ ମିଳେ । ତନ୍ମଧ୍ୟରୁ ନୀଳାଦ୍ରି ଭୂଷଣ ହରିଚନ୍ଦନ, ପ୍ରସନ୍ନ କୁମାର ପାଟ୍ଟଶାଣୀ, ରାଜେନ୍ଦ୍ର କିଶୋର ପଣ୍ଡା, ସୌରୀନ୍ଦ୍ର ବାରିକ, ଦୀପକ ମିଶ୍ର, ପ୍ରସନ୍ନ ମିଶ୍ର, ଫନି ମହାନ୍ତି, ପ୍ରତିଭା ଶତପଥୀ, ହରପ୍ରସାଦ ଦାସ, ଗୋପାଳକୃଷ୍ଣ ରଥ, ଦେବଦାସ ଛୋଟରାୟ, ଗିରିବାଳା ମହାନ୍ତି, ପୀତାମ୍ବର ତରାଇ, ସେନାପତି ପ୍ରଦ୍ୟୁମ୍ନ କେଶରୀ, ଗିରିଜା କୁମାର ବଳିୟାର ସିଂହ, ଦିଲ୍ଲୀପ ସ୍ୱାଇଁ, ଶତ୍ରୁଘ୍ନ ପାଣ୍ଡବ, ଅପର୍ଣ୍ଣା ମହାନ୍ତି, ସୁନୀଲ କୁମାର ପୃଷ୍ଟି ପ୍ରଭୃତି କବିବୃନ୍ଦ ସ୍ମରଣୀୟ ।

ମୋଟ ଉପରେ ଆଧୁନିକ ଓଡ଼ିଆ କବିତାରେ ବହୁ କୃତବିଦ୍ୟ କବିଙ୍କର ସଫଳ ପ୍ରତୀକ ପ୍ରୟୋଗ କବିତାକୁ ସୂକ୍ଷ୍ମ ଅବବୋଧର ସାମଗ୍ରୀ ଭାବେ ଗଢ଼ି ତୋଳିବାରେ ସମର୍ଥ ହୋଇପାରିଛି । ପ୍ରାଚୀନ ଓଡ଼ିଆ ସାହିତ୍ୟଠାରୁ ଆଧୁନିକ ଓଡ଼ିଆ କବିତା ପର୍ଯ୍ୟନ୍ତ ପ୍ରତୀକ ପ୍ରୟୋଗ କବିତା ସହ ଓତଃପ୍ରୋତ ଭାବେ ଜଡ଼ିତ । ପରନ୍ତୁ ଆଧୁନିକ କବିତା ଗୁଡ଼ିକରେ ପ୍ରତୀକ ପ୍ରୟୋଗର ବ୍ୟାପକତା, ଗଭୀରତା ତଥା ବିଚିତ୍ରତାକୁ ବେଶ୍ ଉପଲବ୍ଧି କରିହୁଏ ।

ଅଧ୍ୟାପକ, କେସିଙ୍ଗା ମହାବିଦ୍ୟାଳୟ
କଳାହାଣ୍ଡି-୭୬୬ ୦୧୨
*ଇମେଲ୍- rakeshkumarbishi1981@gmail.com*

ISSN -2583-147X(P), **Vol.- 8, Issue No. IX, December 2022**
**Bastabatara Pariprakash Prachee**
***Peer Reviewed and Referred Research Journal***

# ଗୁରୁ ତତ୍ତ୍ୱର ଅନନ୍ୟ ନିଦର୍ଶନ : ଯଦୁ-ଅବଧୂତ ସମ୍ବାଦ

**ଡକ୍ଟର ରୁଦ୍ର ପ୍ରସାଦ ମିଶ୍ର**

ଭାରତୀୟ ଧର୍ମ, ଦର୍ଶନ ସଂସ୍କୃତି, ପରମ୍ପରା ଓ ଜନଜୀବନରେ ଗୁରୁ ପ୍ରମୁଖ ଭୂମିକା ଗ୍ରହଣ କରି ଆସିଛନ୍ତି । ଗୁରୁ ହିଁ ସବୁକିଛି ବିନାଗୁରୁରେ କୌଣସି କାର୍ଯ୍ୟ ସିଦ୍ଧିଲାଭ ସମ୍ଭବ ନୁହେଁ । ସେଥିପାଇଁ ଭାରତୀୟ ଧର୍ମ, ଦର୍ଶନ ଓ ସଂସ୍କୃତି ପୃଥିବୀରେ ସ୍ୱତନ୍ତ୍ର ସମ୍ମାନ ଓ ମର୍ଯ୍ୟାଦା ଲାଭ କରିଛି । କେଉଁ ଅନାଦିକାଳରୁ ଗୁରୁଶିଷ୍ୟ ପରମ୍ପରା ଭାରତୀୟ ଜୀବନଧାରାରେ ଅନାହତ ଭାବରେ ପ୍ରବାହିତ ହୋଇ ଆସୁଅଛି । ବିଶେଷ କରି ବୈଦିକ ଯୁଗରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଗୁରୁଶିଷ୍ୟର ପବିତ୍ର ସମ୍ପର୍କକୁ ନେଇ ଅନେକ ନୀତି ଉପଦେଶ ସମ୍ବଳିତ ବାଣୀ ଏ ଦେଶରେ ପ୍ରଚଳିତ ହୋଇ ଆସୁଅଛି । ଗୁରୁ ହିଁ ଶିଷ୍ୟକୁ ଯଥାର୍ଥ ମାର୍ଗରେ ଦର୍ଶନ କରାଇ ଆଦର୍ଶ ମନୁଷ୍ୟ ଭାବରେ ଗଢିଥାନ୍ତି । ସେଥିପାଇଁ ଗୁରୁ ସର୍ବତ୍ର ପୂଜ୍ୟ ଓ ବନ୍ଦନୀୟ । ଗୁରୁଙ୍କୁ ଈଶ୍ୱର ବା ପରଂବ୍ରହ୍ମ ସହିତ ତୁଳନା କରାଯାଇଛି ଓ ତାଙ୍କର ମହିମା ଗାନ କରାଯାଇଛି । ମନୁଷ୍ୟ ଜୀବନରେ ପୂର୍ଣ୍ଣତା ପ୍ରାପ୍ତିପାଇଁ ସଦ୍‌ଗୁରୁ ହିଁ ଏକତ୍ର ମାର୍ଗନିର୍ଦ୍ଦେଶକ । ତାଙ୍କ ନିର୍ଦ୍ଦେଶିତ ମାର୍ଗରେ ଗତି କଲେ ମନୁଷ୍ୟ ପରମପଦ ଲାଭ କରି ମୁକ୍ତି ପାଇଥାଏ ।

ଅଧ୍ୟାତ୍ମିକ ବ୍ୟାକରଣରେ ଅନେକ ବାଦ ଆମ ଚକ୍ଷୁ ସମ୍ମୁଖକୁ ଆସେ ଯେପରି ଶୂନ୍ୟବାଦ, ସମ୍ଭୋଗବାଦ, ଦ୍ୱୈତବାଦ, ଏବଂ ଅଦ୍ୱୈତବାଦ । ସେହିପରି ତନ୍ମଧ୍ୟରୁ ଗୁରୁବାଦ ଅନ୍ୟତମ । ଏହିପରି ଏକ ଗୁରୁବାଦ ସମ୍ପର୍କରେ ଚର୍ଚ୍ଚା କରିଥିଲେ ଷୋଡ଼ଶ ଶତାବ୍ଦୀର ଓଡ଼ିଆ କବି ଅତିବଡ଼ି ଜଗନ୍ନାଥ ଦାସ । କବି ତାଙ୍କର ପରମ ଗ୍ରନ୍ଥ ଭାଗବତ ମାଧ୍ୟମରେ ଏହି ଗୁରୁତତ୍ତ୍ୱକୁ ଅତି ସୁନ୍ଦର ଭାବରେ ଦାର୍ଶନିକ ମୂଲ୍ୟବୋଧ ଭିତ୍ତିରେ ଉପସ୍ଥାପନ କରିଛନ୍ତି । ଯାହାକି ବର୍ତ୍ତମାନ ପର୍ଯ୍ୟନ୍ତ ଏକ ପ୍ରେରଣାଦାୟୀ ଗ୍ରନ୍ଥ ଭାବରେ ପ୍ରତିଟି ଓଡ଼ିଆଙ୍କ ହୃଦସିଂହାସନରେ ଆସୀନ । ଏହା ଏକା ଧାରାରେ ମହାକାବ୍ୟ-ପୁରାଣ-ନୀତିଗ୍ରନ୍ଥ ଓ ଭାରତୀୟ ସଂସ୍କୃତି ତଥା ଦର୍ଶନର ଜୀବନ୍ତ ଅଭିଲେଖ । ଏଥିରେ ଯୁକ୍ତକତା ଅଛି । ସାଧାରଣ ଜନଜୀବନରୁ ଉପମା ଓ ରୂପକ ଗ୍ରହଣ କରାଯାଇ ଉପନିଷଦୀୟ ଦର୍ଶନକୁ ଭାଗବତରେ ସରଳ ତଥା ମାର୍ମିକ ଭାବରେ ଉଲ୍ଲେଖ କରାଯାଇଛି କହିଲେ ଭୁଲ ହେବ ନାହିଁ । ବୈଷ୍ଣବ ଧର୍ମର ମୂଳନୀତି ଜୀବେଦୟା ଓ ଭକ୍ତିକୁ ଏଥିରେ ଏପରି ଭାବରେ ଦେଖାଇ ଦିଆଯାଇଛି ଯେ, ତାହା ପାଠକ ହୃଦୟକୁ ସଂକ୍ରମଣ କରିବାରେ ସମର୍ଥ । ସେହିପରି ଏଥିରେ ପରିବେଷିତ ଚରିତ୍ର ଓ ସେମାନଙ୍କର ଚାରିତ୍ରିକ ବିକାଶ ଏପରି ସୌଷ୍ଠବାନ୍ୱିତ ଯେ ପାଠକ ସେହି ଚରିତ୍ରମାନଙ୍କ ରୀତିନୀତିକୁ ନିଜ ଜୀବନରେ କ'ଣ କ'ଣ ଆଚରଣୀୟ ତାହା ସହଜରେ ବୁଝି ପାରିଥାଏ ।

ଅତିବଡ଼ି ଜଗନ୍ନାଥ ଦାସ କୃତ ଶ୍ରୀମଦ୍ ଭାଗବତର ଏକାଦଶ ସ୍କନ୍ଧରେ ଷଡ଼ ସମ୍ବାଦର ବର୍ଣ୍ଣନା କରାଯାଇଛି । ଏଥିରେ ସ୍ରଷ୍ଟା ସକଳ ତତ୍ତ୍ୱକୁ ଷଡ ସମ୍ବାଦ ମଧ୍ୟରେ ପରିବେଷଣା କରିଥିବା ଉଲ୍ଲେଖଯୋଗ୍ୟ । ଏହି ସମ୍ବାଦଗୁଡ଼ିକ ହେଉଛି-'ଶୁକ ପରୀକ୍ଷିତ ସମ୍ବାଦ, ନାରଦ-ବସୁଦେବ ସମ୍ବାଦ, ନିମି-ନବବିପ୍ର ସମ୍ବାଦ, ଅବଧୂତ-ଯଦୁରାଜା ସମ୍ବାଦ, କୃଷ୍ଣ-ଉଦ୍ଧବ ସମ୍ବାଦ ଓ ସୂତ-ସୌନକ ସମ୍ବାଦ । ଏହି ସମ୍ବାଦଗୁଡ଼ିକ ମଧ୍ୟରୁ ନିମି-ନବବିପ୍ର ସମ୍ବାଦ, ଅବଧୂତ-ଯଦୁରାଜା ସମ୍ବାଦ ଓ କୃଷ୍ଣ-ଉଦ୍ଧବ ସମ୍ବାଦ ମଧ୍ୟରେ ସନାତନ ହିନ୍ଦୁଧର୍ମର ସାରତତ୍ତ୍ୱ ସମ୍ପର୍କରେ ଚର୍ଚ୍ଚା କରାଯାଇଛି । ଏହି ସାରତତ୍ତ୍ୱ ମଧ୍ୟରେ ଅବଧୂତ-ଯଦୁରାଜା ସମ୍ବାଦ ମଧ୍ୟରେ ଲୁଚି ରହିଛି ଗୁରୁତତ୍ତ୍ୱରୁ ନିଗୂଢ ରହସ୍ୟ ।

ତତ୍ତ୍ୱଦର୍ଶୀ, ମିଷ୍ଟଭାଷୀ, ନିରୋଗ, କର୍ମଠ, ଧୂଳି ଧୂସରିତ, ଆଶାମୁକ୍ତ, ନିତ୍ୟ ପବିତ୍ର ସାତ୍ତ୍ୱିକ ଲକ୍ଷଣଯୁକ୍ତ ପୁରୁଷ ଅବଧୂତ ପଦବାଚ୍ୟ ବୋଲି ଦତ୍ତାତ୍ରେୟ 'ଅବଧୂତ ଗୀତା'ରେ ଉଲ୍ଲେଖ କରିଛନ୍ତି । ଭାଗବତରେ ଅବଧୂତ ଗୁରୁତତ୍ତ୍ୱ ସମ୍ପର୍କରେ କେତେକ

ଉପଦେଶ ଯଦୁରାଜାଙ୍କୁ ପ୍ରଦାନ କରିଛନ୍ତି । ଶ୍ରୀ କୃଷ୍ଣ ଉଦ୍ଧବଙ୍କୁ ଯେଉଁ ଉପଦେଶ ପ୍ରଦାନ କରିଥିଲେ, ଭାଗବତର ଏକାଦଶ ସ୍କନ୍ଧରେ ତାହା ଯଦୁରାଜା-ଅବଧୂତଙ୍କ ବାର୍ତ୍ତାଳାପ ଛଳରେ ସ୍ଥାନ ପାଇଛି ।

ଆତ୍ମାକୁ ଆତ୍ମାରେ ଲୀନ କରିବାରେ ସମର୍ଥ ସେ ଏହି ଭବ ସଂସାରକୁ ପାର ହୋଇପାରେ । ସାଂସାରିକ ଭାବ ତାକୁ ବିଚଳିତ କରିପାରେ ନାହିଁ, ଅବଧୂତ ସେହିପରି ଜଣେ ନିର୍ଲିପ୍ତ ନିର୍ଗୁଣ ସନ୍ନ୍ୟାସୀ । ଦେହଧାରଣ କରି ମଧ୍ୟ ସେ ଜୀବନ ଭୁକ୍ତ-ସୁଖ ଦୁଃଖ, ରାଗ-ଦ୍ୱେଷେ ଠାରୁ ଉର୍ଦ୍ଧ୍ୱରେ ସେ ରହି ପରମ ସୁଖୀ ହୋଇ ପାରିଛନ୍ତି । ସକଳ ଜୀବ ପ୍ରତି ତାଙ୍କର ଦୟାଭାବ ରହିଛି । ଅବଧୂତ ହିଁ ସଂସାରୀମାନଙ୍କର ପରିବର୍ତ୍ତନ ପାଇଁ ସତେ ଯେମିତି ଅଭିପ୍ରେତ । ଯଦୁ ରାଜାଙ୍କୁ ଚବିଶ ଗୁରୁ ପ୍ରସଙ୍ଗରେ କହି ସେ ତାଙ୍କୁ ନିର୍ଲିପ୍ତ କରାଇପାରିଛନ୍ତି ।

ବ୍ୟାସକୃତ ଭାଗବତ ଅବଲମ୍ବନରେ ଓଡ଼ିଆ ଭାଗବତ ରଚିତ । ଏହା ଷୋଡ଼ଶ ଶତାବ୍ଦୀର ରଚନା ହେଲେହେଁ ଏହାର ସାର୍ବକାଳୀନ ଆବେଦନ ରହିଛି । ଆଧ୍ୟାତ୍ମିକ ମୂଲ୍ୟବୋଧ ଯୋଗୁଁ ଏହା ଲୋକପ୍ରିୟ । ଭାଗବତ ଏକ ଭକ୍ତି ରସାତ୍ମକ ଗ୍ରନ୍ଥ, ଏତିରେ ଜ୍ଞାନ, କର୍ମ ଓ ଯୋଗତତ୍ତ୍ୱର ସୂକ୍ଷ୍ମ ବିଶ୍ଳେଷଣ ଅଛି । ସର୍ବୋପରି ଏହାର ଆମୂଳଚୂଳ ଭକ୍ତିରସର ମନ୍ଦାକିନୀ ପାଠକ ପ୍ରାଣରେ ଅପୂର୍ବ ଆନନ୍ଦ ସଞ୍ଚାର କରିଦିଏ ।

ଯାହାଠାରୁ କିଛି ନା କିଛି ଶିଖାଯାଏ ସେ ଗୁରୁ ପଦବାଚ୍ୟ । ସାଂସାରିକ ବିଦ୍ୟା ଯାହାଠାରୁ ଶିକ୍ଷା କରାଯାଏ ସେ ଶିକ୍ଷା ଗୁରୁ । ଦୁଃଖପୂର୍ଣ୍ଣ ସଂସାରରୁ ମୁକ୍ତିଲାଭ କରି ଈଶ୍ୱର ପ୍ରାପ୍ତିର ଉପାୟ ଯେ ଶିକ୍ଷା ଦିଅନ୍ତି ସେ ଦୀକ୍ଷା ଗୁରୁ । ଏତଦ୍‌ବ୍ୟତୀତ ପ୍ରକୃତି ଠାରୁ ଏବଂ ସାଂସାରିକ ପ୍ରାଣୀମାନଙ୍କ ଗତିବିଧିରୁ ମଧ୍ୟ ଶିକ୍ଷା ଲାଭ କରାଯାଇପାରେ- ଯାହା କି ଭାଗବତର ଏକାଦଶ ସ୍କନ୍ଧରେ ଅବଧୂତ ନାମକ ଜଣେ ସନ୍ନ୍ୟାସୀଙ୍କ ଜୀବନଚର୍ଯ୍ୟାକ୍ରମରେ ଆଲୋଚିତ ହୋଇଛି । କ୍ଷୁଦ୍ର ହୀନ-ହେୟ ତୁଚ୍ଛ ଅପାଙ୍‌କ୍ତେୟ-ପରିତ୍ୟକ୍ତ ଜୀବ ବା ଜଡ଼ ଜଗତରେ କେହି ହେୟ ହୋଇ ନପାରେ, ସମସ୍ତଙ୍କଠାରୁ କିଛି ନା କିଛି ଶିଖିବାକୁ ଅଛି । ତେଣୁ ଅନ୍ତତଃ ପକ୍ଷେ ତାଙ୍କ ଦୃଷ୍ଟିରେ ଜଗତ ଜଗତ ଥିଲା ଗୁରୁମୟ । ଏହି ଗୁରୁମାନେ ଶିଷ୍ୟକୁ କୌଣସି ଆଦର୍ଶ ଶିକ୍ଷା ଦେବାକୁ ନିଜେ ଚେଷ୍ଟା କରି ନାହାନ୍ତି । ଅଥଚ ନିଜ ନିଜ କର୍ମରେ ସେମାନେ ଯାହା ଆଚରଣ କରିଛନ୍ତି ଅବଧୂତ ତାକୁ ଶିକ୍ଷଣୀୟ ମନେକରି ଶିକ୍ଷା କରିଛନ୍ତି ।

ଭାଗବତରେ ଏକାଦଶ ସ୍କନ୍ଧରେ ବର୍ଣ୍ଣିତ ଯଦୁ ଅବଧୂତ ସମ୍ବାଦର ବକ୍ତା ଅବଧୂତ ଓ ପ୍ରଶ୍ନ କର୍ତ୍ତା ଯଦୁରାଜା । ମୁଖ୍ୟତଃ ଏହି ଚରିତ୍ର ଦ୍ୱୟଙ୍କୁ ନେଇ ବିଷୟ ଗତିଶୀଳ । ଅବଶ୍ୟ ଏହା କୃଷ୍ଣ ଉଦ୍ଧବଙ୍କୁ କହିଛନ୍ତି ଏବଂ ଶୁକ ପରୀକ୍ଷିତଙ୍କୁ ମଧ୍ୟ କହିଛନ୍ତି । ଅଭିଶପ୍ତ ପରୀକ୍ଷିତ ଠାରେ ବୈରାଗ୍ୟ ଉଦ୍ରେକ ପାଇଁ ଏହା ଅଭିପ୍ରେତ । ଅବଧୂତ ଓ ଯଦୁରାଜାଙ୍କ ଉକ୍ତି ପ୍ରତ୍ୟୁକ୍ତିକୁ କେନ୍ଦ୍ରକରି ଏହି ପ୍ରସଙ୍ଗ ବର୍ଣ୍ଣିତ ହେଲେ ହେଁ ଅବଧୂତ ଏଥିରେ ମୋଟ ଚବିଶ ଗୋଟି ସଜୀବ ଓ ନିର୍ଜୀବ ଚରିତ୍ରକୁ ଗ୍ରହଣ କରିଛନ୍ତି । ତେଣୁ ଚରିତ୍ରାୟଣରେ ଫୁଟି ଉଠିଛି ମାଧୁର୍ଯ୍ୟ ଭାବ । ଏଥିରେ ଅଛି ପ୍ରସାଦ ଗୁଣ ଓ ମାଧୁର୍ଯ୍ୟ ଗୁଣର ସମାହାର । ଉପର୍ଯ୍ୟୁକ୍ତ ବୈଶିଷ୍ଟ୍ୟ ପାଇଁ ଯଦୁ-ଅବଧୂତ ସମ୍ବାଦ ଦର୍ଶନ ଓ କବିତାର ଏକ ଅପୂର୍ବ ସମନ୍ୱୟ । ଜୀବ ହିଁ ବ୍ରହ୍ମ । ନର ହିଁ ନାରାୟଣ । ଏହା ଯଦୁ-ଅବଧୂତ ସମ୍ବାଦରେ ଲୁଚି ରହିଥିବା ଗୁରୁତତ୍ତ୍ୱକୁ ବୟାନ କରେ ।

**ସହାୟକ ଗ୍ରନ୍ଥସୂଚୀ :**


୧. ଅତିବଡ଼ି ଜଗନ୍ନାଥ ଦାସ - ଶ୍ରୀ ସଦାଶିବ ମିଶ୍ର, ବିଶ୍ୱ ବୁକସ୍, କଟକ

୨. ଓଡ଼ିଆ ବୈଷ୍ଣବ ସାହିତ୍ୟ - ଡକ୍ଟର ନଟବର ସାମନ୍ତରାୟ, ଗ୍ରନ୍ଥାଳୟ, ଭୁବନେଶ୍ୱର

୩. ତିନୋଟି ସମାଲୋଚନା- ପ୍ରଫେସର ବାଉରୀବନ୍ଧୁ କର, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ

୪. ଭାଗବତ (ଏକାଦଶ ସ୍କନ୍ଧ)- ଜଗନ୍ନାଥ ଦାସ, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର

୫. ଭାଗବତର ସୃଷ୍ଟି ସୌରଭ - ଡକ୍ଟର ଉଦୟନାଥ ସାହୁ, ଏଥେନା ବୁକ୍‌ସ, ଭୁବନେଶ୍ୱର

୬. ସମାଲୋଚନା ସୌରଭ - ଡକ୍ଟର କୃତ୍ତିବାସ ଷଡଙ୍ଗୀ, କୁନି ରାଇଜ୍ ପ୍ରେସ୍, ଭୁବନେଶ୍ୱର



କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ
ସଦାଶିବ ପରିସର, ପୁରୀ

ISSN -2583-147X(P), Vol.- 8, Issue No. IX, December 2022
Bastabatara Pariprakash Prachee
*Peer Reviewed and Referred Research Journal*

# ଓଡ଼ିଆ ସ୍ତମ୍ଭରଚନା ଓ ସ୍ତମ୍ଭକାର: ଏକ ପରିଚୟାତ୍ମକ ଆଲେଖ୍ୟ

**ଶଙ୍ଖଚୂଳ ଦାସ**

ଊନବିଂଶ ଶତାବ୍ଦୀରେ ଓଡ଼ିଶାରେ ପତ୍ରପତ୍ରିକା ପ୍ରକାଶନର ଆରମ୍ଭ ହୁଏ । ଗୌରୀଶଙ୍କର ରାୟଙ୍କ ସମ୍ପାଦନାରେ 'ଉତ୍କଳ ଦୀପିକା', ଫକୀରମୋହନ ସେନାପତି ଓ ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକଙ୍କ ସମ୍ପାଦକତ୍ୱରେ 'ବାଲେଶ୍ୱର ସମ୍ବାଦବାହିକା' (୧୮୬୬), ରାଜା ବୈକୁଣ୍ଠନାଥ ଦେଙ୍କ ପୃଷ୍ଠପୋଷକତାରେ 'ଉତ୍କଳ ଦର୍ପଣ' (୧୮୭୩), ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ପଟ୍ଟନାୟକଙ୍କ ସମ୍ପାଦନାରେ 'ଉତ୍କଳ ମଧୁପ', ସ୍ୱର୍ଗୀୟ ସାଧୁ ଚରଣ ରାୟଙ୍କ ସମ୍ପାଦନାରେ 'ପ୍ରଦୀପ' (୧୮୮୫), 'ନବସମ୍ବାଦ' (୧୮୮୫), 'ଆଶା' (୧୮୮୮), ନୀଳମଣି ବିଦ୍ୟାରତ୍ନଙ୍କ ସମ୍ପାଦନାରେ 'ସମ୍ବଲପୁର ହିତୈଷିଣୀ, (୧୮୮୯), ମୟୁରଭଞ୍ଜ ମହାରାଜା ରାମଚନ୍ଦ୍ରଙ୍କ ପୃଷ୍ଠପୋଷକତାରେ 'ଉତ୍କଳ ପ୍ରଭା' (୧୮୯୧), ବିଶ୍ୱନାଥ କରଙ୍କ ସମ୍ପାଦନାରେ 'ଉତ୍କଳ ସାହିତ୍ୟ' (୧୮୯୭) ଆଦି ପତ୍ରପତ୍ରିକା ପ୍ରକାଶିତ । ଏହି ପତ୍ରିକାଗୁଡ଼ିକରେ ବିଭିନ୍ନ ଲେଖକଙ୍କ ଦ୍ୱାରା ଗଳ୍ପ, କବିତା, ପ୍ରବନ୍ଧ, ଉପନ୍ୟାସ ପ୍ରକାଶ ପାଉଥିଲା ।

ଉତ୍କଳ ଦୀପିକା' ଓ 'ବୋଧଦାୟିନୀ ଓ ବାଲେଶ୍ୱର ସମ୍ବାଦବାହିକା'ରେ ଆନ୍ତର୍ଜାତୀୟ, ଦେଶୀୟ, ଆଂଚଳିକ ବିଭିନ୍ନ ସମ୍ବାଦକୁ ଗଦ୍ୟ ଶୈଳୀରେ ଲେଖା ଯାଉଥିଲା ଯାହା ପ୍ରବନ୍ଧର ଭିତ୍ତିଭୂମି ନିର୍ମାଣ କରିଥିଲା । ଏହା ପରେ 'ଉତ୍କଳ ଦର୍ପଣ' ରାଧାନାଥ ରାୟଙ୍କ 'ବିବେକୀ' ପ୍ରବନ୍ଧ ଧାରାବାହିକ ଭାବେ ପ୍ରକାଶ ପାଉଥିଲା । ଏହା ବ୍ୟତୀତ 'ଚନ୍ଦ୍ର ଓ ତାରା', 'ଶାସନ ପ୍ରଣାଳୀ', 'ଆମ୍ଭମାନଙ୍କ ଗୃହ' ଆଦି ପ୍ରବନ୍ଧ ପ୍ରକାଶ ପାଉଥିଲା । ସେହିପରି 'ପ୍ରଦୀପ'ରେ ବ୍ରହ୍ମାନନ୍ଦ ଦାସ 'ଆମ୍ଭମାନଙ୍କର ଜାତୀୟ ସାହିତ୍ୟ', ସାଧୁଚରଣ ରାୟ 'ଜୀବନ କି ଅସାର' ପ୍ରବନ୍ଧ ଲେଖିଥିଲେ ଓ 'ବିଜ୍ଞାନର ସହିତ ଧର୍ମର ସମ୍ବନ୍ଧ', 'ସନ୍ମାର୍ଗରେ ବୁଦ୍ଧିର ପରିଚାଳନା' ପ୍ରବନ୍ଧର ପ୍ରାବନ୍ଧିକମାନେ ନିଜ ନାମ ଗୋପନ ରଖିଥିଲେ । ସେ ସମୟର ପତ୍ରପତ୍ରିକାରେ ପ୍ରକାଶିତ ଅଧିକାଂଶ ଲେଖାଗୁଡ଼ିକରେ ଲେଖକଙ୍କ ନାମ ନଥିଲା । ସମ୍ବାଦପତ୍ରର ଅନୁଷ୍ଠାନ ସହିତ ଜଡ଼ିତ ବ୍ୟକ୍ତିମାନେ ନିଜ ନାମ ପ୍ରକାଶ ନକରି ଲେଖୁଥିଲେ । ମୁଖ୍ୟତଃ ତତ୍କାଳୀନ ସମୟରେ ସାହିତ୍ୟର ବିଭାଗୀକରଣ ପ୍ରତି ସ୍ୱଷ୍ଟତା ନଥିଲା । ଗଦ୍ୟ ସାହିତ୍ୟବା ଗଦ୍ୟ ରଚନା କହିଲେ ଏହି ସମୟରେ ପ୍ରବନ୍ଧଧର୍ମୀ ରଚନା ବୁଝାଯାଉଥିଲା । ତେଣୁ ଊନବିଂଶ ଶତାବ୍ଦୀରେ ପ୍ରକାଶିତ କିଛି ଗଦ୍ୟଧର୍ମୀ ଲେଖାରେ ସ୍ତମ୍ଭର ସ୍ୱରୂପ ଆଂଶିକ ଭାବେ ଥିଲେ ମଧ୍ୟ ପ୍ରବନ୍ଧରୁ ସ୍ତମ୍ଭରଚନା ସ୍ୱତନ୍ତ୍ର ରୂପ ଗ୍ରହଣ କରିନଥିଲା । ସେଥିପାଇଁ ଗୋପାଳଚନ୍ଦ୍ର ପ୍ରହରାଜ ସ୍ତମ୍ଭ (ସ୍ତନ୍ ଭ ବାସ୍ତମ୍ଭ ଧାତୁ + ଭାବ, ଅ)ର ଅର୍ଥ ଦେଇଛନ୍ତି, ଖମ୍ବ, ଖୁଣ୍ଟ ପରି ନିଶ୍ଚଳ ଭାବେ ଅବସ୍ଥାନ ବାଖୁଣ୍ଟ, ଦେହର ଅଚୈତନ୍ୟ ସ୍ଥିତାବସ୍ଥା କିନ୍ତୁ ସମ୍ବାଦପତ୍ରର ପ୍ରକାଶିତ ବର୍ତ୍ତମାନର ସ୍ତମ୍ଭ ବିଷୟରେ ଧାରଣା ହେଲାଭଳି କିଛି ଶବ୍ଦ ଉଲ୍ଲେଖ କରିନାହାଁନ୍ତି ।

ବିଂଶ ଶତାବ୍ଦୀରେ ଅନେକ ଗୁଡ଼ିଏ ସାପ୍ତାହିକ ଓ ଦୈନିକ ସମ୍ବାଦପତ୍ରଗୁଡ଼ିକ ପ୍ରକାଶ ପାଇଛି । ଯାହା ଓଡ଼ିଆ ସ୍ତମ୍ଭ ରଚନାର ସୃଷ୍ଟି ଓ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ୧୯୧୩ ମସିହା ଅପ୍ରେଲ ୧୩ ତାରିଖରୁ ଶଶିଭୂଷଣ ରଥଙ୍କ ସମ୍ପାଦନାରେ 'ଆଶା' ବ୍ରହ୍ମପୁରରୁ ପ୍ରକାଶିତ ହେଉଥିଲା ଏବଂ ୧୯୨୮ ମସିହା ଅପ୍ରେଲ ୧୩ ରୁ ଦୈନିକ ଭାବେ ପ୍ରକାଶ ପାଇ ଏହା ଓଡ଼ିଶାର ପ୍ରଥମ ଦୈନିକ ସମ୍ବାଦପତ୍ରର ସୌଭାଗ୍ୟ ଅର୍ଜନ କରିଛି । ୧୯୧୯ ମସିହା ଅକ୍ଟୋବର ୧୦ ତାରିଖରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସମ୍ପାଦନାରେ ପୁରୀର ସତ୍ୟବାଦୀରୁ 'ସମାଜ' ଖବରକାଗଜର ପ୍ରକାଶନର ଆରମ୍ଭ ହୋଇଥିଲା । ଏହା ପ୍ରଥମେ ସାପ୍ତାହିକ ଭାବେ ପ୍ରକାଶ ପାଇ ୧୯୩୦ ମସିହାରେ ଦୈନିକ ଭାବେ ପ୍ରକାଶ ପାଉଛି ।

ପରବର୍ତ୍ତୀ ସମୟରେ ଏହାର ସମ୍ପାଦକ ଭାବେ ପଣ୍ଡିତ ଲିଙ୍ଗରାଜ ମିଶ୍ର, ରାଧାନାଥ ରଥ, ମନୋରମା ମହାପାତ୍ର କାର୍ଯ୍ୟ କରିଛନ୍ତି । ହରେକୃଷ୍ଣ ମହତାବଙ୍କ ସମ୍ପାଦନାରେ 'ପ୍ରଜାତନ୍ତ୍ର' ସମ୍ବାଦପତ୍ର ୨ ଅକ୍ଟୋବର ୧୯୨୩ ରେ ବାଲେଶ୍ୱରରୁ ସାପ୍ତାହିକ ଭାବେ ଆତ୍ମପ୍ରକାଶ କଲା । ପରେ ଇଂରେଜ ସରକାରଙ୍କ ପ୍ରେସ ଅର୍ଡିନାନ୍ସକୁ ବିରୋଧ କରି ୨୮ ଡିସେମ୍ବର ୧୯୩୦ ରେ ଏହାର ପ୍ରକାଶନ ବନ୍ଦ ହୋଇଯାଇଥିଲା । ପୁଣି ୦୮ ଅଗଷ୍ଟ ୧୯୪୭ରୁ ଦୈନିକ ଖବରକାଗଜ ରୂପେ ପ୍ରକାଶ ପାଇଲା । ବାଳକୃଷ୍ଣ କରଙ୍କ ସମ୍ପାଦନାରେ ୧୯୪୭ରେ ଅର୍ଦ୍ଧ ସାପ୍ତାହିକ ଭାବେ ପ୍ରକାଶ ପାଇ ୧୯୫୦ରେ ସାପ୍ତାହିକ ଓ ୧୯୫୧ ସେପ୍ଟେମ୍ବର ୧୫ ତାରିଖରୁ ଦୈନିକ ଭାବେ ପ୍ରକାଶିତ ହେଲା । ଏହାପରେ ବିଜୁ ପଟ୍ଟନାୟକଙ୍କ ପୃଷ୍ଠପୋଷକତାରେ 'କଳିଙ୍ଗ' (୧୯୬୦), ବିରେନ ମିତ୍ରଙ୍କ ସମ୍ପାଦନାରେ 'ଜନଶକ୍ତି', ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ସମ୍ପାଦନାରେ 'ସ୍ୱତନ୍ତ୍ର' (୧୯୬୬), ଅର୍ଜ୍ଜୁନ ରଞ୍ଜନ ପଣ୍ଡାଙ୍କ ସମ୍ପାଦନାରେ 'ଅଗ୍ନିଶିଖା', ତ୍ରିବିକ୍ରମ ତ୍ରିପାଠୀଙ୍କ ସମ୍ପାଦନାରେ 'କୋଶଳ' (୧୯୭୦), ସମାଜବାଦୀ ସୋସାଇଟି ତରଫରୁ 'ଧରିତ୍ରୀ' (୨୪.୧୧.୧୯୭୪), ଶ୍ରୀ ପ୍ରଦ୍ୟୁମ୍ନ ବଳଙ୍କ ସମ୍ପାଦନାରେ 'ପ୍ରଗତିବାଦୀ' (୧୯୭୯), ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସମ୍ପାଦନାରେ 'ସମ୍ବାଦ' (୦୪.୧୦.୧୯୮୪), ଅଶୋକ କୁମାର ପଣ୍ଡାଙ୍କ ସମ୍ପାଦନାରେ 'ଡାକରା' (୧୯୮୭), ସାତକଡି ହୋତାଙ୍କ ସମ୍ପାଦନାରେ 'ସମୟ' (୧୯୯୬), ଆଦି ସମ୍ବାଦପତ୍ର ପ୍ରକାଶିତ । କାଳକ୍ରମେ ସମ୍ବାଦପତ୍ରର ଆକାର ଓ ରୂପରେ ଅନେକ ପ୍ରକାର ପରିବର୍ତ୍ତନ ହେଉଛି । ସମ୍ପାଦକୀୟ ପୃଷ୍ଠା ସହିତ ଖେଳ ପୃଷ୍ଠା, ରବିବାରର ବିଶେଷ ପୃଷ୍ଠା ଆଦି ଖବରକାଗଜର କଳେବର ବୃଦ୍ଧି କରୁଛି । ନିମ୍ନରେ ଓଡ଼ିଆ ସମ୍ବାଦପତ୍ରରେ ସ୍ତମ୍ଭ ଲେଖୁଥିବା ଓ ଲେଖିଥିବା ସ୍ତମ୍ଭକାର ଓ ସ୍ତମ୍ଭ ବିଷୟରେ ଆଲୋଚନା କରାଗଲା ।

ରାଧାନାଥ ରଥ (୧୮୯୬-୧୯୯୮) : ରାଧାନାଥ ରଥ ଓଡିଶାର ଜଣେ ବିଶିଷ୍ଟ ସାମ୍ବାଦିକ । ସେ 'ସମାଜ' ସମ୍ବାଦପତ୍ରର ସମ୍ପାଦନା ସହ ଦୀର୍ଘଦିନରୁ ଜଡ଼ିତ । ୧୯୪୪ ମସିହାରେ 'ସମାଜ' ର ଯୁଗ୍ମ-ସମ୍ପାଦକ ଭାବେ କାର୍ଯ୍ୟ କରନ୍ତି ଏବଂ ୧୯୪୬ରୁ ୧୯୯୮ ମସିହା ପର୍ଯ୍ୟନ୍ତ 'ସମାଜ'ର ସମ୍ପାଦକ ଭାବେ କାର୍ଯ୍ୟଭାର ତୁଲାଇଛନ୍ତି । ଏହି ସମ୍ବାଦପତ୍ରରେ ଦୀର୍ଘ ୨୨ ବର୍ଷ ଧରି ତାଙ୍କର ସାପ୍ତାହିକ ସ୍ତମ୍ଭ 'ଝିଟିପିଟି କହେ' ପ୍ରକାଶିତ ହୋଇଛି । ୧୯୬୨ ମସିହା ଜାନୁୟାରୀ ୭ ତାରିଖ ରବିବାର ଦିନ ପ୍ରଥମେ 'ଝିଟିପିଟି କହେ' ସ୍ତମ୍ଭ ସମାଜ ପୃଷ୍ଠାରେ ଆତ୍ମପ୍ରକାଶ କଲା । ଲେଖକ ନିଜର ପ୍ରକୃତ ନାମକୁ ଗୁପ୍ତ ରଖି 'ଅଣାକାର' ଛଦ୍ମନାମ ବ୍ୟବହାର କରିଥିଲେ । ଏହି ସ୍ତମ୍ଭରେ ସରଳ ସାବଲୀଳ ଭାଷା ମାଧ୍ୟମରେ ଓଡ଼ିଶାର ସଂସ୍କୃତି, ସଭ୍ୟତା ସହ ଜଡ଼ିତ ଥିବା ଅନେକ ବୋଲି, ଗାଉଁଲି ଗୀତ, ଲୋକମୁଖରେ ପ୍ରଚାରିତ ଗଳ୍ପକୁ ତତ୍କାଳିକ ଅବସ୍ଥାକୁ ଲକ୍ଷ୍ୟକରି ଉପସ୍ଥାପନା କରାଯାଇଛି । ଏହା ସହିତ ସମକାଳୀନ ସାମାଜିକ, ଅର୍ଥନୈତିକ, ରାଜନୈତିକ ପରିସ୍ଥିତିକୁ ବିଶ୍ଲେଷଣ କରିଛନ୍ତି । ସମସ୍ତ ପ୍ରକାର ଅନ୍ୟାୟ, ଅତ୍ୟାଚାର, ଦୁର୍ନୀତି, ଭ୍ରଷ୍ଟାଚାର ତଥା ସରକାରଙ୍କ ଜନବିରୋଧି ନୀତିକୁ ତୀବ୍ର ସମଲୋଚନା କରିଛନ୍ତି ଏହି ସ୍ତମ୍ଭ ମାଧ୍ୟମରେ ।

ସ୍ତମ୍ଭଗୁଡ଼ିକୁ ଅଧିକ ଆକର୍ଷଣୀୟ ଓ ପ୍ରଭାବଶାଳୀ କରିବା ନିମନ୍ତେ ସେ ସେଥିରେ ଅନେକ ଲୋକ ପ୍ରଚଳିତ ଢ଼ଗଢ଼ମାଳୀ, ନୀତିବଚନ ତଥା ପୁରାଣ, ଇତିହାସ, ବେଦ, କାବ୍ୟକବିତାରୁ ବହୁ ଆଖ୍ୟାନ, ଉପାଖ୍ୟାନ, ପଦକୁ ଉଦ୍ଧାର କରିଛନ୍ତି । ସେଗୁଡ଼ିକର କେତୋଟି ଦୃଷ୍ଟାନ୍ତ ହେଉଛି, "କିସ ପୁଣି ଦେଖା ନଯାଏ/ ଜିଇଥିଲେ ଜୀବରେ ।/ ବିଷମ ସମସ୍ୟା ସାଧନ ହେବଏହି ଠାବରେ, ଇତ୍ୟାଦି । ଏହାର ପ୍ରୟୋଗ ଫଳରେ ତାଙ୍କ ଲେଖାଗୁଡ଼ିକ ପାଠକଙ୍କୁ ବେଶ୍ ଆକୃଷ୍ଟ ଓ ପ୍ରଭାବିତ କରିପାରିଛି । ଏପରିକି ତାଙ୍କ ସ୍ତମ୍ଭର ଶୀର୍ଷକ ନିର୍ବାଚନରେ ମଧ୍ୟ ଲୋକ ପ୍ରବଚନ, ଲୋକବାଣୀର ପ୍ରଭାବ ପଡ଼ିଛି । ସେଗୁଡ଼ିକ ହେଉଛି 'ଏକତାରେ ବଂଚିବା, ବିବାଦରେ ବୁଡ଼ିବା', 'ଶ୍ରୋତା ବକ୍ତା କେହି ନାହିଁ, ରୋଦନ କରୁ କାହିଁ ପାଇଁ,' ଇତ୍ୟାଦି । ଏହି ସ୍ତମ୍ଭରେ ବିଜ୍ଞାନର ଜଟିଳ ତଥ୍ୟର ଅବତାରଣା ଠାରୁ ଶରୀରତତ୍ତ୍ୱ, ଗଣିତ, ସଂସ୍କୃତ, ଇଂରାଜୀ ସବୁ ବିଷୟରେ ପାଠକମାନେ ଜ୍ଞାନ ଲାଭ କରୁଥିଲେ । ପ୍ରକୃତରେ କହିବାକୁ ଗଲେ ବିଂଶ ଶତାବ୍ଦୀର ଶେଷ ଅର୍ଦ୍ଧଶତାବ୍ଦୀରେ ସାମାଜିକ, ରାଜନୀତିକ, ଅର୍ଥନୀତିକ ଆଦି କ୍ଷେତ୍ରରେ ଘଟିଥିବା ଅନେକ ଘଟଣା ବିଷୟରେ ଏଥିରୁ ସୂଚନା ମିଳେ । ପରବର୍ତ୍ତୀ ସମୟରେ ତାଙ୍କର 'ଝିଟିପିଟି କହେ'ର କେବଳ ୧୦୦ଟି ସ୍ତମ୍ଭକୁ ପୁସ୍ତକ ଆକାରରେ ସଂକଳିତ କରି ପ୍ରକାଶ କରିଛନ୍ତି ସାମ୍ବାଦିକ ପ୍ରମୋଦ କୁମାର ମହାପାତ୍ର ୧୯୯୬ ମସିହାରେ ।

**ହରେକୃଷ୍ଣ ମହତାବ (୧୮୯୯-୧୯୮୭):** ଓଡ଼ିଶାର ଆଗଧାଡ଼ିର ରାଜନୀତିଜ୍ଞ ହରେକୃଷ୍ଣ ମହାତାବ ଜଣେ ସାମ୍ବାଦିକ ଓ ସାହିତ୍ୟିକ ଭାବରେ ବେଶ୍ ପରିଚିତ । ତାଙ୍କ ସମ୍ପାଦିତ 'ପ୍ରଜାତନ୍ତ୍ର'

ସମ୍ବାଦପତ୍ରରେ ସେ ୧୯୪୭ ମସିହାରୁ 'ଗାଁ ମଜଲିସ୍' ସ୍ତମ୍ଭ ରଚନା କରିବା ଆରମ୍ଭ କରିଥିଲେ । 'ମଜଲିସ୍' ଏକ ଯାବନିକ ଶବ୍ଦ । ଏହାର ଅର୍ଥ ସଭା ବା ସମାରୋହ । ଗାଁ ଲୋକମାନଙ୍କ ସଭାକୁ ଗାଁ ମଜଲିସ୍ କୁହାଯାଏ । ମୋଗଲ ରାଜତ୍ୱ ସମୟରେ ଏହି 'ମଜଲିସ୍' ଶବ୍ଦର ବହୁଳ ପ୍ରଚଳିତ ଥିଲା । ସେଏହି 'ମଜଲିସ୍' ଶବ୍ଦକୁ ନିଜ ସ୍ତମ୍ଭର ଶୀର୍ଷକ ଭାବେ ଚୟନ କରି ଓଡ଼ିଆ ସ୍ତମ୍ଭ ରଚନା ପରମ୍ପରାରେ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲେ । ପରବର୍ତ୍ତୀ ସମୟରେ ଏହି ସ୍ତମ୍ଭ ଗୁଡ଼ିକ ଛଅଟି ପୁସ୍ତକରେ ସଙ୍କଳିତ ହୋଇ ପ୍ରକାଶ ପାଇଛି । ଗ୍ରାମ୍ୟ ଜୀବନ ସହିତ ଜଡ଼ିତ ଅନେକ ବ୍ୟାପାର ସହ ଗାଁ ଟାଉଟର, ମହାଜନ ବ୍ୟବସ୍ଥା, ପାଣି ସମସ୍ୟା, ପଂଚାୟତ ଓ ନ୍ୟାୟ ବ୍ୟବସ୍ଥା, ଗ୍ରାମ ସଫେଇ ବିଷୟରେ ଆଲୋଚନା କରୁଥିଲେ । ମହତାବ ପ୍ରାୟ ଲେଖାରେ ସ୍ୱଦେଶୀ, ସ୍ୱାବଲମ୍ବନ ଓ ସ୍ୱାଭିମାନ ଉପରେ ଗୁରୁତ୍ୱ ଦେଉଥିଲେ । 'ଗାଁ ମଜଲିସ' ସ୍ତମ୍ଭ ରଚନାର ଆରମ୍ଭରେ ଶୀର୍ଷକ ଦେଉ ନଥିଲେ ପରେ ଲେଖାର ଶୀର୍ଷକ ଦେବା ଆରମ୍ଭ କଲେ ।

ରାଜନୀତି ସହ ସମ୍ପୃକ୍ତ ରହିବା ଫଳରେ ସେ ପଲ୍ଲୀବାସୀଙ୍କ ଦୁର୍ଦ୍ଦଶା ଓ ସେମାନଙ୍କର ଦୈନନ୍ଦିନ ଜୀବନ ଉପଲବ୍ଧି କରିଥିଲେ । ତେଣୁ ସେ ସାଧାରଣ ପାଠକଙ୍କୁ ଆଖି ଆଗରେ ରଖି ତତ୍‌କାଳୀନ ସମୟରେ ଦେଖା ଦେଇଥିବା ଭୂଦାନ ଆନ୍ଦୋଳନ, ଦୁର୍ଭିକ୍ଷ, ବାତ୍ୟା ଓ ରାଜ୍ୟର ରାଜନୀତି, ସମାଜ ସଂସ୍କାର ପ୍ରଭୃତି ବିଷୟରେ ଆଲୋଚନା କରିଛନ୍ତି । ଏଥିରେ ସାହିତ୍ୟ, ସାଂସ୍କୃତିକ, ଧର୍ମୀୟ, ମନସ୍ତାତାତ୍ତ୍ୱିକ ବା ଦାର୍ଶନିକ ଚେତନା ସମ୍ବଳିତ ଅନେକ ଲେଖା ରହିଛି । ବିଭିନ୍ନ ସମୟରେ ବିଭିନ୍ନ କ୍ଷେତ୍ରରେ ଚାଲିଥିବା ଦୁର୍ନୀତି, ଅନ୍ୟାୟ, ଅତ୍ୟାଚାର ତଥା ଯୌତୁକ, ଅସ୍ପୃଶ୍ୟତା, ଦେବ ମନ୍ଦିରରେ ଓ ଯଜ୍ଞାନୁଷ୍ଠାନରେ ହେଉଥିବା ବଳି ପ୍ରଥା ବିରୁଦ୍ଧରେ ସ୍ୱରଉତ୍ତୋଳନ କରି ଜନ ଜାଗରଣ ସୃଷ୍ଟି କରିଛନ୍ତି । ଏହା ବ୍ୟତୀତ ସେହି ପ୍ରଜାତନ୍ତ୍ରରେ 'ଫାସିଚାନ୍ଦ' ନାମରେ ଏକ ସାପ୍ତାହିକ ସ୍ତମ୍ଭ ସେ ପ୍ରକାଶ କରୁଥିଲେ ଯେଉଁଥିରେ ତାଙ୍କର ବ୍ୟଙ୍ଗାତ୍ମକ ଦୃଷ୍ଟିକୋଣ ପ୍ରତିଫଳିତ ।

**ସୁରେନ୍ଦ୍ର ମହାନ୍ତି (୧୯୨୨-୧୯୯୦) :** ୧୯୮୪ ମସିହାରେ ବର୍ତ୍ତମାନର ଦୈନିକ ସମ୍ବାଦପତ୍ର 'ସମ୍ବାଦ' ପ୍ରକାଶ ପାଏ ଓ ଏହାର ପ୍ରଥମ ସମ୍ପାଦକ ହେବାର ଗୌରବ ଲାଭ କରନ୍ତି କଥାକାର ସୁରେନ୍ଦ୍ର ମହାନ୍ତି । ସେହି ଦିନଠାରୁ ସମ୍ପାଦକୀୟ ପୃଷ୍ଠାରେ 'ଶେଷସ୍ତମ୍ଭ' ପ୍ରକାଶ ପାଇଲା । ଏହି ସ୍ତମ୍ଭ ନଭେମ୍ବର ୧୯୮୪ ମସିହାରୁ ଆରମ୍ଭ ହୋଇ ନଭେମ୍ବର ୧୯୮୭ ପର୍ଯ୍ୟନ୍ତ ଧାରାବାହିକ ଭାବେ ପ୍ରକାଶିତ ହେଉଥିଲା । ତିନିବର୍ଷ ମଧ୍ୟରେ ପ୍ରାୟଏକଶହରୁ ଅଧିକ ସ୍ତମ୍ଭ ରଚିତ ହୋଇଛି । ପରବର୍ତ୍ତୀ ସମୟରେ ଏଗୁଡ଼ିକ ସଙ୍କଳିତ ହୋଇ ପୁସ୍ତକ ଆକାରରେ ପ୍ରକାଶ ପାଇଛି । ଏହାର ସୃଷ୍ଟି ଆକସ୍ମିକତା ଓ ଆବଶ୍ୟକତାରୁ ହେଲେ ମଧ୍ୟ ଏହାର ପ୍ରସାଙ୍ଗିକତା ସୁଦୂରପ୍ରସାରୀ । 'ଶେଷ ସ୍ତମ୍ଭ'ର ଆରମ୍ଭ ପର୍ଯ୍ୟାୟରେ ସେ ବିଶେଷତଃ ସାହିତ୍ୟ ସମ୍ପର୍କିତ ଚର୍ଚ୍ଚା କରୁଥିଲେ । ପରେ ପାଠକଙ୍କ ଆଗ୍ରହ ଓ ଅନୁରୋଧ ରକ୍ଷାକରି ସାହିତ୍ୟ ସମେତ ବ୍ୟକ୍ତିଗତ ଅନୁଭୂତି, ସମାଜ, ଦର୍ଶନ, ଧର୍ମ, ସଂସ୍କୃତି ପ୍ରଭୃତି ବିଭିନ୍ନ ବିଷୟରେ ଆଲୋଚନା କଲେ ।

କେବଳ ଓଡ଼ିଆ ସାହିତ୍ୟ ନୁହେଁ ଆମେରିକାନ୍ ସାହିତ୍ୟ, ୟୁରୋପୀୟ ସାହିତ୍ୟ, ମଧ୍ୟପ୍ରାଚ୍ୟର ସାହିତ୍ୟଓ ଭାରତର ପ୍ରାଦେଶିକ ସାହିତ୍ୟ ବିଷୟରେ ଆଲୋଚନା କରିଛନ୍ତି । ନୋବେଲ ପୁରସ୍କାର ଭଳି ଆନ୍ତର୍ଜାତୀୟ ପୁରସ୍କାର ସହିତ ଓଡ଼ିଶା ତଥା ଭାରତର ବିଭିନ୍ନ ସରକାରୀ ଓ ବେସରକାରୀ ପୁରସ୍କାର ପ୍ରସଙ୍ଗ ତାଙ୍କ ଲେଖା ପରିସରକୁ ଆସିଛି । ଓଡ଼ିଆ ସାହିତ୍ୟ ସମ୍ପର୍କିତ ତାଙ୍କ ଲେଖାଗୁଡ଼ିକ ହେଉଛି 'ଫକୀର ମୋହନ: ଗୋଠ ଓ ମଠ', 'ଓଡ଼ିଆ ଉପନ୍ୟାସର ଭୂମିକା', 'ଓଡ଼ିଶାରେ ଉର୍ଦ୍ଦୁ ଏକାଡେମୀ' । 'ଓଡିଆ ଭାଷା ଓ ଆମେ', 'ସଂସ୍କୃତିର ଯୁଗଳବନ୍ଦୀ ଓ ଆମ କଟ୍‌କୀଭାଷା' ଆଦି ତାଙ୍କର ଭାଷାଭିତ୍ତିକ ଲେଖା । ସେ ବୈଦେଶିକ ସାହିତ୍ୟ ସମ୍ପର୍କରେ ଲେଖିଥିବା ଲେଖା ମଧ୍ୟରେ 'ଚୀନ ସାହିତ୍ୟର ନୂତନ ରତ୍ନ', 'ବିଶ୍ୱ ସାହିତ୍ୟ', 'ନୋବେଲ ପୁରସ୍କାର ଓ ତୃତୀୟ ବିଶ୍ୱ', 'ବେଇଜିଙ୍ଗ ଆକାଶରେ ଚନ୍ଦ୍ରୋଦୟ', 'ଗୋଦୋ ପାଇଁ ପ୍ରତୀକ୍ଷା' ଆଦି ପ୍ରଧାନ । ଓଡ଼ିଆ ଧାର୍ମିକ ଜୀବନ ଓ ପର୍ବପର୍ବାଣି ସମ୍ବନ୍ଧରେ ଅନେକଗୁଡ଼ିଏ ସ୍ତମ୍ଭ ରଚନା କରିଛନ୍ତି, ସେଗୁଡ଼ିକ ହେଲା 'ଅବୈଷ୍ଣବ ଦୃଷ୍ଟିରେ ଶ୍ରୀଚୈତନ୍ୟ', 'ଶ୍ରୀଜଗନ୍ନାଥଙ୍କ ଅଣସର', 'ଜଗନ୍ନାଥ ଜଣାଣ', 'ବୁଦ୍ଧ ପୂର୍ଣ୍ଣିମା', 'କାର୍ତ୍ତିକ ମାହାତ୍ମ୍ୟ', 'ଦଶହରା', 'ମାଘସପ୍ତମୀ', 'ଦିପାବଳୀର ଅନ୍ଧକାର' । 'ସେରଲକହୋମସ୍ ଶତବାର୍ଷିକୀ', 'ଜନ୍‌ବିମସ୍ ଓ ନିମଚୌଡ଼ି', 'ବୁବୁନ୍ ଓ ମାଇକ ଟାଇସନ', 'ସିରାକୁଜ୍ ଓ ନବଦିଲ୍ଲୀ: ପ୍ଲାଟୋ ଓ ଗାନ୍ଧୀ' ସ୍ତମ୍ଭଗୁଡ଼ିକ ବ୍ୟକ୍ତି ବିଶେଷଙ୍କୁ ନେଇ ଲେଖିଛନ୍ତି । ସାମାଜିକ ଜୀବନକୁ କେନ୍ଦ୍ରକରି ଅନେକ ଗୁଡ଼ିଏ ସ୍ତମ୍ଭ ରଚନା କରିଛନ୍ତି, ସେଗୁଡ଼ିକ ହେଲା 'ଓଡ଼ିଆ ବଜାରର ବରାମାଉସୀ', 'କନିଆଁ ଦେଖା', 'ଦୁଇବସ୍ତା ଚୁଡ଼ା', 'ବିଡ଼ାନାସୀର ଖୁଆ ପେଡ଼ାବାଲା', 'ନାରୀର ଶେଷ ପରିଚୟ',

'କିଶୋର ବାଳକର ମୃତ୍ୟୁ ସମ୍ପର୍କରେ' 'ଦାଢ଼ି ବନାମ ନିର୍ଦାଢ଼ି ଆଦି ।

**ଚିତ୍ତରଞ୍ଜନ ଦାସ (୧୯୨୩-୨୦୧୧):** ଓଡ଼ିଆ ସ୍ତମ୍ଭ ରଚନା ବିଭାଗକୁ ସମୃଦ୍ଧ କରିବାରେ ଚିତ୍ତରଞ୍ଜନ ଦାସ ବଳିଷ୍ଠ ଭୂମିକା ଗ୍ରହଣ କରିଛନ୍ତି । ସେ ସମ୍ବାଦପତ୍ରରେ ସ୍ତମ୍ଭ ରଚନା କରିବା ସହିତ 'ଧରିତ୍ରୀ' ସମ୍ବାଦପତ୍ରରେ ୧୯୭୫ ରୁ ୧୯୮୭ ମଧ୍ୟରେ ଭାରତରେ ଜରୁରୀକାଳୀନ ଅବସ୍ଥାରେ ସମ୍ପାଦକୀୟ ଲେଖିଛନ୍ତି ଯାହା ପରବର୍ତ୍ତୀ ସମୟରେ 'ସମ୍ପାଦକର ସ୍ତମ୍ଭ' ଶୀର୍ଷକରେ ଚାରୋଟି ପୁସ୍ତକ ୨୦୦୦ ରୁ ୨୦୦୧ ମସିହାରେ ପ୍ରକାଶ ପାଇଛି । ମୁଖ୍ୟତଃ ସେ 'ପ୍ରଗତିବାଦୀ' ସମ୍ବାଦପତ୍ରରେ ସ୍ତମ୍ଭ ଲେଖିବାରେ ଅଧିକାଂଶ ସମୟ ଓ ଶ୍ରମ ବିନିଯୋଗ କରିଛନ୍ତି । ଏଥିରେ ପ୍ରକାଶିତ ସ୍ତମ୍ଭ ପୁସ୍ତକଗୁଡ଼ିକ ହେଉଛି 'ନଖଦର୍ପଣେନ' (୧୯୮୬), 'ଅରମ୍ୟ ରଚନା' (୧୯୮୬), 'ନେତା ଓ ନାରାୟଣ' (୧୯୯୦), 'ଆଉ ଏକ ଦୃଷ୍ଟିରେ' (୧୯୯୦), 'ହସ କେତେ କାନ୍ଦ କେତେ' (୧୯୯୯), 'ଅନାବନା ରଚନା' (୨୦୦୦), 'ଚର୍ମ ଘାରିଛି ସିନା' (୨୦୦୧), 'ପ୍ରୀତିରୁ ହୁଡ଼ିଲେ ଭୀତି' (୨୦୦୧), 'ବ୍ରହ୍ମ ତାତିଲାଣି ପରା' (୨୦୦୪), 'ଝାଉଁଳି ନପଡ଼ କେହି' (୨୦୦୫), 'କପିତୁ କାହିଁ ଅଇଲୁ' (୨୦୦୫), 'ଚେତନା ବଡ଼ ଅଡୁଆ'(୨୦୦୯) । 'ସମ୍ବାଦ'ରେ ପ୍ରକାଶିତ ତାଙ୍କର ଦୁଇଟି ସ୍ତମ୍ଭ ହେଉଛି 'ବିଶ୍ୱକୁ ଗବାକ୍ଷ' (୧୯୯୪) ଓ 'କାଳକୁ କଜ୍ଜ୍ୱଳ' (୧୯୯୫) । ତାଙ୍କ ଲେଖାରେ ମନୋବୈଜ୍ଞାନିକ, ସମାଜତାତ୍ତ୍ୱିକ ଓ ସାଂସ୍କୃତିକ ଦୃଷ୍ଟିକୋଣ ପ୍ରତିଫଳିତ ଏବଂ ସେ ବର୍ତ୍ତମାନର ସମାଜ ବ୍ୟବସ୍ଥାର ଦୋଷତ୍ରୁଟି, ବସ୍ତୁବାଦୀ କୈନ୍ଦ୍ରିକ ବ୍ୟକ୍ତି ଜୀବନକୁ କଠୋର ସମାଲୋଚନା କରନ୍ତି । ସେ ଜଟିଳ ଭାବକୁ ସରଳ ଭାଷାରେ ପ୍ରକାଶ କରନ୍ତି । ସେହି ଭାଷା ଭିତରେ ହାସ୍ୟ, ବ୍ୟଙ୍ଗ ଓ ଶ୍ଳେଷ ପ୍ରଚ୍ଛନ୍ନ ଭାବରେ ଥାଏ ।

**ଭାବଗ୍ରାହୀ ମିଶ୍ର (ଆଚାର୍ଯ୍ୟ ଭାବାନନ୍ଦ) (୧୯୩୩):** ସେ ଓଡ଼ିଶା ତଥା ଭାରତରେ ଗାନ୍ଧୀବାଦୀ ମଣିଷ ଭାବେ ସୁଖ୍ୟାତି ଅର୍ଜନ କରିଛନ୍ତି । ସେ ବିଭିନ୍ନ ସମ୍ବାଦପତ୍ରରେ ନିୟମିତ ଭାବେ ସ୍ତମ୍ଭ ରଚନା କରିଛନ୍ତି । ତାଙ୍କ ସ୍ତମ୍ଭଗୁଡ଼ିକ ପାଂଚଟି ପୁସ୍ତକରେ ସଙ୍କଳିତ ହୋଇଛି । ସେଗୁଡ଼ିକ ହେଉଛି 'ଗଣତନ୍ତ୍ର ମୋ ଦୃଷ୍ଟିରେ' (୧୯୮୧), 'ଆମ ଶାସନ ଆମ ସମାଜ-ମୋ କୈଫିୟତ୍'(୧୯୮୪), 'ରାଜନୀତି: ବ୍ୟକ୍ତି ଓ ସଂସ୍କୃତି' (୧୯୮୬), 'ସାମ୍ବାଦିକର ସମ୍ବେଦନା-ସତ କହିବାକୁ କିଆଁ ଡରିବି'(୧୯୯୪), 'ଓଃ ରାଜନୀତି ସମ୍ପର୍କରେ'(୧୯୯୮), 'ବିକ୍ଷିପ୍ତ ରଚନା'(୨୦୦୨) । ଏହି ସ୍ତମ୍ଭ ଗୁଡ଼ିକରେ ସ୍ୱାଧୀନତା ପରବର୍ତ୍ତୀ ସମସ୍ୟା ଭୂସଂସ୍କାର, ଅର୍ଥନୀତିକ ସଂସ୍କାର, ସମାଜବାଦ, ରାଜ୍ୟ ପୁନର୍ଗଠନ, ସାମାଜିକ ସମସ୍ୟା, ଶିକ୍ଷା ଆଦି ସମ୍ପର୍କରେ ନିଜର ଚିନ୍ତାଧାରା ଉଲ୍ଲେଖ କରିଛନ୍ତି । ଏ ସମସ୍ତ ରଚନାଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ସମୟରେ ତତ୍କାଳୀନ ଘଟଣା ବା ପରିସ୍ଥିତିକୁ କେନ୍ଦ୍ରକରି ରଚିତ ହୋଇଥିଲେ ମଧ୍ୟ ଆମ ସମାଜ, ଶାସନ, ରାଜନୀତିର କାଳାନୁକ୍ରମିକ ଆଲୋଚନା କରିବା ବେଳେ ଏହାର ଐତିହାସିକ ମୂଲ୍ୟକୁ ଅସ୍ୱୀକାର କରାଯାଇ ନପାରେ । ତାଙ୍କର ଅଧିକାଂଶ ସ୍ତମ୍ଭରେ 'ଗାନ୍ଧୀ ଚିନ୍ତନ'ର ତାତ୍ତ୍ୱିକତା ଓ ଯୁକ୍ତିଯୁକ୍ତତାକୁ ପାଠକ ଗୋଷ୍ଠୀ ଓ ବୁଦ୍ଧିଜୀବୀ ମହଲ ହୃଦୟଙ୍ଗମ କରନ୍ତୁ ବୋଲି ସେ ପ୍ରୟାସ କରି ଆସିଛନ୍ତି । ଏହା ସହିତ ନିର୍ଭୀକ ଭାବରେ ଗାନ୍ଧୀବାଦୀ ମାନଙ୍କର କର୍ମ ଯୋଜନାର ତ୍ରୁଟିକୁ ମଧ୍ୟ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି ।

**ପ୍ରଦ୍ୟୁମ୍ନ ବଳ (୧୯୩୩-୧୯୯୯):** ଓଡିଆ ସାମ୍ବାଦିକତା କ୍ଷେତ୍ରରେ ପ୍ରଦ୍ୟୁମ୍ନ ବଳ ଏକ ସୁପରିଚିତ ନାମ । ତାଙ୍କରି ସମ୍ପାଦନାରେ ଦୈନିକ ସମ୍ବାଦପତ୍ର 'ପ୍ରଗତିବାଦୀ' ପ୍ରକାଶ ପାଇଥିଲା । ସେ 'ଅଭିମତ' ସ୍ତମ୍ଭରେ ଦଳିତ, ନିଷ୍ପେସିତ, ଖଟିଖିଆ ମଣିଷଙ୍କ ଠାରୁ ଆରମ୍ଭ କରି ରାଜନୀତି ପର୍ଯ୍ୟନ୍ତ ସବୁ ଆଲୋଚନା କରିଛନ୍ତି । ତାଙ୍କ ସ୍ତମ୍ଭ ସଙ୍କଳିତ ପୁସ୍ତକଗୁଡ଼ିକ ହେଉଛି 'ଜୀବନଚର୍ଯ୍ୟା' (୨୦୦୦), 'ସ୍ୱପ୍ନର ଓଡ଼ିଶା' (୨୦୦୦), 'ପ୍ରଥମ ବିଶ୍ୱ-ଅନ୍ୟ' (୨୦୦୦), 'ଚେତନାର ଚିତ୍ରକଳ୍ପ'(୨୦୦୧), 'ପୃଥିବୀ ପରିଭାଷା' (୨୦୦୨) । ତାଙ୍କରି ସ୍ତମ୍ଭ 'ଜୀବନୀଚର୍ଯ୍ୟା' ଶିରୋନାମାରେ ସଂକ୍ଷିପ୍ତ ଗଦ୍ୟ ଆକାରରେ ଲିଖିତ ହେଉଥିଲା । ଜୀବନର ସାଧାରଣ ଘଟଣା ଠାରୁ ଦେଶବିଦେଶର ଅନେକ ପ୍ରସଙ୍ଗକୁ ନେଇ ସେ ଲେଖିଥିଲେ । ଏହି ସ୍ତମ୍ଭର ପ୍ରତ୍ୟେକ ଲେଖାଗୁଡ଼ିକ ନିର୍ଦ୍ଦିଷ୍ଟ ଶୀର୍ଷକରେ ପ୍ରକାଶ ପାଉଥିଲା । 'ପବ୍ଲିକ ସ୍କୁଲ ଓ ବ୍ରେକଫାଷ୍ଟ' ଲେଖାରେ ସେ ନାମକରଣ ଓ ତା'ର ପ୍ରକୃତ ଅର୍ଥ ମଧ୍ୟରେ ସାମଞ୍ଜସ୍ୟ ନଥିବା କଥାକୁ ଉଲ୍ଲେଖ କରିଛନ୍ତି । ଦେଶରେ ପବ୍ଲିକ ସ୍କୁଲ ରହିଛି । ଏହି ନାମକରଣରୁ ସାଧାରଣ ଭାବେ ଜଣାପଡ଼େ ଏହି ସ୍କୁଲରେ ସର୍ବସାଧାରଣଙ୍କ ପିଲାମାନେ ପାଠ ପଢୁଥିବେ । କିନ୍ତୁ ପ୍ରକୃତରେ ବଡ଼ବଡ଼ ଲୋକ ବା ଧନୀଲୋକର ପିଲାମାନେ ପଢ଼ନ୍ତି । ବିଦ୍ୟାଳୟ ପରିସରରେ ଶିକ୍ଷୟିତ୍ରୀ ଓ ପିଲାମାନଙ୍କ କଥୋପକଥନକୁ ଉଦାହରଣ ଦେଇ କହନ୍ତି ଯେ ଓଡ଼ିଆ ପିଲା ସକାଳ ଜଳଖିଆ ଭାବେ ମୁଢ଼ି,

ଚୁଡ଼ା, ପିଠା, ପଖାଳ ଖାଉଥିବା ବେଳେ ତାହାକୁ ବ୍ରେକଫାଷ୍ଟ କହିବା ପାଇଁ ଶିକ୍ଷୟିତ୍ରୀ ମନାକରି ବ୍ରେଡ୍, ବଟର, ଅମ୍ଲେଟ୍‌କୁ ବ୍ରେକଫାଷ୍ଟ କୁହାଯିବ ବୋଲି କହିଛନ୍ତି । ତାଙ୍କ ଅନେକ ଲେଖାରେ ସାମ୍ପ୍ରତିକ ରାଜନେତା ଓ ସରକାରଙ୍କ ପ୍ରତି ବ୍ୟଙ୍ଗ ରହିଛି । ସ୍ତମ୍ଭକାରଙ୍କ ଅନେକ ଲେଖା ଗଳ୍ପ ଛଳରେ ଲେଖାଯାଇଛି । କୌଣସି ପାଣ୍ଡିତ୍ୱ ପ୍ରଦର୍ଶନ ଅପେକ୍ଷା ସାଧାରଣ ପାଠକର ହୃଦୟକୁ ଛୁଇଁଚି । ଏହି ସ୍ତମ୍ଭଗୁଡ଼ିକ ୧୯୮୨ ମସିହାରୁ ୧୯୮୭ ମସିହା ମଧ୍ୟରେ ପ୍ରକାଶ ପାଉଥିଲା ।

**ମନୋଜ ଦାସ (୧୯୩୪-୨୦୨୧) :** ସ୍ତମ୍ଭ ରଚନାକୁ ସମୃଦ୍ଧ କରିବାରେ ବାଗ୍ମୀ ମନୋଜ ଦାସଙ୍କ ଅବଦାନ ବିଶେଷ ଭାବରେ ରହିଛି । ତାଙ୍କର ବହୁପଠିତ ସ୍ତମ୍ଭ 'କେତେ ଦିଗନ୍ତ' ଓଡିଆ ସମ୍ବାଦ ସାହିତ୍ୟକୁ ନୂତନ ଦିଗ ପ୍ରଦାନ କରିଛି । ଏହାପରେ ଦୁଇଟି ପୁସ୍ତକରେ ସଙ୍କଳିତ ହୋଇଛି । ପ୍ରଥମେ ଏହି ସ୍ତମ୍ଭ ୧୯୬୬ ମସିହାରେ ପ୍ରକାଶିତ ଦୈନିକ ସମ୍ବାଦପତ୍ର 'ଜନଶକ୍ତି' ପ୍ରକାଶନ ବନ୍ଦ ହୋଇଯିବା ପରେ 'ସମାଜ'ରେ 'ସନ୍ଧାନ ଓ ସଙ୍କେତ' ଶୀର୍ଷକରେ ୧୯୬୯ ମସିହାରୁ ୧୯୭୪ ମସିହା ଯାଏଁ ବାହାରିଲା । ପରବର୍ତ୍ତୀ ସମୟରେ ୧୯୭୫ ରୁ ୧୯୮୪ ପର୍ଯ୍ୟନ୍ତ ଦଶବର୍ଷ ପ୍ରକାଶ ପାଇଲା ଦୈନିକ ସମ୍ବାଦପତ୍ର 'ଧରିତ୍ରୀ'ରେ । ଏହା ସହିତ ତାଙ୍କର ଆଉ ଗୋଟିଏ ସ୍ତମ୍ଭ 'ବିପୁଳାଚ ପୃଥ୍ୱୀ' ନାମ ବହନ କରି ପ୍ରକାଶ ପାଉଥିଲା । ଏଗୁଡ଼ିକ ସାମ୍ପ୍ରତିକ ଘଟଣାବଳୀ ଉପରେ ଲିଖିତ ହୋଇଥିଲେ ମଧ୍ୟ ଏହାର ଐତିହାସିକ, ସାହିତ୍ୟିକ ମୂଲ୍ୟକୁ ଅଣଦେଖା କରି ହେବ ନାହିଁ । ବ୍ରହ୍ମପୁରରୁ ପ୍ରକାଶିତ ଦୈନିକ ସମ୍ବାଦପତ୍ର 'ଅନୁପମ ଭାରତ'ରେ ୧୯୯୬ ମସିହାରୁ ୧୯୯୮ ମଧ୍ୟରେ ସମ୍ପାଦକୀୟ ରଚନା କରୁଥିଲେ ଯାହା ପରବର୍ତ୍ତୀ ସମୟରେ 'ଅରଣ୍ୟ ଉଲ୍ଲାସ' ପୁସ୍ତକରେ ସଙ୍କଳିତ ହୋଇଛି । ଏଗୁଡ଼ିକ ସମଗ୍ର ଏକତ୍ର 'ସୃଜନୀ ସମଗ୍ର' ପ୍ରଥମ ଖଣ୍ଡରେ ସଙ୍କଳିତ ହୋଇଛି ।

ଲେଖକ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ଦର୍ଶନ ଦ୍ୱାରା ପ୍ରଭାବିତ । ସେ ପଣ୍ଡିଚେରୀରେ ଶ୍ରୀ ଅରବିନ୍ଦ ଆଶ୍ରମ ଠାରେ ଅବସ୍ଥାନ କରି ଶ୍ରୀ ଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ଇଂରାଜୀ ପ୍ରାଧ୍ୟାପକ ଭାବେ ଶିକ୍ଷାଦାନ କରୁଥିଲେ । ଶ୍ରୀ ଅରବିନ୍ଦଙ୍କ ଏକଶତ ଦଶମ ଜନ୍ମ ଦିବସରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ସେ ରଚନା କରିଛନ୍ତି 'ଶ୍ରୀ ଅରବିନ୍ଦ-ସ୍ମରଣେ' । ଜଣେ ଜିଜ୍ଞାସୁଙ୍କ ଜୀବନ ଓ ଜଗତ ସମ୍ପର୍କିତ ପ୍ରଶ୍ନର ଉତ୍ତର ଶ୍ରୀ ଅରବିନ୍ଦ ଚିଠି ମାଧ୍ୟମରେ ପ୍ରଦାନ କରିଛନ୍ତି ତାହା ସେ ଏଥିରେ ଉଲ୍ଲେଖ କରିଛନ୍ତି । ଏହା ସହିତ ସମସାମୟିକ ପ୍ରସଙ୍ଗକୁ ଅବଲମ୍ବନ କରି ଧର୍ମ, ବିଜ୍ଞାନ, ସାହିତ୍ୟ, ଦର୍ଶନ, ଅର୍ଥନୀତି, ସମାଜତତ୍ତ୍ୱ, ରାଜନୀତି, ଶିକ୍ଷା ଓ ସଙ୍ଗୀତ ଆଦି ବିଭିନ୍ନ ବିଷୟରେ ନିଜର ଚିନ୍ତାଚେତନା ପ୍ରକଟ କରିଛନ୍ତି । ପ୍ରତ୍ୟେକ ସ୍ତମ୍ଭରେ ଲେଖକ ଆମ ସମୟର ସମସ୍ୟା ସଙ୍କଟ, ଭଣ୍ଡାମି, ଗୁଣ୍ଡାମି, ମିଥ୍ୟା ଆସ୍ଫାଳନ, ସୁସମ୍ବାଦ, ବିସମ୍ବାଦ ଆଦିର ଏକ ଚିତ୍ର ଉପସ୍ଥାପନା କରିଛନ୍ତି । ତାଙ୍କ ଲେଖାଗୁଡ଼ିକ ଗଳ୍ପଶୈଳୀର ଓ ବିଭିନ୍ନ କାହାଣୀ ମାଧ୍ୟମରେ ସେ ନିଜର ଭାବଧାରାକୁ ପ୍ରକାଶ କରନ୍ତି । ତାଙ୍କର ଶୀର୍ଷକଗୁଡ଼ିକୁ ଦୃଷ୍ଟି ଦେଲେ ଅନୁଭବ ହେବ ଯେ ସେଗୁଡ଼ିକ ଗୋଟିଏ ଗୋଟିଏ କାହାଣୀ । ସେଭଳି କେତୋଟି ଶୀର୍ଷକର ଉଦାହରଣ ହେଲା, ଏକ ନିଭୃତ ଜନପଦର କାହାଣୀ, ଦୁଇ ଆରୋଗ୍ୟ-ନିକେତନର କାହାଣୀ, ଏକ ଅଳୀକ ଚୁମ୍ବନର କାହାଣୀ, ଧନପତିଙ୍କ ଶେଷଇଚ୍ଛା, ସିଂହ ଶିକାର, ଇତ୍ୟାଦି । ତାଙ୍କ ଲେଖାଗୁଡ଼ିକ ଗଳ୍ପ ଛଳରେ ଲେଖା ହୋଇଥିଲେ ମଧ୍ୟ ସେଥିରେ ବ୍ୟଙ୍ଗ, ଶ୍ଳେଷ ରହିଥାଏ ଯାହା ପାଠକଙ୍କୁ ଆତ୍ମସମୀକ୍ଷା କରିବାକୁ ପ୍ରବର୍ତ୍ତାଇଥାଏ ।

**ବରେନ୍ଦ୍ର କୃଷ୍ଣ ଧଳ (୧୯୩୯-୨୦୧୬) :** ସାମ୍ବାଦିକ ବରେନ୍ଦ୍ର କୃଷ୍ଣ ଧଳ ଓଡ଼ିଆ ସ୍ତମ୍ଭ ରଚନା କ୍ଷେତ୍ରରେ ଜଣେ ବିଶିଷ୍ଟ ସ୍ତମ୍ଭକାର । ସ୍ତମ୍ଭ ରଚନାର ଆରମ୍ଭ 'ପ୍ରଜାତନ୍ତ୍ର'ରୁ କରିଥିଲେ । ପରେ 'ସମ୍ବାଦ'ରେ ପ୍ରକାଶିତ ତାଙ୍କ ସ୍ତମ୍ଭ 'ମୁକ୍ତ ବିଚାର' ପାଠକଙ୍କ ମନରେ ଆଲୋଡ଼ନ ସୃଷ୍ଟି କରିଥିଲା । ଏହି ଧାରାବାହିକ ସ୍ତମ୍ଭ ପରବର୍ତ୍ତୀ ସମୟରେ ପାଂଚଟି ପୁସ୍ତକରେ ସଙ୍କଳିତ । ଯଥା 'ମୁକ୍ତବିଚାର' (୧ମ ପର୍ବ) ୧୯୯୫, 'ମୁକ୍ତ ବିଚାର-ରାଜନୀତି, ସାହିତ୍ୟରେ, ସଂସ୍କୃତିରେ' (୨ୟ ପର୍ବ) ୧୯୯୬, 'ମୁକ୍ତ ବିଚାର-ସାହିତ୍ୟ, ସଂସ୍କୃତି, ଶାସନତନ୍ତ୍ର ଓ ରାଜନୀତିର ଭିତିରି କଥା' (୩ୟ ପର୍ବ) ୧୯୯୭, 'ମୁକ୍ତ ବିଚାର' (୪ର୍ଥ ପର୍ବ) ୧୯୯୯, 'ମୁକ୍ତ ବିଚାର' (୫ମ ପର୍ବ) ୨୦୦୦ । ଏହା ବ୍ୟତୀତ ତାଙ୍କର 'ଖୋଲା ବିଚାର' ଶୀର୍ଷକରେ ଆଉ ଏକ ଧାରାବାହିକ ସ୍ତମ୍ଭ ପ୍ରକାଶ ପାଉଛି । ଯାହା ଏକାଦଶ ପ୍ରସ୍ଥ ଅର୍ଥାତ୍ ଏଗାର ଖଣ୍ଡ ପର୍ଯ୍ୟନ୍ତ ପୁସ୍ତକରେ ପ୍ରକାଶ ପାଇ ସାରିଛି । ଦୁର୍ନୀତିର ପର୍ଦ୍ଦାଫାଶ ହେଉ, ଅମଲାତନ୍ତ୍ରର ଦୁର୍ବଳତା ହେଉ ଯେକୌଣସି ବିଷୟରେ ନିର୍ଭୀକ ଭାବେ ଜନସାଧାରଣ ତଥା ପାଠକବର୍ଗଙ୍କ ସମ୍ମୁଖରେ ଆଲୋଚନା କରି ମତାମତ ରଖିଥାନ୍ତି । 'ସମ୍ବାଦ' ସମେତ ଅନ୍ୟାନ୍ୟ ସମ୍ବାଦପତ୍ରଗୁଡ଼ିକରେ ନିୟମିତ ଭାବରେ ରାଜନୀତିକ, ସାମାଜିକ, ସାଂସ୍କୃତିକ, ଆର୍ଥନୀତିକ, ସାମାଜିକ ସମସ୍ୟା ସମ୍ବଳିତ ଆଲୋଚନା ମାନ ଲେଖି ସମ୍ବାଦ ସାହିତ୍ୟକୁ ସମୃଦ୍ଧ କରିପାରିଛନ୍ତି । ଲେଖକ

ବୃତ୍ତିରେ ସାମ୍ବାଦିକ ତେଣୁ ସେ ଓଡ଼ିଶାର ରାଜନୀତିକ, ଅର୍ଥନୀତିକ ଓ ସାମାଜିକ ଜୀବନ ସହିତ ପ୍ରତ୍ୟକ୍ଷ ଭାବରେ ଜଡ଼ିତ । ଓଡ଼ିଶା ସରକାରଙ୍କ ବିଭିନ୍ନ ଯୋଜନା, ମନ୍ତ୍ରୀମାନଙ୍କ କାର୍ଯ୍ୟବିଧି, ଅମଲାତନ୍ତ୍ର ତଥା ପ୍ରଶାସକ ମାନଙ୍କ କର୍ତ୍ତବ୍ୟ, ଆଚରଣ, କାର୍ଯ୍ୟଶୈଳୀ ବିଷୟରେ 'ମୁକ୍ତବିଚାର' ସ୍ତମ୍ଭରେ ଯୁକ୍ତି ଓ ପ୍ରାମାଣିକତା ସହିତ ନିଜର ମତାମତ ଉପସ୍ଥାପନା କରିଛନ୍ତି ।

**ପ୍ରଫୁଲ୍ଲ କୁମାର ତ୍ରିପାଠୀ (୧୯୪୫) :** ପ୍ରଫୁଲ୍ଲ କୁମାର ତ୍ରିପାଠୀ ଓଡ଼ିଶାର ଜଣେ ସୁପରିଚିତ ଭାଷାବିତ୍ । ସେ 'ସମ୍ବାଦ'ଦୈନିକ ସମ୍ବାଦପତ୍ରରେ ଓଡ଼ିଆ ଭାଷା ସମ୍ବନ୍ଧିତ ସ୍ତମ୍ଭ 'ଭାଷା ଭାବନା' ୧୯୯୬ ମସିହା ଅକ୍ଟୋବର ପ୍ରଥମ ସପ୍ତାହରୁ ୧୯୯୮ ମାର୍ଚ୍ଚ ମଧ୍ୟରେ ପ୍ରକାଶିତ କରିଥିଲେ । ସେ ଭାଷାଭିତ୍ତିକ ନାନା ବିଷୟକୁ ସାଧାରଣ ପାଠକର ବୋଧଗମ୍ୟ ହେବା ଭଳି ସରଳ ଭାଷାରେ ଲେଖୁଥିଲେ । ଓଡ଼ିଆ ଭାଷାର ଶୁଦ୍ଧ ବ୍ୟବହାର ଓ ପ୍ରୟୋଗ, ବ୍ୟାକରଣ ଜ୍ଞାନ, ଭାଷା ସଚେତନତା ସୃଷ୍ଟି କରିବା ଦିଗରେ ଏହି ସ୍ତମ୍ଭରେ ଶିକ୍ଷା ରହୁଥିଲା । ସର୍ବଦା ଭାଷାର ସ୍ଥିତି ପରିବର୍ତ୍ତନଶୀଳ । କାଳକ୍ରମେ ପୃଥିବୀର ଅନେକ ଭାଷା ଲୁପ୍ତ ହୋଇଗଲାଣି । ଭାଷା ବ୍ୟବହାରକାରୀଙ୍କ ଉପରେ ଭାଷାର ସ୍ଥିତି ନିର୍ଭର କରେ । ସ୍ତମ୍ଭକାର ଓଡ଼ିଆ ଭାଷା ରବର୍ତ୍ତମାନ ସ୍ଥିତି ଅବସ୍ଥାକୁ ନେଇ ଚିନ୍ତିତ । ଏ ସ୍ତମ୍ଭଗୁଡ଼ିକ ସଙ୍କଳିତ ହୋଇ ୨୦୦୭ ମସିହାରେ ପୁସ୍ତକର ଆକାରରେ ପ୍ରକାଶ ପାଇଛି ।

ଓଡ଼ିଆ ସ୍ତମ୍ଭ ରଚନାର ପରମ୍ପରାରେ ବହୁ ସ୍ତମ୍ଭକାରଙ୍କର ଅନେକ ପ୍ରକାରର ସ୍ତମ୍ଭ ବିଭିନ୍ନ ସମ୍ବାଦପତ୍ରର ସମ୍ପାଦକୀୟ ପୃଷ୍ଠାରେ ଦେଖିବାକୁ ପାଉ । ସେଗୁଡ଼ିକର ସୂଚନାତ୍ମକ ବିବରଣୀ ନିମ୍ନରେ ଦେବାକୁ ପ୍ରୟାସ କରାଯାଇଛି । ଅଧ୍ୟାପକ ବିଶ୍ୱରଞ୍ଜନଙ୍କ 'ରଂଜନ ରଶ୍ମି' ସ୍ତମ୍ଭ 'ପ୍ରଜାତନ୍ତ୍ର'ରେ ଓ 'ତୀରତରଙ୍ଗ' ସ୍ତମ୍ଭ 'ସମ୍ବାଦ'ରେ ପ୍ରକାଶ ପାଇଛି । ତାଙ୍କର ସ୍ତମ୍ଭ ସଙ୍କଳିତ ପୁସ୍ତକ ଗୁଡ଼ିକ ହେଉଛି, 'ପତ୍ର ଓ ପ୍ରତିଧ୍ୱନି' (୧୯୮୧), 'ଗଣତନ୍ତ୍ରର ରୂପ ଓ ରୂପାନ୍ତର' (୧୯୯୬), 'ଢିଙ୍କିଶାଳରୁ ଢେଙ୍କାନାଳ' (୧୯୯୬), 'ଆମ ନେତାଜୀ'(୧୯୯୮), 'ବାତ୍ୟା ଓଡ଼ିଶୀ' (୨୦୦୦), 'ତୀରତରଙ୍ଗ' (୨୦୦୨), ଓ 'ଗଳ୍ପର ନାମ ଗଣତନ୍ତ୍ର' (୨୦୦୬) । ଇଂରାଜୀ ଭାଷା ଓ ସାହିତ୍ୟ ଅଧ୍ୟାପକ ଜୟନ୍ତ କୁମାର ବିଶ୍ୱାଳଙ୍କ ଦୈନିକ 'ସମ୍ବାଦ'ରେ ପ୍ରକାଶିତ ଦୁଇଗୋଟି ସ୍ତମ୍ଭ 'ଚେତନାର ଚିହ୍ନ' ଓ 'ଦିଗବଳୟ ଏ ପାଖରେ' ପାଠକୀୟ ସ୍ୱୀକୃତି ଲାଭ କରିଛି । 'ସର୍ବସାଧାରଣ' ଦୈନିକସମ୍ବାଦ ପତ୍ରରେ ପ୍ରକାଶ ପାଉଛି ପଂଚାନନ କାନୁନଗୋଙ୍କ ସ୍ତମ୍ଭ 'ମାନସ ମନ୍ଥନ' । 'ପ୍ରଜାତନ୍ତ୍ର'ରେ ରବି କାନୁନଗୋଙ୍କ ସାପ୍ତାହିକ ସ୍ତମ୍ଭ 'ଲଘୁପାକ' ଓ 'ସମ୍ବାଦ'ରେ 'ବାଟେ ଘାଟେ' ସ୍ତମ୍ଭ ଦୀର୍ଘ ସମୟ ପର୍ଯ୍ୟନ୍ତ ପ୍ରକାଶ ପାଉଥିଲା । ପରବର୍ତ୍ତୀ ସମୟରେ ତାଙ୍କ ସ୍ତମ୍ଭଗୁଡ଼ିକ 'କାଗଜ ବାଘ' (୧୯୯୪)) , 'କେଶବତୀ କନ୍ୟା' (୧୯୯୭), 'କଥା କିଂଚିତ (୧୯୯୯) ଆଦି ପୁସ୍ତକ ଆକାରରେ ସଙ୍କଳିତ । 'ଭିନ୍ନ ଦୃଷ୍ଟି' ସମ୍ବାଦପତ୍ରରେ ଅରୁଣ କୁମାର ପଣ୍ଡାଙ୍କ 'ମସୀମନ୍ଥନ' ସ୍ତମ୍ଭ ପ୍ରକାଶ ପାଉଛି । ସେହିପରି 'ପ୍ରମେୟ' ଦୈନିକ ସମ୍ବାଦପତ୍ରରେ ପ୍ରକାଶ ପାଉଛି ଚିନ୍ତାବିତ୍ ସୁଦର୍ଶନ ଦାସଙ୍କ 'ଧରଣୀର କାହାଣୀ' ସ୍ତମ୍ଭ । ଶୈଳେନ୍ଦ୍ର ଦ୍ୱିବେଦୀଙ୍କ 'ମାୟା ମିରିଗ' (୨୦୦୮), 'ଲୋହିତ ସୂର୍ଯ୍ୟର ଦେଶ (୨୦୧୦), 'ଏକ ଚିତ୍ର ବାଘର କାହାଣୀ, 'ସମାଜ'ରେ ପ୍ରକାଶିତ ସ୍ତମ୍ଭକାର ନିରଞ୍ଜନ ରଥଙ୍କ 'ବେଙ୍ଗ କହେ ବେଙ୍ଗୁଲି ଲୋ' (୨୦୧୭), 'ସାହାଣ ମେଲା'ରେ ପ୍ରକାଶିତ ଦେବେନ୍ଦ୍ର ନାଥ ଦାସଙ୍କ 'ଶୁଣିବା ହେଉ ସାଧୁଜନେ' (୨୦୧୧), 'ସମାଜ' ଆଉ 'ସମ୍ବାଦ'ରେ ପ୍ରକାଶିତ ସ୍ତମ୍ଭକାର ଡକ୍ଟର ଗୋବିନ୍ଦ ଭୂୟାଁଙ୍କ 'ସାହିତ୍ୟ ସାମର୍ଥ୍ୟ ସ୍ୱାଭିମାନ' (୨୦୨୨)ଆଦି ଦ୍ୱାରା ଓଡ଼ିଆ ସ୍ତମ୍ଭ ରଚନା ସମୃଦ୍ଧ ହୋଇଛି ।

ଓଡ଼ିଆ ସ୍ତମ୍ଭ ରଚନାକୁ ସମୃଦ୍ଧ କରିବାରେ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସମ୍ପାଦିତ ଦୈନିକ ସମ୍ବାଦପତ୍ର 'ସମ୍ବାଦ'ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସ୍ତମ୍ଭକାର ସୁରେନ୍ଦ୍ର ମହାନ୍ତିଙ୍କ 'ଶେଷ ସ୍ତମ୍ଭ' ପ୍ରକାଶ ହେବାର ପରେ ପରେ ଅନେକ ସ୍ତମ୍ଭ ଧାରାବାହିକ ଭାବେ ପ୍ରକାଶ ପାଉଛି । ସମ୍ପାଦକ ପଟ୍ଟନାୟକଙ୍କ ନିଜସ୍ୱ ସ୍ତମ୍ଭ 'ଆମ ଘରର ହାଲଚାଲ' ଅନିୟମିତ ଭାବରେ ପ୍ରକାଶ ପାଏ । ଅସିତ ମହାନ୍ତିଙ୍କ ସ୍ତମ୍ଭ 'ନବକଳେବର କଥା' ଶ୍ରୀଜଗନ୍ନାଥଙ୍କ ନବକଳେବରର ପୃଷ୍ଠଭୂମି ଉପରେ ଲିଖିତ । ତାଙ୍କର ସାହିତ୍ୟ ସମ୍ବନ୍ଧୀୟ ଲେଖା ପ୍ରକାଶ ପାଏ 'ସାହିତ୍ୟିକ ପାଣିପାଗ' ସ୍ତମ୍ଭରେ । ବିଶିଷ୍ଟ ପ୍ରାବନ୍ଧିକ ହରପ୍ରସାଦ ଦାସଙ୍କ 'ଓଡ଼ିଆ ଜାତିର ଜୀବନଗାଥା' ସ୍ତମ୍ଭରେ ଓଡ଼ିଶାର ଐତିହ୍ୟ, ସଂସ୍କୃତି, ଜାତୀୟତା ସମ୍ପର୍କରେ ଅନେକ ତଥ୍ୟାତ୍ମକ ଆଲୋଚନା କରାଯିବା ସହିତ 'ଲୋକକ୍ଷେତ୍ର' ସ୍ତମ୍ଭରେ ଜଣେ ବୁଦ୍ଧିଜୀବୀ ଭାବେ ଦେଶ ତଥା ବିଦେଶର ବିଭିନ୍ନ ପ୍ରସଙ୍ଗ ଯୁକ୍ତି ଓ ତାର୍କିକ ଆଲୋଚନା କରୁଛନ୍ତି । ଗୌରହରି ଦାସଙ୍କ ପ୍ରକାଶିତ ସ୍ତମ୍ଭ ହେଉଛି 'ଜୀବନର ଜଳଛବି', ଆଉ ରବିବାର ସାପ୍ତାହିକରେ ପ୍ରକାଶିତ ରାଜନୀତି ବ୍ୟଙ୍ଗ ବିଦ୍ରୁପଧର୍ମୀ ସ୍ତମ୍ଭ 'ରାଜଧାନୀ ରାଜନୀତି' । ଚିନ୍ତାବିତ୍ ଭଗବାନ ପ୍ରକାଶଙ୍କ 'ବିକଳ୍ପ ବିଶ୍ୱ', ରଣଜିତ

ଗୁରୁଙ୍କ 'ଅପ୍ରସଙ୍ଗ', 'ବିଡମ୍ବିତ ଦଶନ୍ଧୀ, ଜିତେନ୍ଦ୍ର ନାରାୟଣ ଦାସ (ଦାଶବେନ୍ହୁର)ଙ୍କ 'କହିବାର ଅଛି', ପ୍ରଶାସକ ସୁଧାଂଶୁ ଷଡ଼ଙ୍ଗୀଙ୍କ 'ଗଣତନ୍ତ୍ରର ହାଲ', ସୁଭାଷ ପଟ୍ଟନାୟକଙ୍କ 'ସରସରସ', ନାରାୟଣ ମିଶ୍ରଙ୍କ 'ଆମରି କଥା', ସରଳ କୁମାର ଦାସଙ୍କ 'ସରଳ ବିଚାର' 'ଓମ୍ ପ୍ରକାଶ ଜଗତିଙ୍କ 'ବଜାର ହାଲଚାଲ' ଆଦି ସ୍ତମ୍ଭଗୁଡ଼ିକ 'ସମ୍ବାଦ' ପୃଷ୍ଠାରେ ପ୍ରକାଶ ପାଇଛି ।

ବର୍ତ୍ତମାନ ସମୟରେ ଓଡ଼ିଶାର ବିଭିନ୍ନ ଦୈନିକ ସମ୍ବାଦପତ୍ରରେ ଅନେକ ସ୍ତମ୍ଭ ପ୍ରକାଶ ପାଉଛି । ନିମ୍ନରେ ସେ ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରାଗଲା । 'ନିର୍ଭୟ' ସମ୍ବାଦପତ୍ରରେ ପ୍ରକାଶ ପାଉଛି ଅନିଲ ବିଶ୍ୱାଲଙ୍କ 'ଏହା ବି ପ୍ରସଙ୍ଗ', ଜ୍ୟୋତିପ୍ରକାଶ ଘୋଷଙ୍କ 'ରୋଚକ କଥା', ଡ. ହୃଷୀକେଶ ମହାନ୍ତିଙ୍କ 'ମୋ କଥା', ଡ. ସମନ୍ୱୟ ନନ୍ଦଙ୍କ 'ଭିନ୍ନ ଚିନ୍ତା', ସୁଲଗ୍ନାଙ୍କ 'ଭିନ୍ନମତ', ଦେବାଶିଷ ମହାନ୍ତିଙ୍କ ଭାଷାଭିତ୍ତିକ ସ୍ତମ୍ଭ 'ଆମ ବ୍ୟାକରଣ', ସମ୍ବିତ ମହାପାତ୍ରଙ୍କ 'ଏଇ ସହରର କଥା', ଡ.ମୃଣାଳ ଚାଟାର୍ଜୀଙ୍କ 'ବିନ୍ଦୁ ବିସର୍ଗ' । ସେହିପରି ଦୈନିକ ସମ୍ବାଦପତ୍ର 'ଅନୁପମ ଭାରତ'ରେ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତିଙ୍କ 'ଚିନ୍ତା ଚେତନା', ଅଭୟ ଦ୍ୱିବେଦୀଙ୍କ 'ଶହୀଦ୍ ସ୍ତମ୍ଭ', ସତ୍ୟନାରାୟଣ ପାଣିଗ୍ରାହୀଙ୍କ 'ତୃତୀୟ ନେତ୍ର', କର୍ଣ୍ଣେଲ ଶିବରାମ ଶତପଥୀଙ୍କ 'ବୈଦେହୀଶ ବିଳାସ' ଆଦି ସ୍ତମ୍ଭ ପ୍ରକାଶ ପାଉଛି । ନିରଞ୍ଜନ ଶତପଥୀଙ୍କ 'ଜିଜ୍ଞାସା', କ୍ଷୀରୋଦ ପ୍ରସାଦ ମହାନ୍ତିଙ୍କ 'ଦୁନିଆର ହାଲ', ତୁଷାର ପାଲଟାସିଂହଙ୍କ 'ସମୟାନୁବୃତ୍ତି', ସତ୍ୟବାଦୀ ବଳିଆରସିଂହଙ୍କ ଐତିହାସିକ ସ୍ତମ୍ଭ 'ଇତିହାସର ଇତିକଥା', ଅମ୍ବିକା ପ୍ରସାଦଙ୍କ 'ସତ କହିବାକୁ କିଆଁ ଡରିବି', ଉମାପଦ (ଛଦ୍ମନାମ)ଙ୍କ 'ବାଜିଗଲେ ଦୋଷ ନାହିଁ', ତୁଷାରକାନ୍ତ (ଛଦ୍ମନାମ)ଙ୍କ 'ଦେଖାଶିଖା ଓଡ଼ିଶା', ସମରେନ୍ଦ୍ର ବଳିଆରସିଂହଙ୍କ 'ଢିଙ୍କିମହାକାଳି ଚକୁଳି', ବିଜୟ ଦାସଙ୍କ 'ଆଖି ଆଇନା' ଆଦି ଧାରାବାହିକ ସ୍ତମ୍ଭଗୁଡ଼ିକ ଦୈନିକ ସମ୍ବାଦପତ୍ର 'ଓଡ଼ିଶା ଏକ୍ସପ୍ରେସ୍'ରେ ପ୍ରକାଶ ପାଉଛି । 'ସମ୍ବାଦ କଳିକା' ସମ୍ବାଦପତ୍ରରେ ଦେବାଶିଷ ମହାପାତ୍ରଙ୍କ 'ଭାଷା ଭାବନା', ଦେବାଶିଷ ରାୟଙ୍କ'ପରିବେଶ ଚିନ୍ତା', ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀଙ୍କ 'ପ୍ରଥମ ଦୃଷ୍ଟି', ମନ୍ମଥ କୁମାର ଶତପଥୀଙ୍କ 'ମୁଁ ଓ ମୋର ନାଟକ', ଜିତେନ୍ଦ୍ର ମହାନ୍ତିଙ୍କ 'ବିଶ୍ୱ ଶାନ୍ତି ଓ ପ୍ରୀତିର ପ୍ରତୀକ ଦଲାଇଲାମା', ଦୁର୍ଗାଚରଣ ସାହୁଙ୍କ 'ଏଣୁ ତେଣୁ', ଅଭୟ ନାୟକଙ୍କ ଆଧ୍ୟାତ୍ମିକ ଚେତନା ସମ୍ବଳିତ ସ୍ତମ୍ଭ 'ଚରଣେ ଶରଣ' ଆଦି ପ୍ରକାଶ ପାଉଛି । ଦୈନିକ ସମ୍ବାଦପତ୍ର 'ପ୍ରମେୟ'ରେ ଭାସ୍କର ମିଶ୍ରଙ୍କ 'ଶ୍ରୀମନ୍ଦିରର ଐତିହ୍ୟ ଗାଥା', 'ସକାଳ'ରେ ସାହିତ୍ୟିକ ସାତକଡ଼ି ହୋତାଙ୍କର 'ମୋ ସ୍ମୃତି ଓ ଅନୁଭୂତି', 'ଧରିତ୍ରୀ' ରେ ଦିଲ୍ଲୀପ ଚେରିଏନଙ୍କ 'ଦିଲ୍ଲିକା ବାବୁ', 'ସର୍ବସାଧାରଣ'ରେ ପ୍ରହଲ୍ଲାଦ କୁମାର ସିଂହଙ୍କ 'ଗାନ୍ଧୀ ଚର୍ଚ୍ଚା', 'ପ୍ରଜାତନ୍ତ୍ର'ରେ ଭର୍ତ୍ତୃହରି ମହତାବଙ୍କ 'ଧ୍ୱନି ପ୍ରତିଧ୍ୱନି', 'ସମୟ'ରେ ବୈଷ୍ଣବ ଚରଣ ଦାସଙ୍କ 'ତପସ୍ୱିନୀ କାବ୍ୟରେ ଜାନକୀଙ୍କ ଚିତ୍ର', 'ପ୍ରଗତିବାଦୀ'ରେ ଯାଜ୍ଞସେନୀ ସାହୁଙ୍କ 'ଭିନ୍ନ ବିଚାର', ସାରଦା ପ୍ରସାଦ କରଙ୍କ 'କୃଷି ଓ କୃଷକ' ଆଦି ପ୍ରକାଶିତ ।

ନିର୍ଦ୍ଦିଷ୍ଟ ବିଷୟ ବା ପ୍ରସଙ୍ଗକୁ କେନ୍ଦ୍ରକରି ନିର୍ଦ୍ଦିଷ୍ଟ ଶୀର୍ଷକରେ ଧାରାବାହିକ ଭାବରେ ଆଲୋଚନା କରାଯାଇଥାଏ । ଏ ପ୍ରକାରର ସ୍ତମ୍ଭ ମଧ୍ୟରେ 'ଧରିତ୍ରୀ'ରେ ପରିବେଶବିତ୍ ମେନକା ଗାନ୍ଧୀଙ୍କ ପ୍ରକାଶ ପାଉଥିବା ସ୍ତମ୍ଭ 'ପରିବେଶ ପରିଚିନ୍ତା' ଯେଉଁଥିରେ ପରିବେଶ ପ୍ରଦୂଷଣ, ଜୈବ ବିବିଧତା, ପ୍ରାଣୀ ତଥା ଉଦ୍ଭିଦମାନଙ୍କର ପାଳନ, ସଂରକ୍ଷଣ ସମ୍ପର୍କରେ ସଚେତନତାର ବାର୍ତ୍ତା ପ୍ରଦାନ କରିଛନ୍ତି ସ୍ତମ୍ଭକାର । ସେହିପରି ପ୍ରଫେସର ଫକୀରମୋହନ ସାହୁଙ୍କ ଧାରାବାହିକ ସ୍ତମ୍ଭ 'ମନର ପରିଭାଷା' । ଏହି ସ୍ତମ୍ଭରେ ସେ ମନସ୍ତତ୍ତ୍ୱର ବିଶଦ ବ୍ୟାଖ୍ୟା କରିଛନ୍ତି । ଆଧୁନିକ ସମାଜରେ ବସ୍ତୁବାଦୀ ମଣିଷ ଅନେକ ପ୍ରକାର ମାନସିକ ରୋଗରେ ଆକ୍ରାନ୍ତ ହୋଇପଡିଛି । ସେହି ରୋଗଗୁଡ଼ିକର ନିରାକରଣ ସହିତ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଜନସଚେତନତା ସୃଷ୍ଟି କରି ପାରିଛନ୍ତି ସେ । 'ସମ୍ବାଦ କଳିକା' ଦୈନିକ ସମ୍ବାଦ ପତ୍ରରେ ଧର୍ମ ତଥା ସତ୍ୟ ସାଇ ବାବାଙ୍କ ମହିମା ସମ୍ବନ୍ଧୀୟ 'ଶ୍ରୀସତ୍ୟସାଇ ମହିମା' ପ୍ରକାଶ କରନ୍ତି ଗୁରୁ ପ୍ରସାଦ ସରକାର ।

ଏହା ବ୍ୟତୀତ ତ୍ରିଲୋଚନ କାନୁନଗୋଙ୍କ 'କାନ୍‌ଖୋଲ୍‌କର ଶୁନ୍ ସରକାର', ମୃଣାଳ ଚାଟାର୍ଜୀଙ୍କ 'ପଥ ପ୍ରାନ୍ତରେ', 'ରୋଜାନାମଂଚ', ସଙ୍ଘମିତ୍ରା ମିଶ୍ରଙ୍କ 'ଯକ୍ଷ ପ୍ରଶ୍ନ' 'ସମୟର ଡେଣା', ଅଭୟ ଦ୍ୱିବେଦୀଙ୍କ 'ପ୍ରତିବିମ୍ବର ପ୍ରତିଦ୍ୱନି', ମଧୁସୂଦନ ମହାନ୍ତିଙ୍କ 'ବୁଲା କୁକୁରର ଝୁଲାମଣି', ସୂର୍ଯ୍ୟକାନ୍ତ ଦାସଙ୍କ 'ବେପାର ବଣିଜ'. ବିଭୁତି ମିଶ୍ରଙ୍କ 'ମିଶ୍ରରାଗ', ଉମାପଦଙ୍କ 'ଆଖି ନାହିଁ କାନ ନାହିଁ', ଆଦି ସ୍ତମ୍ଭଗୁଡ଼ିକ ସମ୍ବାଦ ପୃଷ୍ଠାରେ ପ୍ରକାଶ ପାଇ ସ୍ତମ୍ଭ ରଚନାର ବିକାଶଧାରାକୁ ତ୍ୱରାନ୍ୱିତ କରିଛି ।

**ସହାୟକ ଗ୍ରନ୍ଥସୂଚୀ :**

୧.. ଆଚାର୍ଯ୍ୟ ଭାବାନନ୍ଦ: ଭିନ୍ନ ଧରଣର ଲେଖା, ମୟୁର ପବ୍ଲିକେସନ୍, ଭୁବନେଶ୍ୱର, ୧ମ ସଂସ୍କରଣ, ୨୦୧୩ ।

୨. ଆଚାର୍ଯ୍ୟ, ସୁଦର୍ଶନ: (ସଂ) ଉନବିଂଶ ଶତକର ଦୁଇଟି ବିସ୍ମୃତ ସାହିତ୍ୟପତ୍ର : 'ଉତ୍କଳ ମଧୂପ' ଓ 'ପ୍ରଦୀପ', ଗ୍ରନ୍ଥମନ୍ଦିର, ୧ମ ସଂସ୍କରଣ, ୨୦୦୯ ।

୩. ଚାଟାର୍ଜୀ: ଡ. ମୃଣାଳ: ଗଣମାଧ୍ୟମ ଓ ସାମ୍ବାଦିକତା, ଶେଫାଳି କମ୍ୟୁନିକେସନ, ଢେଙ୍କାନାଳ, ୩ୟ ସଂସ୍କରଣ, ୨୦୧୩ ।

୪. ତ୍ରିପାଠୀ, ପ୍ରଫୁଲ୍ଲ କୁମାର: ଭାଷା ଭାବନା, ଅପୂର୍ବା ପ୍ରକାଶନ, ଭୁବନେଶ୍ୱର, ୧ମ ସଂସ୍କରଣ, ୨୦୦୭ ।

୫. ଦାସ, ମନୋଜ : ସୃଜନୀ ସମଗ୍ର, ଗ୍ରନ୍ଥମନ୍ଦିର, କଟକ, ୩ୟ ସଂସ୍କରଣ, ୨୦୧୮ ।

୬. ଦାସ, ଗୌରାଙ୍ଗ ଚରଣ : (ସଂ) ଚିତ୍ତାୟନ, ଏସ୍‌ବି ପବ୍ଲିକେସନ, କଟକ, ୧ମ ସଂସ୍କରଣ, ୨୦୦୪ ।

୭. ଧଳ, ବରେନ୍ଦ୍ର କୃଷ୍ଣ: ଖୋଲା ବିଚାର, (୨ୟ ପର୍ବ), ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, କଟକ, ୧ମ ସଂସ୍କରଣ, ୨୦୦୩ ।

୮. ପଣ୍ଡା, ଅର୍ଜୁନ ଚରଣ: ମୋ' ସାମ୍ବାଦିକ ଜୀବନ, ଅଗ୍ନିଶିଖା ପବ୍ଲିକେସନ୍, ସମ୍ବଲପୁର, ୧ମ ସଂସ୍କରଣ, ୨୦୧୬ ।

୯. ବଳ ପ୍ରଦ୍ୟୁମ୍ନ: ଜୀବନଚର୍ଯ୍ୟା, (୨ୟ ଭାଗ), ପ୍ରଦ୍ୟୁମ୍ନ ବଳ ମେମୋରିଆଲ ଟ୍ରଷ୍ଟ, ଭୁବନେଶ୍ୱର, ୧ମ ସଂସ୍କରଣ, ୨୦୦୧ ।

୧୦. ମହାପାତ୍ର, ପ୍ରମୋଦ କୁମାର: ଝିଟିପିଟି କହେ, (ସଂ), ଗୋପବନ୍ଧୁ ସାହିତ୍ୟ ମନ୍ଦିର, କଟକ, ୨ୟ ସଂସ୍କରଣ, ୨୦୧୭ ।

୧୧. ମହାନ୍ତି, ସୁରେନ୍ଦ୍ର : ଶେଷ ସ୍ତମ୍ଭ, ଆମ ଓଡ଼ିଶା ପ୍ରକାଶକ, ଭୁବନେଶ୍ୱର, ୧ମ ସଂସ୍କରଣ, ୨୦୧୭ ।

**ସହାୟକ ଦୈନିକ ଓଡ଼ିଆ ସମ୍ବାଦପତ୍ର :**

'ସମାଜ' ସମ୍ପାଦକ ଶ୍ରୀକାନନ ବିହାରୀ ଦାସ

'ପ୍ରଜାତନ୍ତ୍ର' ସମ୍ପାଦକ ଶ୍ରୀଭର୍ତ୍ତୃହରି ମହତାବ

'ଧରିତ୍ରୀ' ସମ୍ପାଦକ ଶ୍ରୀ ତଥାଗତ ଶତପଥି

'ପ୍ରଗତିବାଦୀ' ସମ୍ପାଦକ ଶ୍ରୀ ବିରୂପାକ୍ଷ ତ୍ରିପାଠୀ

'ସମ୍ବାଦ' ସମ୍ପାଦକ ଶ୍ରୀ ସୌମ୍ୟରଞ୍ଜନ ପଟ୍ଟନାୟକ

'ସମୟ' ସମ୍ପାଦକ ଶ୍ରୀ ସାତକଡ଼ି ହୋତା

'ପ୍ରମେୟ' ସମ୍ପାଦକ ଶ୍ରୀ ଗୋପାଳ କୃଷ୍ଣ ମହାପାତ୍ର

'ସମ୍ବାଦ କଳିକା' ସମ୍ପାଦକ ଶ୍ରୀ ଜୟଶିଷ ରୟ

'ନିର୍ଭୟ' ସମ୍ପାଦକ ଶ୍ରୀ ନବିନ ଦାସ

ଗବେଷକ,
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ,
କଟକ-୭୫୩୦୦୩

ISSN -2583-147X(P), **Vol.- 8, Issue No. IX, December 2022**
**Bastabatara Pariprakash Prachee**
***Peer Reviewed and Referred Research Journal***

# ସ୍ୱପ୍ନ ଦୁଃସ୍ୱପ୍ନର ସମନ୍ୱିତ ଆଲେଖ୍ୟ ମହତାବଙ୍କ କଥାୟନ

**ପରୀକ୍ଷିତ ଭୋଇ**

"ଭୟର ମଧ୍ୟ ଭୟ ଅଛି । ଭୟ ଭୟ କରେ ସାହସକୁ ଓ ଧୈର୍ଯ୍ୟକୁ ଦୁଆରେ ଧକ୍କା ମାରି ଭୟ କାହାରି ମନରେ ପ୍ରବେଶ କରେ ନାହିଁ । ସେ ପ୍ରବେଶ କରେ ଲୁଚିଲୁଚି ଭୟେ ଭୟେ ।"(ମହତାବ ଗ୍ରନ୍ଥାବଳୀ, ପୃ.୪୮୭)

ଡ. ହରେକୃଷ୍ଣ ମହତାବ ସୁଚିନ୍ତକ, ଚେତନାଶୀଳ ଓ ଅନୁଭବି ଜଣେ ରାଜନୀତିଜ୍ଞ ସ୍ରଷ୍ଟା ଜନନାୟକ ଭାବରେ ଭାରତରେ ସୁପରିଚିତ । ସୁଦକ୍ଷ ଶାସନ ତଥା ଓଡ଼ିଶାର ରାଜନୀତି ମଙ୍ଗ ଧରିଥିଲେ ବି ସେ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ସଚେତନଶୀଳ । ତାଙ୍କ ସୃଷ୍ଟିଗୁଡ଼ିକରେ ତତ୍‌କାଳୀନ ସମାଜ ଓ ରାଜନୀତିର ବିସ୍ତାରିତ ରୂପ ପ୍ରକାଶ ପାଇଛି । ପରାଧୀନତାର ମନ ଓ ସ୍ୱାଧୀନତା ପରେ ତା'ର ମୂଲ୍ୟବୋଧ ହ୍ରାସ ପାଇବା ହିଁ ତାଙ୍କ ଛଅ ଖଣ୍ଡ ଉପନ୍ୟାସରେ ଦେଖିବାକୁ ମିଳେ । ଯଥା– 'ନୂତନ ଧର୍ମ' (୧୯୩୫), 'ପ୍ରତିଭା' (୧୯୪୬), 'ଅବ୍ୟାପାର' (୧୯୪୭), 'ଟାଉଟର' (୧୯୪୯-୫୦), 'ତୃତୀୟ ପର୍ବ' (୧୯୭୭), '୧୯୭୫' (୧୯୭୯) । ଆଦର୍ଶ ଓ ଦେଶପାଇଁ ଆତ୍ମଉତ୍ସର୍ଗ, ବାସ୍ତବ ଜୀବନ୍ତ, ତ୍ୟାଗପୂର୍ଣ୍ଣ ଇତ୍ୟାଦି ସ୍ୱାଧୀନତା ପୂର୍ବବର୍ତ୍ତୀ ଚାରୋଟି ଉପନ୍ୟାସରେ ପ୍ରକାଶ ପାଇଥିଲା । ମାତ୍ର ପରବର୍ତ୍ତୀ ସମୟରେ ଆଦର୍ଶ ପରିବର୍ତ୍ତେ ଉତ୍କଟ ଭୋଗବାଦ ଓ ଗଣତାନ୍ତ୍ରିକ ପରିବେଶରେ ଭୋଟ ରାଜନୀତି ଦ୍ୱାରା ତାହାର ମୂଲ୍ୟବୋଧ ହ୍ରାସ, ସେବା ନାମରେ ଆତ୍ମସାତ ଇତ୍ୟାଦି ନେଇଛି ଗୁରୁତ୍ୱପୂର୍ଣ୍ଣ ସ୍ଥାନ । ପ୍ରଥମ ପର୍ଯ୍ୟାୟରେ ଗାନ୍ଧୀବାଦ ଥିଲା ଗୁରୁତ୍ୱପୂର୍ଣ୍ଣ ସ୍ଥାନ କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ 'ତୃତୀୟ ପର୍ବ' ଓ '୧୯୭୫' ଏସବୁର ପତନ ସହିତ ନକ୍ସଲବାଦୀ ଚିନ୍ତାଧାରା ଆଗମନ ହୋଇଛି । ଯେତେ ଦେଶ ସେବକ ବା ସମାଜ ଚିନ୍ତକ ଓ ସୈନିକ ଥିଲେ ସେମାନେ ଶେଷରେ ଅବହେଳିତ ହେଲେ । ଆଉ ରହିଲା ନାହିଁ ଗାନ୍ଧୀବାଦର ବିଶ୍ୱାସ ନୀତି, ବ୍ୟକ୍ତି ଚରିତ୍ର ସଂଶୋଧନ, ସାମାଜିକ ଜାଗରଣ ଓ ସୁସ୍ଥ ସମାଜ ଗଠନ । ତା' ପରିବର୍ତ୍ତେ ପ୍ରତାରଣା, ଛଳନା ଓ ପ୍ରବଞ୍ଚନା ହେଲା ମୁଖ୍ୟ ।

ଦେଶ ସ୍ୱାଧୀନତାକୁ ଆଖି ଆଗରେ ରଖି ଗଢ଼ିଉଠିଛି 'ନୂତନ ଧର୍ମ' (୧୯୩୫) । ଏହି ଉପନ୍ୟାସରେ ସ୍ୱାଧୀନତା ଆନ୍ଦୋଳନର ବିଭିନ୍ନ ମୁହୂର୍ତ୍ତକୁ ସ୍ଥାନିତ କରିଛନ୍ତି । ପ୍ରଥମ ବିଶ୍ୱଯୁଦ୍ଧ, ଅସହଯୋଗ ଓ ଆଇନ ଅମାନ୍ୟ ଆନ୍ଦୋଳନର ବିଭୀଷିକା ଗଢ଼ିଉଠିଥିଲା ସାରା ଭାରବର୍ଷରେ । ସେହି ଆନ୍ଦୋଳନର ପୃଷ୍ଠଭୂମି ସ୍ପଷ୍ଟ ଅନୁଭବ ହୁଏ 'ନୂତନ ଧର୍ମ' ଉପନ୍ୟାସରେ । ଭାରତୀୟଙ୍କ ତଥା ଓଡ଼ିଶାରେ ଯେଉଁ ଅନ୍ଧବିଶ୍ୱାସ ଗଢ଼ି ଉଠିଥିଲା ସେହି ଧର୍ମରୂପକ ଅନ୍ଧବିଶ୍ୱାସକୁ ଏଡ଼ାଇ ଦେଇ ଆଉ ଏକ ସୁସ୍ଥ ସମାଜ ଗଠନ କରିବାକୁ ପଡ଼ିବ । ତେଣୁ ମହତାବ ଏହି ଉପନ୍ୟାସରେ ମାୟାଧର ବୋଲି ଗୋଟିଏ ଦରିଦ୍ର ଚରିତ୍ରକୁ ପ୍ରତିଷ୍ଠିତ କରିଛନ୍ତି । ହରିହର ଏବଂ ବାବାଜୀ ଭୁଲ ଧର୍ମରେ ଯାଉଥିବା ବ୍ୟକ୍ତିକୁ ସଠିକ ପ୍ରେମ ଭକ୍ତି ମିଳିଛି । ଗ୍ରାମୀଣ ରାଜନୀତି ଚିନ୍ତାଧାରାକୁ ନେଇ ରଚିତ ହୋଇଥିବା 'ଛ'ମାଣ ଆଠଗୁଣ୍ଠ' (୧୮୯୭), 'ମାଟିର ମଣିଷ' (୧୯୩୧) ବେଶୀ ରାଜନୀତି ଭାବରେ ଚର୍ଚ୍ଚା ହୋଇ ନାହିଁ । ତାହା ହରେକୃଷ୍ଣ ମହତାବଙ୍କ ଉପନ୍ୟାସରୁ ରାଜନୀତିର ମୂଳପିଣ୍ଡ ପଡ଼ିଅଛି । କାରଣ ଏହି ଉପନ୍ୟାସରେ ସୁନ୍ଦରମଣି ଆଇନ ଅମାନ୍ୟ ଆନ୍ଦୋଳନରେ ଯୋଗଦେଇ ଜେଲ ଯାଇଛି । କମଳାପରି ସମାଜସେବୀକୁ ଗାଁରେ ସମସ୍ତେ ଦୋଷାରୋପ କରିଛନ୍ତି । ରମେଶ ବାବାଜୀଙ୍କଠାରୁ ଗୁରୁ ତ୍ୟାଗ କରିଆସି ମାୟାଧାର ଘରେ ରହିଥିବାରୁ ଗାଁର ଜମିଦାର ଓ ଅନ୍ୟମାନେ କୁତ୍ସିତ ଚକ୍ଷୁରେ ଅନାଉଥିଲେ । ଏହିପରି ଅନେକ ଘଟଣା ଘଟିଯାଉଥିଲା ଯହିଁରେ ବାସ୍ତବାବାଦୀ ଦୃଷ୍ଟିକୋଣ ପରିପ୍ରକାଶ ଘଟିଛି । ଏହି ବାସ୍ତବବାଦର ଅର୍ଥ ହେଉଛି ଆଦର୍ଶବାଦ । ଆଦର୍ଶବାଦ ହେଉଛି ସ୍ୱଦେଶ ପ୍ରୀତିର ବଳିଷ୍ଠ ଉଦାହରଣ ।

୧୯୨୧ଠାରୁ ୧୯୩୫ ସମୟରେ ଥିଲା ଆଉ ଏକ ଆନ୍ଦୋଳନ ଯାହା ଓଡ଼ିଆ ପ୍ରଦେହ ଗଠନର ବର୍ଦ୍ଧିତ ଦୁଃଖ । ଓଡ଼ିଆ ଭାଷା ସୁରକ୍ଷା ପାଇଁ ଆନ୍ଦୋଳନ ଜାରି ରହିଥିଲା । ଗୋଟିଏପଟେ ମଣିଷ ପେଟର ଦୁଃଖ ଆଉ ଗୋଟିଏପଟେ ଭାରତର ସ୍ୱାଧୀନତା ଓ ଓଡ଼ିଶା ପ୍ରଦେହ ଗଠନର ସନ୍ଧିଘଡ଼ି ମୁହୂର୍ତ୍ତ । ତେଣୁ ଡ. ମହତାବ 'ନୂତନ ଧର୍ମ' ଉପନ୍ୟାସରେ ଦାମୋଦର, ପ୍ରହ୍ଲାଦ ଭଳି ଶିକ୍ଷିତ ବ୍ୟକ୍ତିଙ୍କ ସମସ୍ୟା ଏବଂ ସୁନ୍ଦରମଣି, ସୁନୀତି, କମଳା, ମାୟାଧରଙ୍କର ନିଃସ୍ୱାର୍ଥପର ମାନବସେବାକୁ ଗୁରୁତ୍ୱ ଦେଇଛନ୍ତି । ପ୍ରାଚୀନତାକୁ ଜାବୁଡ଼ି ରଖିଥିବା ଓ ସାଧାରଣ ଲୋକଙ୍କଠାରୁ ଜବରଦସ୍ତି ଖଜଣା ଆଦାୟ କରୁଥିବା ଜମିଦାରୀ ହରିହର ଏବଂ ବାବାଜୀଙ୍କ ମଧ୍ୟରେ ଘୋର ଯୁଦ୍ଧର ସୂତ୍ରପାତ ହୋଇଛି । ବିଜୟ ହୋଇଛି କମଳାର ମାନବ ସେବା ଧର୍ମ ।

ଓଡ଼ିଶା ପ୍ରଦେଶ ଗଠନ ଓ ଓଡ଼ିଆ ଭାଷା ସୁରକ୍ଷା ପାଇଁ ଦାମୋଦର ବାବାଜୀଙ୍କ ବଙ୍ଗଳା ଭାଷାରେ ଚୈତନ୍ୟ ବାଣୀ ଜପକୁ ବିରୋଧଭାବ ପ୍ରକାଶ କରିଥିଲେ । ବେଳେବେଳେ ବିରକ୍ତ ହୋଇ କହୁଥିଲେ ଏହିପରି ବଙ୍ଗଳା ଭାଷା ଗୋଟିଏ ଧର୍ମ ମାଧ୍ୟମରେ ସାରା ଓଡ଼ିଶାକୁ ମାଡ଼ିବସେ ତାହାହେଲେ ଓଡ଼ିଆ ଭାଷା ଲୋପ ପାଇଯିବ ଓ ତା' ପରିବର୍ତ୍ତେ ବଙ୍ଗଳା ଭାଷା ହେବ ଓଡ଼ିଶାର ମାନକ ଭାଷା, ଓଡ଼ିଶାର ସ୍ଥିତି ଆଉ ରହିବ ନାହିଁ । ହରିହର ଜମିଦାରୀ ହୋଇ ମଧ୍ୟ ସେ ଚରିତ୍ରଟିରେ ବିଭିନ୍ନ ଦୋଷତ୍ରୁଟି ରହିଛି । ବାବାଜୀ ହିଂସା, କ୍ରୋଧ ଓ ଅହଂକାରର ପ୍ରତୀକ । ସୁନ୍ଦରମଣି ବାଳିକାବସ୍ଥାରେ କଂଗ୍ରେସ ଦଳ ସହିତ କାମ, ତା'ପରେ ଜେଲ, ସୁନୀତିର ବିଧବା ବିବାହ, କମଳା ଓ ମାୟାଧର ଗ୍ରାମବାସୀଙ୍କୁ ଏକତ୍ରିତ କରି ସମସ୍ତଙ୍କୁ ପରସ୍ପର ପ୍ରତି ସାହାଯ୍ୟ କରିବାର ପ୍ରୟାସ, ଜମିଦାର ପ୍ରଥାକୁ ଉଠାଇବା ଓ ଜନସାଧାରଣଙ୍କଠାରୁ ଖଜଣା ଆଦାୟ ବନ୍ଦ କରିବା ଏସବୁ ଥିଲା ନୂତନ ଧର୍ମ । ଦେଶ ସ୍ୱାଧୀନ ପାଇଁ ଯାହା ଦରକାର ଥିଲା ତାହାହିଁ ବିଭିନ୍ନ ଘଟଣା ମାଧ୍ୟମରେ ପ୍ରହଲ୍ଲାଦର ପରିବର୍ତ୍ତନଠାରୁ ଦାମୋଦରର ପରିବର୍ତ୍ତନ ପର୍ଯ୍ୟନ୍ତ ଉଲ୍ଲେଖ ରହିଛି । କେବଳ ସ୍ଥିର ରହିଛି କମଳା ଓ ମାୟାଧର କଥା । ପରେ ସୁନ୍ଦରମଣି, କମଳା ଓ ମାୟାଧରଙ୍କ ନିଃସ୍ୱାର୍ଥପର ସେବା ହିଁ ହୋଇଛି ବିଜୟ ଓ ସ୍ୱାଧୀନତା ପାଇଁ ଶ୍ରେଷ୍ଠ ଧର୍ମ ।

କାରାଗାରର ଥିବା ସମୟରେ ବୃହତ୍ତର ଜାତୀୟ ଜୀବନ, ପାରମ୍ପରିକ ସମାଜ ଓ ନୂତନ ଆଦର୍ଶବାଦ ଗଠନର ପ୍ରତିଦ୍ୱନ୍ଦ୍ୱୀ ସାଜିଛି 'ପ୍ରତିଭା' । ଦେଶର ସ୍ୱାଧୀନତା ଓ ଇଂରେଜମାନଙ୍କ କବଳରୁ ମୁକୁଳିବା ପାଇଁ ପୁରାତନ ଜମିଦାରୀକୁ ଛାଡ଼ି ଆଉ ଏକ ସମାଜ ଗଠନ କରିବାକୁ ପଡ଼ିବ, ନଚେତ ଦେଶ ସ୍ୱାଧୀନତା ଅସମ୍ଭବ । ତେଣୁ ପ୍ରତିଭା ନାରୀ ହୋଇ କୁପ୍ରଥା ବିରୋଧରେ ଛିଡ଼ା ହୋଇଛି । ନାରୀ ଘର ଭିତରେ ରହି ବାହାର ଦୁନିଆକୁ ଦେଖିପାରୁ ନଥିଲା । ଉଭୟ ନାରୀ ଓ ପୁରୁଷର ଭେଦଭାବ ଏ ଦେଶର ପରାଧୀନତାର କାରଣ । ରାମହରି ଜମିଦାରୀ ଶାସନ କରି ପାରମ୍ପରିକ ପ୍ରଥାକୁ ବଜାୟ ରଖିଥିଲେ ମଧ୍ୟ ଆଦର୍ଶବାଦର ଜୟଗାନ ହୋଇଛି । ଏହିସବୁକୁ ନେଇ ଔପନ୍ୟାସିକ ମହତାବ ଆଙ୍କିଛନ୍ତି 'ପ୍ରତିଭା' (ଅପୁଛା) ଚରିତ୍ର ମାଧ୍ୟମରେ । ପ୍ରତିଭା ଜଣେ ଗରିବ ଘରର ଝିଅ ଗୋଟିଏ ଜମିଦାର ଘରେ ବିବାହର ଇଚ୍ଛା ନଥିଲେ ମଧ୍ୟ ସମାଜ, ବାପା ଓ ମାଆଙ୍କର ବାଧ୍ୟତା ହେତୁ ବିବାହ ହୋଇଛି । ତା'ର ସ୍ୱାମୀ ନବୀନ ମଧ୍ୟ ସେହିପରି ବାଧ୍ୟବାଧକରେ ବିବାହ ହୋଇଛି । ବିବାହ ପରେ ନବୀନ ଘର ଛାଡ଼ି ଜନକଲ୍ୟାଣ କାର୍ଯ୍ୟରେ ବାହାରି ଜେଲ୍ ଯାଇଛି । ପ୍ରତିଭା ବହୁତ ପାଠ ପଢ଼ିନଥିଲେ ବି ଛୋଟ ସମୟରୁ ମହେନ୍ଦ୍ର ବାବୁଙ୍କ ଲେଖା ଓ ଅନେକ ଖବରକାଗଜ ପଢ଼ି ବହୁତ କିଛି ଜାଣିଛି ଏବଂ ନାରୀର ଅଧିକାରକୁ ବୁଝିପାରିଛି । ଦିନେ ତା'ର ହୃଦୟରେ ସତ ସାହାସ ଜାଗ୍ରତ ହୋଇ ସଭାକୁ ଆସି ଗରିବ ଜନସାଧାରଣଙ୍କୁ ଆଶ୍ୱାସନା ଦେଇଛି । ଏହି ଯେଉଁ ପଦକ୍ଷେପ ଔପନ୍ୟାସିକ ଗ୍ରହଣ କରିଛନ୍ତି ତାହାହିଁ 'ପ୍ରତିଭା' ଉପନ୍ୟାସର ମୁଖ୍ୟ ବିଷୟ ।

'ପ୍ରତିଭା' ଉପନ୍ୟାସଟିକୁ ଆମେ ରାଜନୈତିକ ଉପନ୍ୟାସ ଶ୍ରେଣୀରେ ଅନ୍ତର୍ଭୁକ୍ତ କରିପାରିବା । ୧୯୦୫ରେ ହୋଇଥିବା ବଙ୍ଗ ଭଙ୍ଗ ଆନ୍ଦୋଳନଠାରୁ ଅସହଯୋଗ, ଆଇନ ଅମାନ୍ୟ ଆନ୍ଦୋଳନ କଥା କୁହାଯାଇଛି । ଏପରିକି ୧୮୫୭ରେ ସିପାହୀ ବିଦ୍ରୋହର କଥା ଅଳ୍ପବହୁତେ ଉଦାହରଣ ରହିଛି । ସମକାଳୀନ ଚିତ୍ର ହେଉଛି ଉକ୍ତ ଉପନ୍ୟାସଟିର ବିଚରଣ ଭୂମି । ଦେଶ ସ୍ୱାଧୀନତାବେଳେ ଯେଉଁ ଶିକ୍ଷିତ, ଅଶିକ୍ଷିତ, ମହାଜନୀ ଓ ପ୍ରଜା ଇତ୍ୟାଦିର ଭୋଦଭାବ ଥିଲା ତାହା ଉଠାଇ ଦେଇ ଲେଖକ ପ୍ରମାଣିତ କରିଛନ୍ତି । ଦିନେ ରାମହରି ପ୍ରଜା ଜଣକୁ ଖଜଣା ନ ହେବାରୁ ତାକୁ ବାଡ଼େଇ ବାଡ଼େଇ ହତ୍ୟା କରିଛି । ଦେଶରେ ଇଂରେଜ ନୀତି ଥିଲା ଲୋକଙ୍କୁ ଭାଗ ଭାଗ କରି ଶାସନ କରିବା । ସେହି ନୀତି ରାମହରି ଧରିଥିଲେ ଏବଂ ଲୋକଙ୍କୁ ଶାସନ କରୁଥିଲେ ସମସ୍ତ ପ୍ରଜାଙ୍କର କେବଳ ପେଟର କ୍ଷୁଧା ଥିଲେ ସୁଦ୍ଧା ଦେଶର ସ୍ୱାଧୀନତା ଚିନ୍ତା ଅଛି । ନବୀନ ଗୋଟିଏ ଜମିଦାରର ପୁଅ ହୋଇ ଘର ତ୍ୟାଗକରି ଜେଲ୍‌ରେ ଦିନ କାଟୁଛି । ନିଜର ନୂତନ ବିବାହିତ ପତ୍ନୀ କଥା ଭାବିବା ପାଇଁ ଦେଶର ପରିସ୍ଥିତି ପ୍ରତିବନ୍ଧକ ସୃଷ୍ଟି

କରୁଛି । ଏପଟେ ପ୍ରତିଭା (ଅପୁଛା) ଯାହା ହେଉ ହଜାର ପ୍ରଜାଙ୍କ ସପକ୍ଷରେ କହୁଛି । ଏହାହିଁ ଥିଲା ଔପନ୍ୟାସିକଙ୍କର ବକ୍ତବ୍ୟ ।

ଲେଖକଙ୍କର ନିଜର ସଂଗ୍ରାମ ଜୀବନ ଓ ବନ୍ଦୀ ଜୀବନର କେତେକ ମୁହୂର୍ତ୍ତରେ ଏହି ପ୍ରତିଭା ଉପନ୍ୟାସ ଗଢ଼ିଉଠିଛି । ପୁରନ୍ଦର ତ୍ୟାଗ ଓ ଭାଷଣର ଚମତ୍କାରିତା ଆଶ୍ଚର୍ଯ୍ୟ କରିଛି । ଯିଏ କେବେ ହେଲେ ମାନଚିତ୍ର ଦେଖି ନାହିଁ କି ଶୁଣି ନାହିଁ । ଏଭଳି ଚରିତ୍ରରେ ଔପନ୍ୟାସିକ ଆୟର୍ଲାଣ୍ଡ ବିପ୍ଳବ, ରୁଷିଆର ବିପ୍ଳବ, ଚୀନର ଜାତୀୟତା ଆନ୍ଦୋଳନ ଭଳି କେତେକ ଆନ୍ଦୋଳନ ବିଷୟରେ ଜନତାଙ୍କୁ ଅନର୍ଗଳ ଭାଷଣ ଶୁଣାଇଛନ୍ତି । ପ୍ରତିଭା ଉପନ୍ୟାସଟି ମହାତ୍ମାଗାନ୍ଧୀ ନୀତି ବେଶ ଉପଲବ୍ଧ । ନବୀନ ଜେଲ ଭିତରେ ଗୋଟିଏ ଗୋଷ୍ଠୀ ଗଢ଼ିଛି ଦେଶ ସ୍ୱାଧୀନତା ପାଇଁ । ହରିହର ବହୁ ଚେଷ୍ଟା କରି ବିଫଳ ହୋଇଛି ପୁରନ୍ଦର, ପ୍ରକାଶ, ନବୀନ ଓ ପ୍ରତିଭା ଆଗରେ । ଏଥିପାଇଁ ସୃଷ୍ଟି ହେଲା ଏକ ନୂତନ ଧାରା । ରାଜନୈତିକ ଉପନ୍ୟାସ ଭିତରେ ଏକ ନୂତନ ଆଭାସ ସୃଷ୍ଟି କରିବାର ସିଦ୍ଧହସ୍ତ ସାଜିଲେ ମହତାବ । କେମିତି ଜଣେ ଜଣେ ଇଂରେଜ ହଜାରହଜାର ଲୋକଙ୍କୁ ଶାସନ କରୁଥିଲେ, ତାହା ପ୍ରକୃତରେ ହୃଦୟସ୍ପର୍ଶୀ । ସାହିତ୍ୟରେ ହିଁ ପ୍ରଥମେ ଆନ୍ଦୋଳନ ଓ ଅତୀତକୁ ଦେଖି ବର୍ତ୍ତମାନ ଓ ଭବିଷ୍ୟତର ଆକଳନ କରିହୁଏ । ଯାହା ମହେନ୍ଦ୍ର ଚରିତ୍ର ମଧ୍ୟରେ ପ୍ରକାଶିତ । ଧନୀ ଗୋଷ୍ଠୀର ଶୋଷଣ, ବ୍ରିଟିଶ ଆଇନ, ପ୍ରଶାସନ, ବ୍ୟବସ୍ଥା, ଉପଭୋଗ, ତୃଷ୍ଣାର ବର୍ବରତା ଦେଶକୁ ପଙ୍ଗୁ କରିଥିଲା । ସାମାଜିକ ପରିବର୍ତ୍ତନ, ନୂତନ ଦୃଷ୍ଟି, ନୂତନ ଜୀବନ, ନୂତନ ମାନବବାଦ ବର୍ଣ୍ଣନା ତାତ୍ପର୍ଯ୍ୟପୂର୍ଣ୍ଣ ହୋଇଉଠିଛି । ଔପନ୍ୟାସିକ 'ପ୍ରତିଭା' ଉପନ୍ୟାସରେ ପ୍ରକୃତ ମାନବିକତା ଆବିଷ୍କାର କରିଛନ୍ତି । ଗ୍ରାମୀଣ ଓଡ଼ିଶାର ସାଧାରଣ ଲୋକଙ୍କ ଆର୍ତ୍ତନାଦ, ଅଶ୍ରୁ, ଦୁଃଖ ଓ ଦୁର୍ଦ୍ଦଶାକୁ ରୂପ ଦେବା ସଂଗେ ସଂଗେ ଶିକ୍ଷିତ, ଅଶିକ୍ଷିତ, ଧନୀ-ଦରିଦ୍ର ସମସ୍ତଙ୍କୁ ସମାନ ଭାବରେ ଦେଖି ଗାନ୍ଧୀବାନ ଦର୍ଶନ ଦ୍ୱାରା ନୂତନ ସମାଜ ଗଠନ କରିବାରେ ଉକ୍ତ ଉପନ୍ୟାସ ପରୀକ୍ଷିତ ।

ଗାନ୍ଧୀବାଦର ଏ ପ୍ରଚାର ଓ ପ୍ରସାର ଫଳରେ ପାରମ୍ପରିକ ସାମନ୍ତବାଦର ଚିତ୍ରକର ଓ ନୂତନତା ମୁଣ୍ଡ ଟେକିବା ପାଇଁ ଗ୍ରାମ୍ୟ ଜୀବନ ହିଁ ମୁଖ୍ୟ ସ୍ଥାନ । ସେଥିପାଇଁ ୧୯୪୭ରେ ରଚିତ 'ଅବ୍ୟାପାର' ଉପନ୍ୟାସରେ ଜଟିଳ ସଂଘର୍ଷ ହୋଇଛି । ସାଧାରଣତଃ ଏହି ସମୟରେ ପ୍ରକାଶିତ ପ୍ରାୟ ପ୍ରତ୍ୟେକ ଉପନ୍ୟାସ ମୁକ୍ତ ସମାଜ ଓ ସ୍ୱାଧୀନତାର ବିଦ୍ରୋହକୁ ନେଇ ତା'ର ପୃଷ୍ଠଭୂମି ଗଢ଼ିଉଠିଛି । ଏଥିରେ ଯଦିଓ ସ୍ୱାଧୀନତାର ଚେତନା ପ୍ରବାହ ରହିଛି ତଥାପି ରାଜନୀତି ଉପନ୍ୟାସ ନକହି ସାମାଜିକ ଉପନ୍ୟାସ କହିବାକୁ ମନେ ହୁଏ । ତତ୍କାଳୀନ ବିପ୍ଳବ, ନାରୀଶିକ୍ଷା, ଗଡ଼ଜାତ ଆନ୍ଦୋଳନ ଏବଂ ଅନ୍ଧବିଶ୍ୱାସ ହେଉଛି ଉପନ୍ୟାସର ଛାଞ୍ଚ । ଅବ୍ୟାପାର କାର୍ଯ୍ୟଟି ଲାଲମୋହନଙ୍କ ଦ୍ୱାରା ସାଧିତ ହୋଇଥିଲେ ମଧ୍ୟ ସଂପୂର୍ଣ୍ଣ ନୁହେଁ । ଜନତା ପାଇଁ ଜେଲ ଯାଇ ଶେଷରେ ଫାଶିଖୁଣ୍ଟରେ ଝୁଲିଛି । ମହାତ୍ମାଗାନ୍ଧୀଙ୍କର ଅହିଂସା ନୀତିକୁ ପ୍ରଚାର କରିବା ଛଳରେ ଦିବ୍ୟସିଂହବାବୁ ଲାଲମୋହନକୁ ପ୍ରବର୍ତ୍ତାଉଥିଲେ । ଢେଙ୍କାନାଳ ଓ ଅନୁଗୁଳ ପ୍ରଜା ବିଦ୍ରୋହର ଫଳାଫଳ ଲାଲମୋହନର ହିଂସା ନୀତିର କାରଣ । ଏହା ଥିଲା ଗଡ଼ଜାତର ଗୋରା ସୈନ୍ୟମାନଙ୍କର ଅତ୍ୟାଚାର । ଅତ୍ୟାଚାରକୁ ଦେଖି ସହିଗଲେ ଦେଶ ସ୍ୱାଧୀନ ହୋଇପାରିବ ନାହିଁ, ସେଥିପାଇଁ ଶହେ ଜଣ ଭିତରୁ ଦଶଜଣଙ୍କର ମୃତ୍ୟୁ ହୋଇ ଜଣେ ଗୋରାକୁ ମରିବା ହିଁ ନୂତନ ପ୍ରୟାସ ।

ନାରୀର ଦୁର୍ବଳତା ହେଲା ଅନ୍ୟାୟ ଅତ୍ୟାଚାର ଇତ୍ୟାଦିକୁ ସହିଯିବା । ସମାଜ ନୁହେଁ ସମାଜରେ ପୁରୁଷ ଗୋଷ୍ଠୀ ହିଁ ତାଙ୍କୁ ଏକ ପିଞ୍ଜରା ଭିତରେ ବାନ୍ଧି ରଖିଛି । ପରାଧୀନ ଭାରତର ସ୍ଥିତି ଯାହା ସେଥିରେ ନାରୀର ସ୍ଥିତି ଆହୁରି ଶୋଚନୀୟ । ତେଣୁ ଯେକୌଣସି ମାଧ୍ୟମରେ 'ଅବ୍ୟାପାର' ଉପନ୍ୟାସଟିରେ ସ୍ୱାଧୀନତା ଆଣିବା କଥା ଉଲ୍ଲେଖ କରିଛନ୍ତି । ତେଣୁ କୁମୁଦିନୀ ନାରୀ ଜାଗରଣ ପ୍ରତି ଆକୃଷ୍ଟ ହୋଇଛି । ତା'ର ଅତୀତରେ ଯାହା ଥାଉ ସେ କଲିକତା ଅନାଥାଶ୍ରମ ମୁରବୀ ସାଜି ବିଭିନ୍ନ ସଭାସମିତିରେ ଯୋଗ ଦେଉଛନ୍ତି । ସେ ୧୩ ବର୍ଷ ବୟସରେ ବିଧବା ହୋଇ ପରେ ଲାଲମୋହନ ପ୍ରତି ଦୁର୍ବଳତା ଥିଲେ ସୁଦ୍ଧା ଦୁହେଁ ଏକାଠି ହୋଇପାରି ନାହାନ୍ତି । ଠାକୁରଙ୍କ ନାମରେ ଯେଉଁ ଭ୍ରଷ୍ଟାଚାର ଚାଲିଥିଲା ତାହା ଲୋକଙ୍କୁ ନପୁଂସକ, ହୀନବୀର୍ଯ୍ୟ କରଥିଲା । ନିଶାମଣିକୁ ଆଧୁନିକ କରିବାଠାରୁ ଜନକଲ୍ୟାଣ ଓ ଉନ୍ନତି କରିବା ପର୍ଯ୍ୟନ୍ତ ଯେଉଁ ପଦକ୍ଷେପ ଔପନ୍ୟାସିକ ଗ୍ରହଣ କରିଛନ୍ତି ତାହାହିଁ ଉପନ୍ୟାସର ବିଶେଷତ୍ୱ ।

ବିପ୍ଳବର ଅର୍ଥ ହେଉଛି ପୁରୁଣା ସହିତ ନୂଆର ସଂଘର୍ଷ । ସେଥିପାଇଁ ଦିବ୍ୟସିଂହବାବୁ, ଲାଲମୋହନ ଇତ୍ୟାଦି ନିଜର ବୃତ୍ତିକୁ ଛାଡ଼ି ବାହାରିଛନ୍ତି । ସମାଜ ସେବା କରିବାପାଇଁ ହୁଏତ ସେମାନେ ଅଲଗା ଅଲଗା ନୀତିରେ ଚାଲିଛନ୍ତି । ତାଙ୍କ ସହିତ ମିଶିଛି ବିଧବା ନାରୀ କୁମୁଦିନୀ ବହୁ ବାଧାବିଘ୍ନ ସତ୍ତ୍ୱେ ଗଡ଼ଜାତର ଜନସେବା କରୁଛି । ଏହିସବୁ ଘଟଣା ଔପନ୍ୟାସିକଙ୍କର ପୂର୍ବ ଅନୁଭୂତିର ଘଟଣା । ଦେଶରେ ଶିକ୍ଷିତ ହେଲା ପରେ ଇଂରେଜ ଅଧୀନରେ ଚାକର ନ ହୋଇ ଦେଶ ଓ ସମାଜ ପାଇଁ କିଛି କରିବା ସମସ୍ତ ଚରିତ୍ରର ଆହ୍ୱାନ । ସୂତାକଟା, ଅଫିସ ତ୍ୟାଗ ଇତ୍ୟାଦି ଗାନ୍ଧୀ ନୀତି ଓ ହିଂସା ନୀତି ଦ୍ୱାରା ଉପନ୍ୟାସଟି ଗତିଶୀଳ ହୋଇଛି ।

ମାନବସେବା ଓ ନାରୀ ନେତ୍ରୀ ହୋଇ ସ୍ୱାଧୀନତା ପାଇଁ କୁମୁଦିନୀ ଲଢ଼ିଛି । ସେ ସଂଗ୍ରାମରୁ ପରାଜୟ କିମ୍ବା ନିରାଶାର ସ୍ୱପ୍ନ ନାହିଁ । ଆଦର୍ଶ ପଥପ୍ରଦର୍ଶନ କରି ଗୋଟିଏ ରାସ୍ତାରେ ଚାଲିବାକୁ ବଦ୍ଧପରିକର ହୋଇଛି । ଉପନ୍ୟାସର ପ୍ରତିଟି ପୃଷ୍ଠାରେ ହିଂସା ଓ ଅହିଂସାର ମାଧ୍ୟମ ଦେଇ ନୂତନତାର ସୂଚକ ପରିଲକ୍ଷିତ । ଗୋଟିଏ ପଟେ ସୁବାସ ବୋଷଙ୍କ ନୀତି ଓ ଅନ୍ୟପଟେ ଗାନ୍ଧୀ ନୀତି । ଏହି ଦୁଇ ନୀତିକୁ ଔପନ୍ୟାସିକ ସମାନ ଅର୍ଥରେ ଗ୍ରହଣ କରିଛନ୍ତି । ନାରୀ ଶିକ୍ଷା, ସ୍ୱାଧୀନତାର ସଂଗ୍ରାମ ଗଡ଼ଜାତ ଆନ୍ଦୋଳନ ଇତ୍ୟାଦି ଘଟଣାରୁ ସମାଜର ସ୍ଥିତି ସହଜରେ ଜାଣିହୁଏ । ଏକତ୍ରିତ ହେବା, ନାରୀ ପୁରୁଷ ମିଳିମିଶି କାମ କରିବା ବହୁତ କଷ୍ଟଦାୟକ ଥିଲା । ଏହି ଚିନ୍ତାଧାରାରେ ପୁରାତନତାକୁ ଛାଡ଼ି ନୂତନତାକୁ ଖୋଜିଛନ୍ତି ଔପନ୍ୟାସିକ । ବିଧବା ବିବାହ, ଶିକ୍ଷା, ବାଲ୍ୟ ବିବାହ ସହିତ ପରାଧୀନତା, ଶୋଷଣ, ଜମିଦାରମାନଙ୍କର ଅତ୍ୟାଚାର, ଜଣେ ଅନ୍ୟ ଜଣଙ୍କ ଉପରେ ବିସ୍ତାର କରିବା, ଅସ୍ତ୍ରଶସ୍ତ୍ରଧାରୀମାନେ ନିରୀହ ଜନତା ଉପରେ ଆକ୍ରମଣ କରିବା ଥିଲା ଗୋଟିଏ ଗୋଟିଏ ଲୋମହର୍ଷକ ଘଟଣା । ଏଥିପାଇଁ କେବଳ ଦରକାର ଥିଲା ଉତ୍ସାହ ଓ ନେତୃତ୍ୱ ନେବା । ତେଣୁ ବାରମ୍ବାର ବିଭିନ୍ନ ଅଞ୍ଚଳକୁ ଯାଇ ଲାଲମୋହନ, ଦିବ୍ୟସିଂହ ଓ କୁମୁଦିନୀ ବରାବର ସଚେତନ ସହିତ ନେତୃତ୍ୱ ନେଉଥିଲେ ।

କୁମୁଦିନୀ ସ୍ୱାମୀ ମରିଗଲା, ଗୋଟିଏ ପୁଅ ହୋଇଥିଲା ସେ ବି ମଲା ଓ ଶେଷରେ ତା'ର ବାପା ଚାଲିଗଲା ପରେ ଗାଁ ଜମିଦାର ସବୁ ଜମିତକ ଅକ୍ତିହାର କରିନେଲେ । ଗୋଟିଏ ବେଶ୍ୟା ଘରେ ରହି କଲିକତା ଆସି କାଳକ୍ରମେ ନାରୀ ନେତ୍ରୀ ହେଇଛି । ଦିବ୍ୟସିଂହର ଅବସ୍ଥା ମଧ୍ୟ ସେହିପରି । ଲାଲମୋହନଙ୍କ ଘରଦ୍ୱାର ଥିଲେ ସୁଦ୍ଧା ତାଙ୍କର ବଡ଼ଭାଇ ଓ ଭାଉଜମାନଙ୍କ ଦ୍ୱାରା ନିଶାମଣି ଓ ଲାଲମୋହନକୁ ବହୁ ଗଞ୍ଜଣା ସହିବାକୁ ପଡୁଥିଲା । ହରିମୋହନ ଓ ପଣ୍ଡାବାବୁ ଭଳି କେତେକ ବ୍ୟକ୍ତି ଅଛନ୍ତି ଯିଏ ଏହି ଦେଶର ସନ୍ଧିଘଡ଼ିମୁହୂର୍ତ୍ତରେ ବି ନିଜର ସ୍ୱାର୍ଥକୁ ହିଁ ଦେଖିଛନ୍ତି । ଏହି ଉପନ୍ୟାସକୁ ରାଜନୀତି ଉପନ୍ୟାସ ନ କହି ସାମାଜିକ ଉପନ୍ୟାସ କହିବା ହିଁ ଠିକ୍ । ବିଦ୍ରୋହର ଜୟ ହୋଇ ନଥିଲେ ମଧ୍ୟ ପରାଜୟ ଦେଖାଯାଇ ନଥିଲା । ଏହାହିଁ ହେଉଛି ଉପନ୍ୟାସର ଗତିଶୀଳ ଅବ୍ୟାପାର ବିଷୟ । ଏଣୁ ଏହାର ବିଷୟବସ୍ତୁ ଯେତିକି ତାତ୍ପର୍ଯ୍ୟପୂର୍ଣ୍ଣ ତା'ର ନାମକରଣ ମଧ୍ୟ ବେଶ୍ ଯୁକ୍ତିଯୁକ୍ତ ।

"ଗାଁର ଟାଉଟରି ଏକ ମହା ସମସ୍ୟା । ଲୋକ ଚରିତ୍ର ପରିବର୍ତ୍ତିତ ନ ହେଲେ, ଗାଁରେ ଦେଶାତ୍ମବୋଧ ଜାଗରିତ ନହେଲେ, ଗାଁରୁ ଟାଉଟର ଦୂର କରିବା ସହଜସାଧ୍ୟ ନୁହେଁ ।" (ମହତାବ ଗ୍ରନ୍ଥାବଳୀ-୩୦୮) ଏଠାରେ ଟାଉଟରକୁ କେନ୍ଦ୍ରକରି ହିଁ ଉପନ୍ୟାସଟି ବେଶ ପ୍ରତୀକାତ୍ମକ ଶୈଳୀରେ ରଚିତ । ଏଣୁ ନାମକରଣଟି ଔପନ୍ୟାସିକ ଟାଉଟର ନାମକରଣ କରିଛନ୍ତି । ତାଙ୍କର ବକ୍ତବ୍ୟ ହେଉଛି ଦେଶମୁକ୍ତି ପାଇଁ ପ୍ରଥମେ ଗାଁକୁ ସୁଧାରିବା ଦରକାର । ଏଥିପାଇଁ ଗାଁ ଟାଉଟର ହିଁ ଉତ୍ତରଦାୟୀ । ଔପନ୍ୟାସିକ ରଚିତ ଉପନ୍ୟାସ 'ଟାଉଟର' (୧୯୪୯-୫୦) ଉପନ୍ୟାସର ବିଷୟବସ୍ତୁ ୧୯୩୯ରୁ ଭାରତଛାଡ଼ ଆନ୍ଦୋଳନ ମଧ୍ୟର ଘଟଣାବଳୀ । 'ଅବ୍ୟାପାର', 'ନୂତନ ଧର୍ମ' ଓ 'ପ୍ରତିଭା' ଉପନ୍ୟାସମାନଙ୍କରେ ଧନୀ ଲୋକଙ୍କର ବୋହୂଙ୍କୁ ସମାଜ ଦୃଷ୍ଟିରେ ଆଣିଥିବାବେଳେ 'ଟାଉଟର'ରେ ବାଉରିଆ ଗୋଟିଏ ଗରିବ ଶ୍ରେଣୀର ସ୍ତ୍ରୀ ଦ୍ୱାରା ମାନବ ସେବା କାର୍ଯ୍ୟ ସାଧିତ ହୋଇଛି । ସେରଗଡ଼ ଗାଁ ଯେଉଁଥିରେ ୩୦୦ ଘର ଅବସ୍ଥିତ । ଏହି ଛୋଟ ଗାଁରେ ମଧ୍ୟ ଏପରି ଜମିଦାର ବ୍ୟବସ୍ଥା ଅବସ୍ଥିତ ଯେ ପ୍ରଜାମାନଙ୍କ ତ୍ରାହି ନାହିଁ । ଗାଁର ଦୁଇ ମହାଜନ ହରପ୍ରସାଦ ପାଣିଗ୍ରାହୀ ଓ ବାସୁଦେବ ପ୍ରଧାନ ଧନସମ୍ପତ୍ତି ପାଇବା ପାଇଁ ବହୁ ଚେଷ୍ଟା କରୁଛନ୍ତି । ତାଙ୍କ ସହିତ ପ୍ରହ୍ଲାଦ ମଧ୍ୟ ବାହାରେ ଗରିବ ଲୋକଙ୍କ ସେବା କରିବା ନାଆଁରେ ଛଳନା, ପ୍ରତାରଣା, ପ୍ରବଞ୍ଚନା ଜାଲରେ ଲୋକଙ୍କୁ ଫସାଇବାରେ ଲାଗିଛି । ଏମିତି ଅନ୍ୟ ଉପରେ ଅନ୍ୟାୟ ଚାଲିଛି ଏହି ତ୍ରିକୋଣ ବା ତ୍ରିମୂର୍ତ୍ତି ଦ୍ୱାରା । ସେଥିରେ ପୁଣି ରହିଛି ଦେଶ ସ୍ୱାଧୀନତାର ଚିନ୍ତା । ସେମାନେ କାହାକୁ ଏକାଠି କରିବାକୁ ଦେଉ ନଥିଲେ । ରାମଚନ୍ଦ୍ର ମହାପାତ୍ର ଗାଁର ଚାଟଶାଳୀ ଶିକ୍ଷକ ହୋଇ ସମସ୍ତଙ୍କୁ ବୁଝାଉଥିଲେ ସୁଦ୍ଧା ଗାଁର ଏହି ତ୍ରିକୋଣ ଅବସ୍ଥା ତାଙ୍କୁ ବହୁ ସମସ୍ୟା ସମ୍ମୁଖୀନ ହେବାକୁ ପଡୁଥିଲା । ଅବଶେଷରେ ପ୍ରହ୍ଲାଦ ଜେଲ ଯାଇଛି ହେଲେ ଅନ୍ୟ ଦୁଇ ଜମିଦାର ସେମିତି ରହିଛନ୍ତି । ଔପନ୍ୟାସିକ ଚାହିଁଛନ୍ତି ଏହି ଜମିଦାର ପ୍ରଥାକୁ ଲୋପ କରିବା ପାଇଁ କିନ୍ତୁ କରିପାରିନାହାନ୍ତି । ଏହା ଯଦି ସମ୍ଭବ ହୋଇଥାନ୍ତା ତାହାହେଲେ ଦୁଇ ମହାଜନର ପୁଅଙ୍କ ଦ୍ୱାରା ହିଁ ସମ୍ଭବ ହୋଇଥାନ୍ତା ।

ଏହି ତ୍ରିମୂର୍ତ୍ତି ନିଜନିଜ ମଧ୍ୟରେ ଛାଇ ବି ମାଡ଼ନ୍ତି ନାହିଁ । ବେଳ ପଡ଼ିଲେ ତିନିହେଁ ଏକା ହୋଇଯାଆନ୍ତି ହେଲେ ସେହି ଏକାଠିରେ ଥାଏ ନିଜ ନିଜର ସ୍ୱାର୍ଥ ଓ ମୁଖ୍ୟ ହେବାର ପ୍ରତିଯୋଗିତା । ସେମାନେ ଲୋକଙ୍କୁ ଆଜୀବନ ଦାସତ୍ୱ କରିନିଅନ୍ତି । ଏଭଳି ପରିସ୍ଥିତି କେବଳ ଗାଁରେ ନୁହେଁ ଦେଶ ସାରା ରହିଛି । କାହ୍ନୁ ମହାନ୍ତି ଓ ରାମ ମଲ୍ଲିକ ଭଳି କେତେକ ଖଳ ଲୋକର ଅଭାବ ନାହିଁ । କାହ୍ନୁ ମହାନ୍ତି ସମସ୍ତଙ୍କୁ ତେଲେଇ କଥାବାର୍ତ୍ତା କରେ । ବାଉରିଆ, ତା'ର ସ୍ତ୍ରୀ,

ମହାପାତ୍ର ଓ ମହାପାତ୍ରଙ୍କ ସ୍ତ୍ରୀ ଶେଷ ପର୍ଯ୍ୟନ୍ତ ଗାନ୍ଧିନୀତିକୁ ଧରିଛନ୍ତି ସମ୍ମାନତା ଆଣିବା ପାଇଁ । ତଥାପି ସଫଳ ହୋଇନାହିଁ । ଚକ୍ରଧର ଜଣେ ସ୍କୁଲ ଶିକ୍ଷକ ହୋଇ ମଧ୍ୟ ପ୍ରହ୍ଲାଦ ସହିତ ଅଲଗା ଗୋଷ୍ଠୀ ଗଠନ କରିଛି । ଏଭଳି ସମସ୍ତେ ନିଜନିଜ ଭିତରେ ଟଣାଓଟରା ଓ ଅନ୍ୟକୁ ମାଡ଼ିମକଚି ନିଜେ ଉପରକୁ ଉଠିବାର ଦାଦାଗିରି କରି ମରିବା ତାଙ୍କ ପକ୍ଷରେ ଶ୍ରେଷ୍ଠ ହୋଇଛି । ଏହିସବୁ ଦୃଷ୍ଟିରୁ ଔପନ୍ୟାସିକ ମହତାବ ଉକ୍ତ ଉପନ୍ୟାସଟିକୁ 'ଟାଉଟର' ନାମକରଣ କରିଛନ୍ତି ଓ ଏହା ଯଥାର୍ଥ । କାରଣ ଏଥିରେ ରାମଚନ୍ଦ୍ର ମହାପାତ୍ର ଓ କୃଷ୍ଣପ୍ରସାଦଙ୍କୁ ଛାଡ଼ିଦେଲେ ସମସ୍ତ ଟାଉଟର କରିବାରେ ସଂଶ୍ଳିଷ୍ଟ ।

କୃଷ୍ଣପ୍ରସାଦ ବାଲେଶ୍ୱରରେ ଗୋଟିଏ ଗାନ୍ଧୀ ଆଶ୍ରମରେ ରହିଥିଲେ । ସେହିଠାରେ ବୁଢ଼ୀରୁ ବାଉରିଆ ଜମିତକ ପୋଷ୍ୟପୁତ୍ର ଆକାରରେ ଛଡ଼ାଇ ନେଇଛି । ବୁଢ଼ୀର ଧନସମ୍ପତ୍ତି ଗଲା ପରେ କେହି ତାକୁ ପଚାରିଲେ ନାହିଁ । ତା'ର ଶେଷ ଜୀବନ ଗାନ୍ଧୀଜୀଙ୍କ ନେତୃତ୍ୱରେ ଗଢ଼ି ଉଠିଥିବା ଆଶ୍ରମରେ ଦିନ କଟୁଥିଲା । କୃଷ୍ଣପ୍ରସାଦ ସେରଗଡ଼କୁ ଯାଇ ସଭା କରିଥିଲେ ବି କେହି ଗାନ୍ଧୀନୀତିକୁ ପସନ୍ଦ କରୁନାହାନ୍ତି । କାରଣ ସେହି ଗାଁର ଲୋକଙ୍କର ଭଗବାନ ଥିଲେ ପାଣିଗିରି, ପଧାନେ ଓ ପ୍ରହ୍ଲାଦ । ଗାନ୍ଧୀଜୀଙ୍କ ଅସହଯୋଗ ଆନ୍ଦୋଳନ କ୍ଷେତ୍ରରେ ଯେଉଁ ତ୍ୟାଗର ଆଦର୍ଶ ଦେଖାଯାଇଥିଲା, ତାହା କମିଯାଇଛି । ତଥାପି ଖଦି ପିନ୍ଧିବା ଛାଡ଼ିନାହାନ୍ତି । ଗାନ୍ଧୀ କମିଟି ଭାଙ୍ଗିବା ପରେ କେହି କର୍ମୀ ଚୁପ ହୋଇ ରହିନାହାନ୍ତି । ସମସ୍ତେ ନିଜନିଜ କର୍ମରେ ଲାଗି ପଡ଼ିଛନ୍ତି । କେବଳ ଗୋଟିଏ କଥା- "ପ୍ରତ୍ୟେକ ନିଜର ମତଲବରେ ଅଛନ୍ତି, ଅନ୍ୟର ମତଲବ ବୁଝୁଛନ୍ତି, ଅଥଚ ସାଙ୍ଗ ହୋଇଯାଉଛନ୍ତି ପୁଣି ଶତ୍ରୁ ହୋଇ ଯାଉଛନ୍ତି । ଏସବୁ ବଡ଼ବଡ଼ ରାଜନୀତିଜ୍ଞଙ୍କଠାରେ ଯେପରି ସମ୍ଭବ, ଗାଁର ମାମଲତାକାରଙ୍କ ପକ୍ଷରେ ସେହିପରି ସମ୍ଭବ ହୋଇଛି ।"(ମହତାବ ଗ୍ରନ୍ଥାବଳୀ-୩୦୩) ଔପନ୍ୟାସିକ ଯେମିତି ଚରିତ୍ର, ବିଷୟବସ୍ତୁ ଏବଂ ତତ୍କାଳୀନର ଚିତ୍ରକୁ ଆଙ୍କିବାରେ ସିଦ୍ଧହସ୍ତ, ସେମିତି ଜାତୀୟତା ଓ ଆଦର୍ଶବାଦୀ ଚିନ୍ତାଧାରା ହିଁ ହୋଇଛି ଉପନ୍ୟାସର ମୁଖ୍ୟ ଉଦ୍ଦେଶ୍ୟ ।

'ତୃତୀୟ ପର୍ବ' (୧୯୭୭) ଉପନ୍ୟାସଟି ଔପନ୍ୟାସିକ ହରେକୃଷ୍ଣ ମହତାବଙ୍କ ପଞ୍ଚମ ଉପନ୍ୟାସ । ଏହାର ପୃଷ୍ଠଭୂମି ସ୍ୱାଧୀନତା ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ରାଜନୀତିର ଚିତ୍ର । ସମୟ ପରିବର୍ତ୍ତନ ସହିତ ମଣିଷର ମନ ପରିବର୍ତ୍ତନ ହେବା ସ୍ୱାଭାବିକ । ପ୍ରଥମ ଚାରୋଟି ଉପନ୍ୟାସରେ ନାରୀ ଜାଗରଣ ତଥା ଦେଶ ସ୍ୱାଧୀନତା ପାଇଁ ବାରମ୍ବାର ଆହ୍ୱାନ ରହିଛି । ଭାରତ ସ୍ୱାଧୀନତା ପ୍ରାପ୍ତ ପରେ ଆଉଥରେ ସ୍ୱାଧୀନତା ଏବଂ ସମାଜ ସେବା ପାଇଁ ସ୍ୱର ଉଠାଇଛନ୍ତି । ଇଂରେଜମାନେ ଦେଶରୁ ହଟିଗଲେ ହେଲେ ତାହାର ଛତ୍ରଛାୟାରେ ରହିଥିବା ଭାରତବାସୀ ଉପରେ ସମସ୍ତ ପ୍ରଭାବ ଆଜି ପର୍ଯ୍ୟନ୍ତ ରହିଛି । ୧୯୨୧ ରୁ ଆଜି ପର୍ଯ୍ୟନ୍ତ ଔପନ୍ୟାସିକ ତିନୋଟି ପର୍ବରେ ଭାଗ କରିଛନ୍ତି । ପ୍ରଥମ ପର୍ବ ହେଉଛି ଗାନ୍ଧିଜୀଙ୍କ ସମୟ, ଦ୍ୱିତୀୟ ପର୍ବ ନେହେରୁ ଓ ଇନ୍ଦିରାଙ୍କ ପର୍ଯ୍ୟନ୍ତ ଏବଂ ତୃତୀୟ ପର୍ବ ହେଉଛି ପ୍ରଥମକରି କଂଗ୍ରେସ ଆସନରୁ ହଟିଲା ଦିନଠାରୁ ଆରମ୍ଭ ହୋଇଛି । ବର୍ତ୍ତମାନ ପର୍ଯ୍ୟନ୍ତ ତୃତୀୟ ପର୍ବ ଚାଲିଛି । ଉପନ୍ୟାସିକଙ୍କ ଅନୁସାରେ- "ଭାରତର ସ୍ୱାଧୀନତା ଇତିହାସର ଦୁଇଟି ପର୍ବ ଶେଷ ହୋଇ ବର୍ତ୍ତମାନ ତୃତୀୟ ପର୍ବ ଚାଲିଛି । ୧୯୨୧ରୁ ୧୯୪୬ ପର୍ଯ୍ୟନ୍ତ ପଚିଶ ବର୍ଷର ଏକଏକ ପର୍ବ । ସେଥିରେ ବିଷୟବସ୍ତୁ ତିନୋଟି ମୁଖ୍ୟ ସ୍ୱାଧୀନତା ସଂଗ୍ରାମ । ପୁଣି ୧୯୪୬ରୁ ୧୯୭୧ ଏ ପଚିଶ ବର୍ଷ ହେଉଛି ଦ୍ୱିତୀୟ ପର୍ବ ଯାହାର ବିଷୟବସ୍ତୁ ହେଉଛି ସ୍ୱାଧୀନତା ସଂଗ୍ରାମୀମାନଙ୍କ ହାତରେ ଶାସନର ପରିଚାଳନା । ତୃତୀୟ ପର୍ବ ହେଉଛି ସେ ଶାସନର ପରିଣତି । କେଉଁଠି ସେ ପର୍ବ ଶେଷ ହେବ ଜଣା ନାହିଁ ।"

(ମହତାବ ଗ୍ରନ୍ଥାବଳୀ-୫୦୫)

କେବଳ ଓଡ଼ିଶା କହିଲେ କଟକ ଓ ଭୁବନେଶ୍ୱରରେ ରହି ଓଡ଼ିଶା କହିଲେ ହେବ ନାହିଁ, ତେଣୁ ରାମଶଙ୍କର ବିଭିନ୍ନ ଅଞ୍ଚଳରୁ ଗୋଟିଏ ଗୋଟିଏ ପ୍ରତିନିଧି ରଖିଥିଲେ । କଳାହାଣ୍ଡିର ମରୁଡ଼ି, କୋରାପୁଟ ଓ ମାଲକାନାଗିରିରେ ନକ୍ସଲାଇଟ ସହିତ ଗୁଣପୁର, ନବରଙ୍ଗପୁର ମଧ୍ୟ ତ୍ରାହିତ୍ରାହି ଚିତ୍କାର ଛାଡ଼ିବାରେ ଲାଗିଛି । କମଳାକାନ୍ତ ଜଣେ ଓକିଲ ଥିଲେ ମଧ୍ୟ ନୂତନ ବିବାହିତ ଓ ତାଙ୍କର ବୁଢ଼ି ମାଆକୁ ଛାଡ଼ି ଗୁଣପୁର ଯାଇ ସମାଜ ସେବାରେ ଲାଗିବା ଫଳରେ ପୋଲିସମାନେ ନକ୍ସଲାଇଟ ଭାବି ତାକୁ ନିହତ କଲେ । ୧୯୨୧ ଅସହଯୋଗ ଆନ୍ଦୋଳନଠାରୁ ୧୯୭୫-୭୭ ଏମରଜେନ୍‌ସି ପର୍ଯ୍ୟନ୍ତ ଯେତେ ଆନ୍ଦୋଳନ ହୋଇଥିଲା ତାହାର ହିଁ ବର୍ଣ୍ଣନା ଦେଖିବାକୁ ପାଉ ।

'ତୃତୀୟ ପର୍ବ' ଉପନ୍ୟାସଟିରେ ଦୁଇଭାଗର ଲୋକ ଦେଖିବାକୁ ମିଳିଥାଏ । ଗୋଟିଏ ଜଗଦାନନ୍ଦଙ୍କ ଭଳି ସ୍ୱାଧୀନତା ସଂଗ୍ରାମୀ ଓ ଅନ୍ୟଟି ରାମଶଙ୍କର ଭଳି ସଂଗ୍ରାମୀ । ଭାରତଛାଡ଼ ଆନ୍ଦୋଳନରେ ଜଗଦାନନ୍ଦ ଦିଲ୍ଲୀ ଯାଇଥିଲେ ସୁଧା ସେ ଆଉ ସେହିଭଳି ନାହାନ୍ତି । ଭୋଟ ରାଜନୀତି ତାଙ୍କ ମନ୍ତ୍ରୀ କରିଛି । ଗାନ୍ଧିବାଦୀ ଭାବରେ ଭୋଟ ପାଇଛନ୍ତି କିନ୍ତୁ ପରେ ଛାତ୍ର ଓ ଯୁବକଙ୍କଠାରୁ ଜଣାପଡ଼ିଲା ଯେ ମୁଖ୍ୟମନ୍ତ୍ରୀଙ୍କୁ ହାତରେ ରଖି

ଜଗଦାନନ୍ଦ ଏକଛତ୍ର ଶାସନ ଚଳାଉଛନ୍ତି । ଜଗଦାନନ୍ଦ ଦୁଇ ନିରୀହଙ୍କୁ ମାରି ଦେବା ଓ ପୋଲିସ ସେହି ଶବକୁ ନେଇ ଜଙ୍ଗଲରେ ଫୋପାଡ଼ି ଦେବା ଘଟଣା ସମସ୍ତେ ଜାଣିଥିଲେ ବି ଭୋଟର କ୍ଷମତା ଏତେ ବେଶୀ ଯେ ସବୁ ଦବିଗଲା । ଜଗଦାନନ୍ଦ ଓ ମୁଖ୍ୟମନ୍ତ୍ରୀ ଦୁହେଁ ରାମଶଙ୍କର ଓ ବିରକିଶୋରଙ୍କ ଗୋଷ୍ଠୀଙ୍କୁ ଦୋଷାବହ କରୁଛନ୍ତି । ତଥାପି ରାମଶଙ୍କର ଓ ବିରକିଶୋର ହାର ମାନି ନାହାନ୍ତି । ଆଉଥରେ ବିନୋବାଜୀଙ୍କୁ ଭୂଦାନ କାର୍ଯ୍ୟକ୍ରମ, ଆରାମ ହାରାମ ହୈ ଗରିବ ହଟାଅ ଇତ୍ୟାଦି ସ୍ୱର ତେଜ ଉଠିଥିଲା । ଭାଙ୍ଗି ସଫାକରି ପୁଣି ନୂଆ ଗଢ଼ି ସମସ୍ତ ଅଞ୍ଚଳରୁ ଜଣେ ଜଣେ କର୍ମୀ ଆଣି ଏକ ବିଶାଳ ସଂଗ୍ରାମୀ ଯୁବ ପରିଷଦ ଗଠନ ହେଲା ।

ଆଦିବାସୀ ଉନ୍ନୟନ ଓ ଅନୁନ୍ନତ ଅଞ୍ଚଳ ପାଇଁ ଟଙ୍କା ମଞ୍ଜୁର ହେଉଛି ସତ କିନ୍ତୁ ତାହା ସେହି ଅଞ୍ଚଳର ଲୋକଙ୍କ ପାଖକୁ ଟିକିଏ ବି ଯାଇପାରୁନାହିଁ । ୧୯୩୬ରେ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠିତ ପୂର୍ବରେ ଯେମିତି ବ୍ୟବସ୍ଥା ଥିଲା, ଠିକ୍ ତାହାହିଁ ଅଛି । କୋରାପୁଟ, ମାଲକାନଗିରି, କଳାହାଣ୍ଡି ବା ରାୟଗଡ଼ା ଅଞ୍ଚଳର ମୂକ ଗ୍ରାମବାସୀଙ୍କୁ ପୋଲିସ, ଅମିନ, ଜଙ୍ଗଲ ରକ୍ଷକଠାରୁ ଆରମ୍ଭ କରି ସମସ୍ତେ ତାଙ୍କ ଉପରେ ଅତ୍ୟାଚାର କରୁଛନ୍ତି । ରାମଶଙ୍କର କୋରାପୁଟ ଯାଇ ଦେଖିଲେ ଯେ ଆଜି ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳର ଲୋକ ଗାନ୍ଧିଜୀଙ୍କୁ ନିଜର ଦେବତା ବୋଲି ଭକ୍ତି ସହକାରେ କୁକୁଡ଼ା, ମେଣ୍ଢା, ଛେଳି ଇତ୍ୟାଦି ତାଙ୍କ ନାଁରେ ବଳି ଦେଉଥିଲେ । ପ୍ରକୃତରେ ଗାନ୍ଧୀଜୀଙ୍କର ସ୍ୱଚ୍ଛ ନିଃସ୍ୱାର୍ଥପରତା ହିଁ ସେମାନଙ୍କୁ ଆଧ୍ୟାତ୍ମିକ ଭାବନା ସୃଷ୍ଟି କରିଥିଲା । ଏଭଳି ଲୋକଙ୍କୁ ଗୁଳି ଓ ମାଡ଼ଦ୍ୱାରା ପୋଲିସ, ଅମିନଠାରୁ ଜଙ୍ଗଲ ରକ୍ଷକ ଇତ୍ୟାଦି ସରକାରୀ କର୍ମଚାରୀ ତାଙ୍କର ମୁହଁ ବନ୍ଦକରି ଅତ୍ୟାଚାର କରିଛନ୍ତି । ଏଣୁ ଏମାନଙ୍କୁ ସାମାଜିକ, ଅର୍ଥନୈତିକ, ରାଜନୈତିକ ଓ ସାଧାରଣ ଚେତନାର ଉନ୍ନତି ପାଇଁ ଅନେକ ଖ୍ରୀଷ୍ଟିଆନ ମିଶନ କାମ କରୁଛି । ରାମଶଙ୍କର କୋରାପୁଟରେ ଆଗର ଅନୁଭୂତି ଓ ବର୍ତ୍ତମାନର ଅନୁଭୂତି ଭିତରେ କୌଣସି ତଫାତ ପାଇନାହିଁ । ଔପନ୍ୟାସିକ ମହତାବଙ୍କର ଏସବୁ ନିଜ ଅନୁଭୂତି । ଉପନ୍ୟାସ ଶେଷରେ ଯେମିତି ପୋଲିସ ପ୍ରାର୍ଥନା କରୁଥିବା ସମୟରେ ଗିରଫ କରିଛି, ଠିକ୍ ସେହିଭଳି ଗିରଫ ହୋଇଥିଲେ ଔପନ୍ୟାସିକ । ଦୁଇ-ତିନି ଗୋଷ୍ଠୀରେ ଭାଗହୋଇ ସେଠାରେ କାମ କଲେ । ଭାରତର ନିର୍ବାଚନରେ କେତେ ଟଙ୍କା ହେଉଛି କଳ୍ପନା କରିବା ସମ୍ଭବ ନୁହେଁ । ଦେଶଟା ଗରିବଙ୍କ ପାଇଁ ସ୍ୱାଧୀନ ହୋଇଛି । କିନ୍ତୁ ଗଣତନ୍ତ୍ର ଏଠାରେ ଭୋଟ ଦ୍ୱାରା ମନ୍ତ୍ରତନ୍ତ୍ର ଚାଲିଲାଣି । ଭାରତର ନିର୍ବାଚନକୁ ଗାନ୍ଧିଜୀ, ଜବାହାରଲାଲ ନେହେରୁଙ୍କ ହାତରେ ଦେଇଗଲେ । ତାହା ସବୁ ନଷ୍ଟଭ୍ରଷ୍ଟ ହୋଇଯାଇଛି ।

କଳାହାଣ୍ଡିରୁ ମାନସ, ସମ୍ବଲପୁରରୁ ହୃଷିକେଶ, ଏହିଭଳି ଦୋଳଗୋବିନ୍ଦ, ତାରିଣୀ, ପ୍ରଦ୍ୟୋତ, ତପନ, ରତ୍ନାକର ଇତ୍ୟାଦିଙ୍କ ସହିତ କେବଳ ରାମଶଙ୍କର ଚିଠିପତ୍ରରେ କଥାବାର୍ତ୍ତା । ସମସ୍ତେ ନିର୍ବାଚନର ଜଣେ ଜଣେ ସଭ୍ୟ ହୋଇଗଲେଣି । ବୀରକିଶୋର ଓ ରାମଶଙ୍କର ଜେଲ ଗଲେ । କୋଉ ଚରିତ୍ରକୁ ମଧ୍ୟ ଗୌଣ ମନେ କରିହେବ ନାହିଁ, ଦୁର୍ଯ୍ୟୋଧନ ସାମଲ, ଶ୍ୟାମସୁନ୍ଦର ଧଳ, ସିଦ୍ଧେଶ୍ୱର ସେନାପତି ଗୋଟିଏ ସଭାରେ ଚରିତ୍ର ଭାବରେ ଆସିଲେ ମଧ୍ୟ କେତେ କଥା କହିଛନ୍ତି ଓ ଏମାନଙ୍କ ଦ୍ୱାରା ଉପନ୍ୟାସ ଗତିଶୀଳ ହୋଇଛି । ନାଗଭୂଷଣ ମହାପାତ୍ର କିଛିକ୍ଷଣ ପାଇଁ ଥିଲେ ତଥାପି ସେହି ଚରିତ୍ର ଦେଇ ନକ୍ସଲ ଆନ୍ଦୋଳନ କଥା କୁହାଯାଇଛି । ସ୍ୱାଧୀନତା ପରେ ସବୁ କିଛିର ବିଫଳତା ହିଁ ହୋଇଛି ଉପନ୍ୟାସର ଭାବବସ୍ତୁ । ଡ. ମହତାବଙ୍କ ପ୍ରତ୍ୟେକ ଉପନ୍ୟାସରେ କିଛି ନୂଆ ସ୍ୱର ଉଠେ ଓ ପ୍ରତିବାଦ କରେ । କେବଳ ବିଷୟବସ୍ତୁ କି ଚରିତ୍ର ପ୍ରୟୋଗ ଦୃଷ୍ଟିକୋଣରୁ ଉପନ୍ୟାସଟିକୁ ଚମତ୍କୃତ କରିନାହାନ୍ତି, ସେଥିରେ ବର୍ଣ୍ଣନା ଶୈଳୀଟି ବେଶ୍ ଚମତ୍କୃତ । ଉପନ୍ୟାସିକଙ୍କ କଥାରେ- "ଉଇହୁଙ୍କା ଭାଙ୍ଗିଲା ପରି କାର୍ଯ୍ୟକ୍ରମ । ଉଇ ରାଣୀ ତ କେଉଁ ଗହୀରରେ ମାଟିତଳେ ଅଛି ଉପରେ ଥରେ ହୁଙ୍କା ଭଙ୍ଗା ହେଲେ ପୁଣିଥରେ ସେଠି ନ ହେଲେ ଆଉ କେଉଁଠି ଉଇ ରାଣୀ ବାହାରିବେ ହିଁ ବାହାରିବେ ।"(ମହତାବ ଗ୍ରନ୍ଥାବଳୀ-୪୫୭) ଏଠାରେ ଉଇ ରାଣୀ ବୋଲି ଚିତ୍ରକଳ୍ପ ଦେଇ ମଣିଷର ଅହଂକାରକୁ ସମ୍ବୋଧନ କରିଛନ୍ତି । ଜର୍ମାନର ହିଟଲର ଶାସନ, ରୁଷିଆର ତଥା ଷ୍ଟାଲିନ୍‌ଙ୍କ ଅତ୍ୟାଚାର, ଲେଲିନ୍ ଜାତୀୟତାବାଦ ଓ ଦର୍ଶନ ଇତ୍ୟାଦି ରହିଛି । ନେହେରୁଙ୍କ ଶାସନ ସମୟରେ ୧୯୫୫ ସାଲ ବୁଲଗାନିନ ୧୯୬୨ରେ ଚୀନ ତିବତ ଅଧିକାର ଓ ପାକିସ୍ତାନ ଆକ୍ରମଣ ଘଟଣା ହିଁ 'ତୃତୀୟ ପର୍ବ' ଉପନ୍ୟାସର ସୃଷ୍ଟିର କାରଣ । ଔପନ୍ୟାସିକ ମହତାବଙ୍କ ପଦକ୍ଷେପ ରାଜନୀତିରେ ବିଫଳ ହେଲାପରେ ସେ ଅନୁଭବ କରିଛନ୍ତି ମହାଭାରତ ବେଲାରସେନ ଛିନ୍ନମସ୍ତକ ପରି ତୃତୀୟ ପର୍ବର ଘଟଣାକୁ ଦେଖିଛନ୍ତି । ତାଙ୍କ ଭାଷାରେ "ପ୍ରଥମ ପର୍ବରେ ଯେଉଁ ତୈଳଦୀପଟି ଜଳିଥିଲା ତାହା ଦ୍ୱିତୀୟ ପର୍ବରେ ଉଜ୍ଜ୍ୱଳ ବିଦ୍ୟୁତାଲୋକରେ ପରିଣତ ହେଲା । ତୃତୀୟ ପର୍ବରେ ତାହା ସଟ୍‌ସର୍କେଟ ବିଦ୍ୟୁତ ତାରର ବିଭ୍ରାଟ ଘଟି ଦେଶସାରା ଏକ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲା ।" (ମହତାବ ଗ୍ରନ୍ଥାବଳୀ-୪୫୮) ଶେଷରେ ଶ୍ରୀ ଅରବିନ୍ଦ ଓ ଶ୍ରୀମା, ସ୍ୱାମୀ ବିନୋବାଜୀ, ଗାନ୍ଧିଜୀ, ରବୀନ୍ଦ୍ରନାଥ ଓ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ କଥା ବର୍ଣ୍ଣିତ ।

ଔପନ୍ୟାସିକ କେବଳ ସ୍ୱାଧୀନତା ସଂଗ୍ରାମକୁ ଗ୍ରହଣ କରି ଲେଖିନାହାନ୍ତି । ସ୍ୱାଧୀନତା ପରେ ମଧ୍ୟ ଯେଉଁ ଗଣତାନ୍ତ୍ରିକ ବା କୁଟନୀତି ଚାଲିଛି ତାହାର ପରିଣାମକୁ ଦର୍ଶାଇଛନ୍ତି । ୧୯୭୧ ଓ ୧୯୭୫ର ଜରୁରୀକାଳୀନ ପରିସ୍ଥିତି ଏବଂ ୧୯୭୭ରେ କଂଗ୍ରେସ ହଟିଯାଇ ଅନ୍ୟ ଦଳର ପ୍ରତିଷ୍ଠା ଇତ୍ୟାଦି ଘଟଣା ତଥା ସର୍ବମୋଟରେ କହିବାକୁ ଗଲେ ୧୯୭୧ରୁ ୧୯୭୭ର ଘଟଣାରେ ଯେଉଁ ପରିବର୍ତ୍ତନ ଘଟିଥିଲା ତାହା ସେ '୧୯୭୫' ଉପନ୍ୟାସ ମାଧ୍ୟମରେ କହିଛନ୍ତି । ଭାରତ ଦୀର୍ଘ ଦୁଇଶହ ବର୍ଷଧରି ପରାଧୀନ ଶିକାରରେ ହନ୍ତସନ୍ତ ପରେ ସ୍ୱାଧୀନତା ପ୍ରାପ୍ତ ହେଲା । ପୂର୍ବରୁ ରଚିତ ଚାରିଖଣ୍ଡ ଉପନ୍ୟାସରେ ଗାନ୍ଧୀବାଦ ବା ଆଦର୍ଶବାଦ ଜୟଯୁକ୍ତ ହୋଇଛି କିନ୍ତୁ ଦୁଃଖର ବିଷୟ ସ୍ୱାଧୀନତା ଆଗରେ ଆଉ ଗାନ୍ଧୀବାଦ ତିଷ୍ଠି ପାରିଲା ନାହିଁ । ସବୁ ଅସହଯୋଗ ଆନ୍ଦୋଳନରେ ଗଢ଼ି ଉଠିଥିବା ଆଶ୍ରମଗୁଡ଼ିକ ଭାଙ୍ଗିଗଲା । ଏହି ଉପନ୍ୟାସରେ ଗାନ୍ଧୀବାଦୀଙ୍କୁ ତଥା ଅନ୍ୟ କେତେକ ସହକର୍ମୀମାନଙ୍କୁ ପୋଲିସ ଗିରଫ କରିଛି । ଲୋପ ପାଇଗଲା ଆଦର୍ଶବାଦ ସହିତ ଭାରତୀୟ ଭାତୃତ୍ୱ ତାହା ପରିବର୍ତ୍ତନ ହୋଇଯାଇଛି ବିଚ୍ଛିନ୍ନତାବୋଧ ଓ ରାଜନୀତି ସର୍ବସ୍ୱରେ । ଯାହା ପାଖରେ ରାଜନୀତି କ୍ଷମତା ଅଛି ସେ ସର୍ବଶକ୍ତିମାନ । ଜାତୀୟ ଜରୁରୀକାଳୀନ ପରିସ୍ଥିତିରେ ଔପନ୍ୟାସିକ ଆରେଷ୍ଟ ହୋଇଥିବା କଥଶ ଉକ୍ତ ଉପନ୍ୟାସରେ ମୁଖ୍ୟ ବିଷୟବସ୍ତୁ । ଲେଖକଙ୍କର ପ୍ରଥମ କେତୋଟି ଉପନ୍ୟାସରେ ନାରୀଜାଗରଣ, ମାନବମୁକ୍ତି, ବ୍ୟକ୍ତିସ୍ୱତନ୍ତ୍ର ଥିଲାବେଳେ '୧୯୭୫'ରେ ସଂପୂର୍ଣ୍ଣ ରାଜନୀତି ବର୍ଣ୍ଣନା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ରହିଛି । ଦେଶର ସାମାଜିକ ସ୍ଥିତି ରହିଁଥିଲା ଗୋଟିଏ ରୂପରେ ଓ ପରେ ପରିଣତ ହେଲା ଆଉ ଗୋଟିଏ ରୂପରେ । ସେଥିପାଇଁ ଏହି ଉପନ୍ୟାସରେ ତୁଳସୀଚରଣ ଦାସ, ସନ୍ୟାସୀ ସଦାନନ୍ଦ ଦାସ, ଜଗଦୀଶ, ଶରତ ଆଦିଙ୍କ ଜେଲ୍ ଯାଇ ମୃତ୍ୟୁ ହୋଇଥିଲା । ଯଦିଓ ଏହା ପୂର୍ବରୁ ଦୁଇଥର ଜାତୀୟ ଜରୁରୀକାଳୀନ ପରିସ୍ଥିତି ଘୋଷଣା ହୋଇଥିଲା ତଥାପି ସେଥିରେ ଜନତାର ମୌଳିକ ଅଧିକାରକୁ ଉହ୍ୟ କରାଯାଇ ନଥିଲା । କିନ୍ତୁ ୧୯୭୫ ଜାତୀୟ ଜରୁରୀକାଳୀନ ପରିସ୍ଥିତିରେ ନାଗରିକଙ୍କ ପାଖରେ କିଛି ମୌଳିକ ଅଧିକାର ନଥିଲା । ତେଣୁ କୁହାଯାଏ ତାହା ଉଭୟ ସ୍ୱାଧୀନତା ସଂଗ୍ରାମୀ ଏବଂ ଲୋକଙ୍କ ବ୍ୟକ୍ତିଗତ ସ୍ୱାଧୀନତାକୁ କବର ଦେଇଥିଲା । ଜରୁରୀକାଳୀନ ଅବସ୍ଥା ଓ ପରସ୍ପର ବିପରୀତ ଚରିତ୍ର ସୃଷ୍ଟିରୁ ଦେଶର ଇତିହାସରେ ଏହି ଜରୁରୀକାଳୀନ ପରିସ୍ଥିତି ନେଲା ଗୁରୁତ୍ୱପୂର୍ଣ୍ଣ ସ୍ଥାନ । ସ୍ୱାଧୀନତା ପୂର୍ବରୁ ଲୋକଙ୍କ ଧାରଣା କ'ଣ ଥିଲା ସ୍ୱାଧୀନତା ପରେ କେମିତି ହେଲା ଓ ପରେ କେଉଁଭଳି ବଦଳିଯାଇ ଜରୁରୀକାଳୀନ ପରିସ୍ଥିତିବେଳକୁ କିପରି ଲୋକଙ୍କ ମନରେ ରୂପ ପରିବର୍ତ୍ତନ କରିଥିଲା ଏହାହିଁ ଉପନ୍ୟାସର ଆଲୋଚନାର ବିଷୟ । ଉପନ୍ୟାସଟିରେ ଯେଉଁ ସ୍ୱାଧୀନତା ସଂଗ୍ରାମୀ ଥିଲେ ସେମାନେ ସମସ୍ତେ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ କିଏ କୁଆଡ଼େ ଆଶ୍ରୟ ନେଇଛନ୍ତି । ହରିବାବୁ ସ୍ୱାଧୀନତା ପରେ ରାଜନୀତିରେ ଯୋଗଦେଇ ହରିବାବୁଙ୍କଠାରୁ ଫେରିଆସି କିଛି ଦିନ ପରେ ତାଙ୍କର ମୃତ୍ୟୁ ଘଟିଛି । ଅନ୍ୟପକ୍ଷେ ଶ୍ରେଷ୍ଠାଶ୍ରୟକୁ ମନ୍ତ୍ରୀଙ୍କର ଆଗମନ ଦେଖି ସନ୍ନ୍ୟାସୀ ମଧ୍ୟ ଗିରଫ ହୋଇଛନ୍ତି । ଶାସନ ପଦ୍ଧତି ବଦଳିଗଲାଣି ଓ କଂଗ୍ରେସର ଚିନ୍ତାଚେତନା ମଧ୍ୟ ବଦଳିଗଲାଣି । ସ୍ୱାଧୀନତା ପୂର୍ବବର୍ତ୍ତୀ କଂଗ୍ରେସ ଓ ପରବର୍ତ୍ତୀ କଂଗ୍ରେସର ଗତିବିଧି ପୂରାପୂରି ଅଲଗା ହୋଇଛି । ଏହି ପରିବର୍ତ୍ତନ ପାଇଁ ବାଳକୃଷ୍ଣ ଓ ଶରତ କଲିକତା ଯାଇ ସେଠାରେ ରହି ଦାସଗୁପ୍ତ, ଶଶୀକାନ୍ତ ଆଦି ସ୍ୱାଧୀନତା ସଂଗ୍ରାମକୁ ଭେଟି ଜାଣିଲେ ଯେ ଭାରତ ସାରା କଂଗ୍ରେସର ନୀତି ବଦଳିଯାଇଛି । ଫେରି ଆସିଲେ ଓଡ଼ିଶାକୁ ବର୍ତ୍ତମାନ ବାଳକୃଷ୍ଣ ଓ ଶରତ ମଧ୍ୟ ଅଲଗା ଅଲଗା ରାସ୍ତାର ପଥିକ । ବାଳକୃଷ୍ଣ ମଧ୍ୟ ନିଜର ବଡ଼ଭାଇ ପ୍ରଫୁଲ୍ଲକୁ ମନ୍ତ୍ରୀକରି ନିଜେ ସବୁ କାମ ସମ୍ଭାଳୁଛନ୍ତି । ଔପନ୍ୟାସିକଙ୍କ ଭାଷାରେ– "ଧଳା ପରିବର୍ତ୍ତେ କଳା ବସିଛନ୍ତି ଆସନରେ । ଲୋକେ ଯେଉଁଠି ସେଇଠି । ସେମାନଙ୍କୁ ଆସନରେ କେହି ପଚାରୁନାହାନ୍ତି । ବରଂ ବ୍ରିଟିଶ ଅମଳରେ ସେମାନେ ଯେପରି ଯାହାକିଛି ସମ୍ମାନ ପାଉଥିଲେ । ଆଜି ତା' ନାହିଁ । ତୁମେ ଶଲ୍ୟ ଆରେଣ ସେମାନଙ୍କ ପ୍ରତି ଏପରିକି ସେମାନଙ୍କର ପ୍ରତିନିଧିମାନଙ୍କର ମଧ୍ୟ ।"

(ମହତାବ ଗ୍ରନ୍ଥାବଳୀ-୪୪୭)

ବିଷୟବସ୍ତୁ ଦୃଷ୍ଟିକୋଣରୁ 'ତୃତୀୟ ପର୍ବ' ଓ '୧୯୭୫' ଦୁଇଟି ଉପନ୍ୟାସ ପରସ୍ପର ପରିପୂରକ । ମୁଖ୍ୟ କଥା ହେଉଛି ଗାନ୍ଧୀ ଯୁଗର ଅନେକ ତଥାକଥିତ ନୀତିବାଦୀ ରାଜନୀତିରୁ ଅପସରିଗଲେ । ତେଣୁ ରାଜନୀତିର ପତନ ଘଟିଲା ଏବଂ ସେମାନେ ମଧ୍ୟ ସଂଗ୍ରାମରେ ଖାପଛଡ଼ା ବ୍ୟକ୍ତିବିଶେଷ ହୋଇ ରହିଗଲେ । ଗାନ୍ଧୀବାଦ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ପରେ ବିଦାୟ ନେଇ ତା'ର ସ୍ଥାନରେ ଗଢ଼ିଉଠିଛି ସମାଜବାଦ । ଉପନ୍ୟାସିକଙ୍କର ପ୍ରଥମ ପର୍ଯ୍ୟାୟର ରଚନା ନାରୀକୁ ଯେତିକି ଗୁରୁତ୍ୱ ଦେଇଥିଲେ, ପରେ ଏହି 'ତୃତୀୟ ପର୍ବ' ଓ '୧୯୭୫' ଉପନ୍ୟାସରେ ନାରୀ କଥା ଉଠିନାହିଁ କି ନାରୀ ଚରିତ୍ର ମଧ୍ୟ ନାହିଁ । ତେଣୁ କହିପାରିବା ନାରୀବିହୀନ ଉପନ୍ୟାସ । ଏତିକି ତଫାତ୍ ହେଉଛି ସେତେବେଳେ ସେହି ଉପନ୍ୟାସଗୁଡ଼ିକରେ ଉତ୍ସାହ ଓ ଚେତନା ପ୍ରବଳ ଥିଲା ।

ହରିବାବୁ, ଶରତ, ବଙ୍ଗଳାର ସନ୍ନ୍ୟାସୀ, ବାଳକୃଷ୍ଣ ଇତ୍ୟାଦିଙ୍କ ମନ ଭାଙ୍ଗିଯାଇ ସମସ୍ତେ ଅଲଗା ଅଲଗା ପଥର ଯାତ୍ରୀ ହୋଇଛନ୍ତି । କିନ୍ତୁ ନଦୀଟି ଯେମିତି ସମୁଦ୍ରରେ ମିଶିଯାଏ ସେମିତି ସମସ୍ତେ ସ୍ୱାଧୀନତା ସଂଗ୍ରାମୀମାନେ ପୋଲିସର କବଜାରେ ରହିଗଲେ । ଉପନ୍ୟାସଟିର ବହୁ ଜାଗାରେ ବିଫଳତାର ଚିହ୍ନ ଦେଖିବାକୁ ମିଳେ । ତେଣୁ ସେ କୁହନ୍ତି ରାଜନୀତି ଏକ ବାଦିପାଲା ।

ଏହି ଉପନ୍ୟାସଗୁଡ଼ିକୁ ପଢ଼ିଲେ ମନେହୁଏ ସମସ୍ତେ ପରସ୍ପର ସହିତ ଜଡ଼ିତ । କାରଣ 'ନୂତନ ଧର୍ମ'ରୁ '୧୯୭୫' କ୍ରମ ପର୍ଯ୍ୟାୟଭୁକ୍ତ ଉପନ୍ୟାସ ଭାବରେ ରହିଅଛି । ସ୍ୱାଧୀନତା ପୂର୍ବବର୍ତ୍ତୀରେ ରଚିତ ଉପନ୍ୟାସର ଭାବାବସ୍ତୁ ଓ ତା'ର ପରବର୍ତ୍ତୀରେ ରଚିତ ଦୁଇଖଣ୍ଡ ଉପନ୍ୟାସର ଭାବବସ୍ତୁ ବହୁ ଭିନ୍ନ । ନୂତନତା ପୁରାତନକୁ ମାଡ଼ିବସେ ତେଣୁ 'ନୂତନ ଧର୍ମ', 'ପ୍ରତିଭା', 'ଟାଉଟର' ଓ 'ଅବ୍ୟାପାର'ରେ ପୁରାତନ ତଥଶ କୁସଂସ୍କାର, ଅନ୍ଧବିଶ୍ୱାସ ଭଳି କେତେକ ଧାର୍ମିକ ପ୍ରଭାବକୁ ଏଡ଼ାଇଦେଇ ଅନ୍ୟକୁ ଭଲ ପାଇବା ଓ ଲୋକଙ୍କ ସାହାଯ୍ୟ କରିବା ହିଁ ହେଉଛି ଉଚିତ ଧର୍ମ ଏବଂ ନାରୀ ଜାଗରଣ, ନୂତନ ସମାଜ ଗଠନ, ମହାତ୍ମାଗାନ୍ଧୀଙ୍କ ଆହ୍ୱାନ ବର୍ବରିତ ହୋଇଛି । ଔପନ୍ୟାସିକ ସ୍ୱାଧୀନତା ଚିନ୍ତାର ବ୍ୟାଘାତ ପ୍ରକାଶ, ରାଜ୍ୟଗଠନ, ଓଡ଼ିଆ ଭାଷା ଓ ସାହିତ୍ୟର ସଂଘର୍ଷ ମୁହୂର୍ତ୍ତ ସହିତ ରାଜ୍ୟ ସଂସ୍କୃତିର ଐତିହ୍ୟ ବିକ୍ଷିପ୍ତ ବର୍ଣ୍ଣନା କରିଛନ୍ତି । କିନ୍ତୁ 'ତୃତୀୟ ପର୍ବ' ଓ '୧୯୭୫' ଉପନ୍ୟାସରେ ସବୁ ସ୍ୱପ୍ନ ଭାଙ୍ଗିଯାଇଛି କେବଳ ରହିଛି ରାଜନୀତିର ଭଙ୍ଗୁର ଅବସ୍ଥା । ସଂଗ୍ରାମଶୀଳ ଜୀବନାଦର୍ଶକୁ ଅଭିବ୍ୟକ୍ତ କରିବା ହିଁ ହେଉଛି ଉକ୍ତ ଉପନ୍ୟାସଗୁଡ଼ିକର ଭାବାଦର୍ଶ । 'ନୂତନ ଧର୍ମ'ର ମାନବ ସେବା, 'ପ୍ରତିଭା'ର ନାରୀ ଜାଗରଣ, 'ଟାଉଟର' ପଲ୍ଲୀଚେତନା, 'ଅବ୍ୟାପାର'ର ସାହସହରା ସଂଗ୍ରାମ, 'ତୃତୀୟ ପର୍ବ' ଓ '୧୯୭୫'ର ସ୍ୱାଧୀନତା ପ୍ରାପ୍ତିର ଶେଷାବସାନ ଓ ଅବକ୍ଷୟତା ପାଠକଙ୍କୁ ବିମୋହିତ କରି ରଖେ । ରାଜ୍ୟ, ସମାଜ ଓ ଦେଶ ପାଇଁ ସେ ଜୀବଦ୍ଦଶା ପର୍ଯ୍ୟନ୍ତ କାମ କରି ଚାଲିଥିଲେ । ସେହିସବୁ ଅନୁଭୂତି ଏହି ଉପନ୍ୟାସଗୁଡ଼ିକରେ ପ୍ରତିଫଳିତ ହୁଏ ।

**ସହାୟକ ଗ୍ରନ୍ଥସୂଚୀ :**


୧. ଓଡ଼ିଶା ସାହିତ୍ୟ ଏକାଡ଼େମୀ : ଓଡ଼ିଆ ଉପନ୍ୟାସ ଓ କ୍ଷୁଦ୍ରଗଳ୍ପ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ୧୯୮୧

୨. କର, ବାଉରୀବନ୍ଧୁ : ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ, ୨୦୧୫

୩. ନାୟକ, ଲାବଣ୍ୟବତୀ : ଉପନ୍ୟାସ ସାହିତ୍ୟ ସମ୍ପର୍କରେ, ପୁସ୍ତକ ଭଣ୍ଡାର, ବ୍ରହ୍ମପୁର, ୧୯୭୬

୪. ଦାଶ, ରାମଚନ୍ଦ୍ର : ରାଜନୈତିକ ଚିନ୍ତାଧାରା, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ,

୫. ଦେ, ମିଥୁନଚନ୍ଦ୍ର : ଉପନ୍ୟାସ ବିଚାର, ଶାକ୍ୟ ପବ୍ଲିକେଶନ୍ସ, ଆଇ.ଆର୍.ସି ଭିଲେଜ, ଭୁବନେଶ୍ୱର, ୨୦୦୭ ।

୬. ପଟ୍ଟନାୟକ, ପଠାଣି / ରାଉତ, ଭୋଳାନାଥ : ଉପନ୍ୟାସ ସାହିତ୍ୟର ପରିଚୟ, ଓଡ଼ିଶା ବୁକ୍ ଷ୍ଟୋର, କଟକ, ୧୯୬୯ ।

୭. ଓଡ଼ିଆ ଉପନ୍ୟାସ ସାହିତ୍ୟର ଇତିହାସ, ସତ୍ୟନାରାୟଣ ବୁକ୍ ଷ୍ଟୋର, କଟକ, ୨୦୧୭

୮. ପ୍ରଜାତନ୍ତ୍ର ପ୍ରଚାର ସମିତି, ମହତାବ ଗ୍ରନ୍ଥାବଳୀ, କଟକ

୯. ମହତାବ, ହରେକୃଷ୍ଣ : ଓଡ଼ିଆ ଇତିହାସ, କଟକ ଷ୍ଟୁଡ଼େଣ୍ଟସ୍ ଷ୍ଟୋର, କଟକ, ୧୯୭୭

୧୦. ମହାପାତ୍ର, ବିଜୟ କୁମାର : ଓଡ଼ିଆ ଔପନ୍ୟାସରେ ରାଜନୈତିକ ଚେତନା, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର, ୨୦୧୨

୧୧. ମିଶ୍ର, ନରେନ୍ଦ୍ରନାଥ : ଆଧୁନିକ ଓଡ଼ିଆ କଥାସାହିତ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ୧୯୮୨

୧୨. ସାହୁ, ଆଦିକନ୍ଦ : ଓଡ଼ିଆ ଗଳ୍ପ ଉପନ୍ୟାସର ନବଦିଗନ୍ତ, ଗ୍ରନ୍ଥମନ୍ଦିର, କଟକ, ୧୯୯୯

୧୩. ସାହୁ, ନୃସିଂହଚରଣ : ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ, ଓଡ଼ିଶା ବୁକ୍ ଷ୍ଟୋର, କଟକ, ୨୦୧୧



ଅଧ୍ୟାପକ, ଓଡ଼ିଆ ବିଭାଗ,
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର

ISSN -2583-147X(P), **Vol.- 8, Issue No. IX, December 2022**
**Bastabatara Pariprakash Prachee**
***Peer Reviewed and Referred Research Journal***

# 'ଭଗୀରଥ ଜନ୍ମ ବୃତ୍ତାନ୍ତ'ରେ ନାରୀ ସମକାମୀତାର ଚିତ୍ର : ଏକ ଐତିହାସିକ ଅଧ୍ୟୟନ

**ଦିପୁନ ପୁହାଣ**

ଲୈଙ୍ଗିକ ବିମର୍ଷ ପରିପ୍ରେକ୍ଷୀରେ 'ଭଗୀରଥ ଜନ୍ମ ବୃତ୍ତାନ୍ତ'ଟିର ଯଥେଷ୍ଟ ଗୁରୁତ୍ୱ ରହିଛି । ଏହି କାହାଣୀଟି ସହିତ ନାରୀ ସମକାମୀତା (lesbian love) ର ଯେଉଁ ବିରଳ ପରିକଳ୍ପନାଟି ଦେଖିବାକୁ ମିଳେ, ତାହା ଆମକୁ ଭାବିବାକୁ ବାଧ କରେ ଯେ ପ୍ରାଚୀନ କାଳର ଲେଖକ ଓ ସମାଜ ମଧ୍ୟରେ ଏହିପରି ଏକ ପରମ୍ପରା ଭିନ୍ନ (ଯାହା ଏବେ ମଧ୍ୟ ଅସାମିଜ ବୋଲି ପରିଗଣିତ) କାହାଣୀ ପ୍ରତି ଗ୍ରହଣଶୀଳତା କିପରି ସମ୍ଭବ ହୋଇପାରିଥିଲା । ପୌରାଣିକ କାହାଣୀ ସହିତ ସତ୍ୟାନୁସନ୍ଧାନର ମେଳ ନ ରହିପାରେ ମାତ୍ର ପୁରାଣ କାଳର ଜଣେ ସ୍ରଷ୍ଟା ମାନସରେ ଏହିପରି ନବ କଳ୍ପନାର ଉଦ୍ରେକରେ ଓ ଏହାକୁ ଜନସାଧାରଣରେ ବିନା ବିରୋଧିତାରେ ସ୍ୱୀକାର କରି ନେବାରେ ଆମ ଭାରତୀୟ ପ୍ରାଚୀନ ସାହିତ୍ୟ ଓ ମାନସିକତାର ଉଦାରତା ଓ ମହନୀୟତାର ପ୍ରମାଣ ମିଳେ ।

ତେବେ ଏହିପରି ଏକ ନବ ପରିକଳ୍ପନାର ଶ୍ରେୟ ଦୀର୍ଘ ବର୍ଷ ଧରି ବଙ୍ଗଳା ଭାଷାର ରାମାୟଣକାର କୃତ୍ତିବାସ ଓଝାଙ୍କୁ ମିଳି ଆସିଛି । ରୁଥ୍ ଭନିତା ଓ ସଲିମ୍ କିଦୱାଇଙ୍କ ଦ୍ୱାରା ସମ୍ପାଦିତ 'Same-Sex Love in India A Literary history', ଦେବଦତ୍ତ ପଟ୍ଟନାୟକଙ୍କ 'Shikhandi and other Queer Tales they don't tell you', ଅଭିଜିତ ରାୟଙ୍କର 'ସମକାମୀତା ଏକଟି ବୈଜ୍ଞାନିକ ଓ ସମାଜ-ମନସ୍ତାତ୍ତ୍ୱିକ ଅଧ୍ୟୟନ' ଆଦି ପୁସ୍ତକ ଗୁଡ଼ିକରେ ସମକାମୀତା ପ୍ରସଙ୍ଗରେ କୃତ୍ତିବାସ ରାମାୟଣରେ ଥିବା ଭଗୀରଥ ଜନ୍ମ କାହାଣୀଟିର ଉଦାହରଣ ଦିଆଯାଇଛି । କୃତ୍ତିବାସୀ ରାମାୟଣର ମୁଦ୍ରିତ ସଂସ୍କରଣରେ ଆଦିକାଣ୍ଡରେ ସୂର୍ଯ୍ୟବଂଶର ବଂଶାନୁକ୍ରମ ବର୍ଣ୍ଣନାରେ ଏହି ପ୍ରସଙ୍ଗଟି ରହିଥିବାର ଦେଖାଯାଏ ସତ, ମାତ୍ର ମୂଳ କୃତ୍ତିବାସ ଓଝାଙ୍କ ରାମାୟଣରେ ଏହିପରି ଏକ ପ୍ରସଙ୍ଗ ସତରେ ସ୍ଥାନ ପାଇ ପାରିଥିଲା କି ନାହିଁ ଏହା ପ୍ରମାଣ ସାପେକ୍ଷ । କାରଣ ପଞ୍ଚଦଶ ଶତାବ୍ଦୀରୁ ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ କୃତ୍ତିବାସ ରାମାୟଣର ସମୟାନୁକ୍ରମେ ଯେତେ ଯେତେ ନୂତନ ସଂସ୍କରଣ ପ୍ରକାଶ ପାଇଛି, ପ୍ରତିଟି ସଂସ୍କରଣରେ ନୂଆ ନୂଆ ବିଷୟର ସଂଯୋଜନା ଘଟିଛି । ଏ ନେଇ ରୁଥ୍ ବନିତା ନିଜ ପୁସ୍ତକରେ ଭଗୀରଥ ଜନ୍ମ ବୃତ୍ତାନ୍ତର ଉପକ୍ରମରେ କହନ୍ତି- This text, which even today is the most popular Bengali version of the Ramayana, is ascribed to the fourteenth century poet Krittivasa; however, additions to it continued to be made well into the eighteenth century. (Same-Sex Love in India, Page-115)

ସେହିପରି ଆଲୋଚକ ଅସିତ କୁମାର ବନ୍ଦ୍ୟୋପାଧ୍ୟାୟଙ୍କର 'ବାଙ୍ଗଲା ସାହିତ୍ୟେର୍ ଇତିବୃତ୍ତ'ରେ କୃତ୍ତିବାସୀ ରାମାୟଣର ମୁଦ୍ରିତ ଓ ପୋଥି ସ୍ଥିତ ବିଷୟ ପାର୍ଥକ୍ୟକୁ ନେଇ ଭିନ୍ନ ଭିନ୍ନ ଗବେଷକଙ୍କର ମତ ଉଲ୍ଲେଖ ରହିବା ତହିଁରୁ କିଛି ଅଂଶର ଅବିକଳ ଓଡ଼ିଆ ଅନୁବାଦ ଏହିପରି- "କୃତ୍ତିବାସ- ରାମାୟଣର ମୁଦ୍ରିତ ସଂସ୍କରଣର ପାଠ ସହିତ ପୋଥି ପାଠର ଯେ ବିଶେଷ ପାର୍ଥକ୍ୟ ଅଛି ତାହା ପ୍ରାୟ ସମସ୍ତେ ସ୍ୱୀକାର କରିଛନ୍ତି । ୧୩୦୧ ଅବ୍ଦରେ ହୀରେନ୍ଦ୍ର ନାଥ ଦତ୍ତ ହିଁ ସର୍ବପ୍ରଥମେ ଏଇ ସମ୍ପର୍କରେ ବିଶେଷଜ୍ଞ ମହଲର ଦୃଷ୍ଟି ଆକର୍ଷଣ କରନ୍ତି । ତାଙ୍କ ମତରେ, ବଟତାଲାରୁ ମୁଦ୍ରିତ କୃତ୍ତିବାସୀ ରାମାୟଣରେ ମୂଳ କୃତ୍ତିବାସର ଗୋଟିଏ ବି ପଂକ୍ତି ରକ୍ଷିତ ହୋଇପାରି ନାହିଁ । ହୀରେନ୍ଦ୍ର ନାଥଙ୍କର ବହୁ ପୂର୍ବରୁ କୃତ୍ତିବାସ ସମ୍ବନ୍ଧରେ ଅଭିଜ୍ଞ ପ୍ରଫୁଲ୍ଲ ଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ କହିଥିଲେ- "ଏବେ ବଟତାଲାରେ ଯାହା କୃତ୍ତିବାସୀ ରାମାୟଣ ନାମରେ ବିକ୍ରୟ ହେଉଛି ମୂଳ କୃତ୍ତିବାସୀ ଠାରୁ ତାହାକୁ ସ୍ୱତନ୍ତ୍ର କହିବାରେ

ଅତ୍ୟୁକ୍ତି ହେବ ନାହିଁ ।" କୃତ୍ତିବାସର ପୋଥି ଓ ମୁଦ୍ରିତ ରାମାୟଣର ଭାଷାରେ ମଧ୍ୟ ଆକାଶ ପାତାଳ ପାର୍ଥକ୍ୟ । (ବାଂଲା ସାହିତ୍ୟେର୍ ଇତିବୃତ୍ତ, ପ୍ରଥମ ଖଣ୍ଡ, ପୃ-୩୯୪)

ତେବେ କୃତ୍ତିବାସୀ ରାମାୟଣରେ ନାନା ପ୍ରକ୍ଷିପ୍ତ କାହାଣୀ ଓ ନୂତନ ଭାଷାର ଅନୁପ୍ରବେଶ ନେଇ ଆଲୋଚକ ସୁକୁମାର ସେନ୍ 'ଦ ହିଷ୍ଟୋରି ଅଫ୍ ବାଂଲା ଲିଟରେଚର୍'ରେ କହନ୍ତି- "Krttivasa may not have been the first writer of Ramayana poetry in Bengali. But his has been undoubtedly the most acceptable. The penalty of its popularity has been heavy. As the days wore on the signature of the poet gathered more and more importance and the text of his poem less and less. The singers (Gayana) of his poem consciously or unconsciously changed the language to suit there own dialect, and they did not miss any opportunity for what they considered as improvement on the text by the addition of various short tales and by the injection of popular likes and demand. In this manner much of the obviously late Vaishnava traits and episodes gradually crept into the poem so that by the end of the seventeenth century it retained nothing of the original except the name of the poet and few sporadic couplets. (The History of Bangla literature, page-68, 69) ଅର୍ଥାତ୍ କୃତ୍ତିବାସୀ ରାମାୟଣର ବହୁ ଲୋକପ୍ରିୟତା ହିଁ ଏହାର ମୌଳିକତା ହାନୀର ମୁଖ୍ୟ କାରଣ । ଗାୟକ (ଗାୟନ) ମାନେ ବା ଲିଖନକାରମାନେ ପୋଥିରୁ ପୋଥିକୁ ପାଠ ଉଦ୍ଧାର କଲାବେଳେ ନିଜ ନିଜର ବୁଦ୍ଧି ବିଚାର ବଳରେ କୃତ୍ତିବାସୀ ରାମାୟଣର ମୌଳିକତାରେ ହସ୍ତକ୍ଷେପ କରିଛନ୍ତି ଓ ନିଜ ନିଜର ଇଚ୍ଛାମତେ ବିଷୟବସ୍ତୁରେ ସଂଯୋଗ ଓ ବିଯୋଗ ଘଟାଇଛନ୍ତି । ଫଳରେ ସମୟ କ୍ରମେ ପୋଥିରୁ ପୁସ୍ତକକୁ ମୁଦ୍ରିତ ରୂପ ନେଲା ବେଳକୁ ବହୁ ନୂତନ କାହାଣୀ ସହିତ 'ଭଗୀରଥ ଜନ୍ମ' କାହାଣୀଟି ମଧ୍ୟ କୃତ୍ତିବାସୀ ରାମାୟଣର ପୃଷ୍ଠା ମଣ୍ଡନ କରିଛି ଓ ଲୈଙ୍ଗିକ ତଥା ଯୌନ ବିବିଧତା ବିଷୟରେ ଗବେଷକମାନେ କୃତ୍ତିବାସ ରାମାୟଣର ଏହି ପ୍ରକ୍ଷିପ୍ତ ଅଂଶଟିକୁ ମୌଳିକ ରଚନା ବୋଲି ମନେ କରିଛନ୍ତ; ଯାହା କୃତ୍ତିବାସୀ ରାମାୟଣର ଶୁଦ୍ଧ ସଂସ୍କରଣରେ ଦେଖାଯାଏ ନାହିଁ ।

ଗବେଷକ ହୀରେନ୍ଦ୍ର ନାଥ ଦତ୍ତ, ପ୍ରଫୁଲ୍ଲ ଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ ପ୍ରମୁଖ କୃତ୍ତିବାସୀ ରାମାୟଣର ଶୁଦ୍ଧ ସଂସ୍କରଣ ପ୍ରକାଶ କରିବାର ପ୍ରୟାସ କରିଛନ୍ତି । ମାତ୍ର ତାହା ସଂପୂର୍ଣ୍ଣ ହୋଇପାରି ନାହିଁ । ଗବେଷକ ସୁଖମୟ ମୁଖୋପାଧ୍ୟାୟ ବହୁ ପରିଶ୍ରମ କରି ପ୍ରାଚୀନ ପୋଥିଗୁଡ଼ିକର ଅନୁସନ୍ଧାନ ପୂର୍ବକ, ସବୁଠାରୁ ପ୍ରାଚୀନ ମନେ ହେଉଥିବା ପୋଥିକୁ ନିଜର ଆଦର୍ଶ ପୋଥି ରୂପେ ଚୟନ କରି କୃତ୍ତିବାସୀ ରାମାୟଣର ଏକ ଶୁଦ୍ଧ ସଂସ୍କରଣ ପ୍ରକାଶ କରିବାର ପ୍ରୟାସ କରିଛନ୍ତି । ଏହି ସଂସ୍କରଣଟି ବହୁ ପ୍ରାମାଣ୍ୟ ତଥ୍ୟ ସଂଶ୍ଳିଷ୍ଟ ଓ ଗବେଷକମାନଙ୍କ ଦ୍ୱାରା ଆଦୃତ ତଥା ବିଭିନ୍ନ ବିଶ୍ୱବିଦ୍ୟାଳୟର ବଙ୍ଗଳା ଭାଷା-ସାହିତ୍ୟର ପାଠ୍ୟକ୍ରମରେ ପ୍ରଚଳିତ । ଏ ପୁସ୍ତକରେ ଅନେକ କାହାଣୀ- ଯାହା ମୂଳ କୃତ୍ତିବାସୀ ରାମାୟଣରେ ପରବର୍ତ୍ତୀ ସମୟରେ ଯୋଗ କରାଯାଇଛି, ତାହାକୁ ସେ ବର୍ଜନ କରିଛନ୍ତି । ସେହି କାହାଣୀଗୁଡ଼ିକ ମଧ୍ୟରୁ 'ଭାଗୀରଥ ଜନ୍ମ ବୃତ୍ତାନ୍ତ' ଯାହା ଆଦିକାଣ୍ଡର ଆରମ୍ଭ ଭାଗରେ ସୂର୍ଯ୍ୟବଂଶର ବଂଶାନୁକ୍ରମଣିକାରେ ରହିଥିଲା ତାହାକୁ ମଧ୍ୟ ବର୍ଜନ କରାଯାଇଛି । ଏ ନେଇ ସୁଖମୟ କହନ୍ତି- "ବଜାରରେ ବିକ୍ରି ହେଉଥିବା 'କୃତ୍ତିବାସୀ ରାମାୟଣ'ରେ ଦଶରଥ ପ୍ରସଙ୍ଗ ଆରମ୍ଭ ହେବା ଆଗରୁ ଅନେକ କିଛି ବର୍ଣ୍ଣନା ରହିଛି । ସେଇ ସମସ୍ତ ବର୍ଣ୍ଣନାରୁ ଅଧିକାଂଶ ପ୍ରକ୍ଷିପ୍ତ ବୋଲି ମନେହୁଏ; ତା' ମଧ୍ୟରୁ ଦଶରଥଙ୍କର ପୂର୍ବପୁରୁଷମାନଙ୍କ କୀର୍ତ୍ତି କାହାଣୀର ଯେଉଁ ସୁଦୀର୍ଘ ବିବରଣୀ ରହିଛି, ତାହା ଊନବିଂଶ ଶତାବ୍ଦୀର ପୂର୍ବବର୍ତ୍ତୀ କୌଣସି ବି ପୋଥିରେ ମୁଁ ଦେଖିନାହିଁ ଏବଂ ଏହାର ଭାଷା ମଧ୍ୟ ଅତ୍ୟନ୍ତ ଆଧୁନିକ । ସୁତରାଂ ଏହି ବିବରଣୀ ନିଃସନ୍ଦେହରେ ପ୍ରକ୍ଷିପ୍ତ ।" (ସୁଖମୟ ମୁଖୋପାଧ୍ୟାୟ ସମ୍ପାଦିତ କୃତ୍ତିବାସୀ ରାମାୟଣର ମୁଖବନ୍ଧ, ପୃଷ୍ଠା-୫୬)

ଦୀର୍ଘ ବର୍ଷରୁ କୃତ୍ତିବାସଙ୍କର ମୌଳିକ ସର୍ଜନାର ସ୍ୱାକ୍ଷର ବହନ କରି ଆସୁଥିବା 'ଭଗୀରଥ ଜନ୍ମ ବୃତ୍ତାନ୍ତ'ଟି ଯେ କୃତ୍ତିବାସଙ୍କର ଲେଖା ନୁହେଁ ଏହା ସ୍ପଷ୍ଟ ପ୍ରମାଣିତ । ତେବେ ଏଭଳି ଏକ କାହାଣୀ କୃତ୍ତିବାସୀ ରାମାୟଣର ଅନ୍ତର୍ଭୁକ୍ତ ହେଲା କିଭଳି ? କେଉଁଠାରୁ ପ୍ରଭାବିତ ହୋଇ ଗାୟକ / ଲିପିକାର ମାନେ ଏହି କାହାଣୀଟିକୁ କୃତ୍ତିବାସୀ ରାମାୟଣରେ ଯୋଡ଼ିବାର ପ୍ରୟାସ କଲେ ? ଏ ସମସ୍ତ ପ୍ରଶ୍ନର ସମାଧାନ ଖୋଜିବାକୁ ଦୁଇଟି ସୂତ୍ର ଅବଲମ୍ବନ କରିବାକୁ ହେବ ।

(୧) କୃତ୍ତିବାସ ଭିନ୍ନ ପ୍ରାଚୀନ ବଙ୍ଗଳା ସାହିତ୍ୟରେ ଏ କାହାଣୀରେ ସ୍ଥିତି ଅନୁସନ୍ଧାନ ।

(୨) ଅନ୍ୟାନ୍ୟ ପ୍ରାନ୍ତୀୟ ଭାଷାର ସାହିତ୍ୟରେ ଏ କାହାଣୀର ସ୍ଥିତି ଅନୁସନ୍ଧାନ ।

କୃତ୍ତିବାସ ପୂର୍ବ, କୃତ୍ତିବାସ ସମସାମୟିକ ଓ କୃତ୍ତିବାସ ପର ଦୀର୍ଘ ୩୦୦ ବର୍ଷର ବଙ୍ଗଳା ସାହିତ୍ୟରେ ଏହିପରି ଅବିକଳ କାହାଣୀ ବା ନାରୀ ସମକାମୀତା ମୂଳକ କୌଣସି ବି କାହାଣୀର ସନ୍ଧାନ ମିଳେ ନାହିଁ । ମାତ୍ର ସୁଖର ବିଷୟ ଯେ କୃତ୍ତିବାସଙ୍କର ଯଥେଷ୍ଟ ପୂର୍ବବର୍ତ୍ତୀ ଓଡ଼ିଆ ଭାଷାର କବି ସାରଳା ଦାସଙ୍କ ମହାଭାରତର 'ବନପର୍ବ'ରେ ଓ ଷୋଡ଼ଶ ଶତାବ୍ଦୀର ଓଡ଼ିଆ କବି ପୁରୁଷୋତ୍ତମ ଦାସଙ୍କର 'ଗଙ୍ଗା ମାହାତ୍ମ୍ୟ' କାବ୍ୟରେ ଏ କାହାଣୀଟିର ସ୍ଥିତି ବିଦ୍ୟମାନ । ତତ୍କାଳୀନ ବଙ୍ଗ ଓ ଓଡ଼ିଶାର ସାଂସ୍କୃତିକ ଓ ରାଜନୈତିକ ସମ୍ପର୍କ କିଭଳି ଥିଲା ଏହା ସଭିଙ୍କୁ ଜଣାଅଛି । ଉଭୟ ରାଜ୍ୟ ମଧ୍ୟରେ ସାଂସ୍କୃତିକ ଓ ଧାର୍ମିକ ଭାବ ବିନିମୟର ଯଥେଷ୍ଟ ପ୍ରମାଣ ରହିଛି । ସାରଳା ମହାଭାରତର କାହାଣୀ କିମ୍ବା ଗଙ୍ଗା ମାହାତ୍ମ୍ୟର କାହାଣୀ ତତ୍କାଳୀନ ବଙ୍ଗଭାଷୀ ଗାୟକ ଓ ପୋଥି ଲେଖକ ମାନଙ୍କୁ ପ୍ରଭାବିତ କରିଥିବ ନିଶ୍ଚୟ । କାରଣ ଓଡ଼ିଆ ଭାଷା ଓ ବଙ୍ଗାକ୍ଷରରେ ଲିଖିତ ଅନେକ ପୋଥି ଏବେ ସୁଦ୍ଧା ବଙ୍ଗଳାର ବିଭିନ୍ନ ଅଞ୍ଚଳରେ ସୁରକ୍ଷିତ ହୋଇ ରହିଛି । ବଙ୍ଗଳାର ଅତିବଡ଼ୀ ସମ୍ପ୍ରଦାୟର ବୈଷ୍ଣବମାନେ ବଙ୍ଗାକ୍ଷରରେ ଲିଖିତ ଓଡ଼ିଆ ଭାଗବତର ପଠନ କରୁଥିବାର ପ୍ରମାଣ ମଧ୍ୟ ରହିଛି । ଆଲୋଚକ ସୁରେନ୍ଦ୍ର ମହାନ୍ତି 'ଗଙ୍ଗା ମାହାତ୍ମ୍ୟ'ର ପ୍ରଭାବ ବଙ୍ଗଳାରେ କିପରି ରହିଥିଲା ତାହାର ପ୍ରମାଣ ଦେଖାଇ କହନ୍ତି- "କବି ପୁରୁଷୋତ୍ତମ ଦାସଙ୍କ କାବ୍ୟଯଶ ଏକଦା ବଙ୍ଗଳାରେ ଅତ୍ୟନ୍ତ ଆଦୃତ ଥିଲା । ତାଙ୍କର 'ଗଙ୍ଗା ମାହାତ୍ମ୍ୟ' ଆଜି ସୁଦ୍ଧା ଓଡ଼ିଆ ଭାଷା କିନ୍ତୁ ବଙ୍ଗାକ୍ଷରରେ ପଶ୍ଚିମ ବଙ୍ଗଳାର କେତେକ ଅଞ୍ଚଳରେ ପ୍ରଚଳିତ ଅଛି ।" (ଓଡ଼ିଆ ସାହିତ୍ୟର ମଧ୍ୟପର୍ବ, ପୃ- ୧୧୦) ଏଥିସହିତ ସୁରେନ୍ଦ୍ର ମହାନ୍ତି ନିଜର ଯୁକ୍ତିକୁ ଅଧିକ ପ୍ରାମାଣିକ କରିବା ପାଇଁ ବଙ୍ଗାକ୍ଷରରେ ଲିଖିତ ଗଙ୍ଗା ମାହାତ୍ମ୍ୟର ପ୍ରଥମ ପୃଷ୍ଠାର ଫଟୋ ନିଜ ପୁସ୍ତକରେ ସ୍ଥାନିତ କରିଛନ୍ତି । ତେଣୁ ଭଗୀରଥ ଜନ୍ମ ବୃତ୍ତାନ୍ତଟିର ଯେ ଓଡ଼ିଆ ମହାଭାରତରୁ ଗଙ୍ଗା ମାହାତ୍ମ୍ୟ ବାଟ ଦେଇ କୃତ୍ତିବାସୀ ରାମାୟଣ ପର୍ଯ୍ୟନ୍ତ ସଂକ୍ରମଣ ଘଟିଛି ଏକଥାକୁ ଅସ୍ୱୀକାର କରାଯାଇ ନପାରେ । ତେଣୁ ଭାରତୀୟ ପ୍ରଥମ ଲେସବିଆନ୍ ପ୍ରେମ କାହାଣୀଟିର ଶ୍ରେୟ କୃତ୍ତିବାସଙ୍କର ନୁହେଁ ବରଂ ସାରଳା ଦାସ ଓ ପୁରୁଷୋତ୍ତମ ଦାସଙ୍କ ପରି ଓଡ଼ିଆ କବିମାନଙ୍କର, ଏହା ସ୍ୱୀକାର୍ଯ୍ୟ ।

ଏହି ଐତିହାସିକ ସତ୍ୟଟିର ପ୍ରାମାଣିକ ପ୍ରତିଷ୍ଠା ପରେ ମହାଭାରତ ଓ ଗଙ୍ଗା ମାହାତ୍ମ୍ୟର ବିଷୟ ବିନ୍ୟାସ ଓ ପ୍ରସଙ୍ଗଟିର ଯଥାଯଥ ମୂଲ୍ୟାଙ୍କନ କରିବା ବିଧେୟ । ପଞ୍ଚଦଶ ଶତାବ୍ଦୀର କବି ସାରଳା ଦାସଙ୍କର ମହାଭାରତର ବନପର୍ବରେ ପାଣ୍ଡବମାନେ ପଶା ଖେଳରେ ନିଜର ସର୍ବସ୍ୱ ହରାଇବା ପରେ ପତ୍ନୀ ଦ୍ରୌପଦୀଙ୍କ ସହ ବାରବର୍ଷ ବନବାସ ଓ ଏକବର୍ଷ ଅଜ୍ଞାତବସ ରହଣୀ ସମୟରେ ନାନା ତୀର୍ଥସ୍ଥାନର ଦର୍ଶନ କରିଛନ୍ତି । ମୁନି ମାର୍କଣ୍ଡଙ୍କ ଦ୍ୱାରା ସେହି ତୀର୍ଥସ୍ଥାନ ସବୁର ମହିମା କୀର୍ତ୍ତନ ତାହା ସହ ସଂଶ୍ଲିଷ୍ଟ ବିଭିନ୍ନ ପୌରାଣିକ କାହାଣୀର ଅବତାରଣା ଘଟିଛି । ଏହି କ୍ରମରେ ଯୁଧିଷ୍ଠିର ଓ ମାର୍କଣ୍ଡଙ୍କ କଥୋପକଥନ ଛଳରେ ଗଙ୍ଗା ନଦୀର ମର୍ତ୍ତ୍ୟାଗମନ ପ୍ରସଙ୍ଗଟି ବର୍ଣ୍ଣିତ ।

କପିଳ ମୁନିଙ୍କ ଅଭିଶାପରେ ସଗରଙ୍କର ଷାଠିଏ ସହସ୍ର ପୁତ୍ର ଅଗ୍ନିରେ ପତିତ ହୁଅନ୍ତେ ନିଜର ସ୍ୱାମୀ ମାନଙ୍କୁ ଖୋଜି ଖୋଜି ଯାଇ ଷାଠିଏ ସହସ୍ର ରାଣୀ ସେହି ଅଗ୍ନି ନିକଟରେ ପହଞ୍ଚନ୍ତି । ସ୍ୱାମୀମାନଙ୍କର ଏଭଳି ଅବସ୍ଥା ଦେଖି ବ୍ୟଥିତା ନାରୀମାନେ ସେହି ଅଗ୍ନିରେ ଝାସ ଦେଇ ଜୀବନ ହାରି ଦେବାକୁ ପ୍ରୟାସ କରନ୍ତି; ମାତ୍ର କପିଳଙ୍କ ଅଭିଶାପ ଅନୁଯାୟୀ ସେ ଅଗ୍ନି କେବଳ ପୁରୁଷଙ୍କ ପାଇଁ ଉଦ୍ଦିଷ୍ଟ ଥିବାରୁ ନାରୀମାନଙ୍କର କୌଣସି କ୍ଷତି କରେ ନାହିଁ ।

"ଶୁଣିଣ ସୁନ୍ଦରୀୟେ ଅନେକ କ୍ରୋଧ କଲେ
ସେ ଭସ୍ମ ଅନଳେ ସମସ୍ତେ ଡେଇଁଣ ପଡ଼ିଲେ ।
ପୁରୁଷନ୍ତ ଭସ୍ମ ସେ କଲେକ ଦେବ ରାଜା
ସେ ଅନଳେ ସ୍ତିରୀମାନେ ନୋହିଲେ ଦହିଯା ।"

ଫଳରେ ନାରୀମାନଙ୍କର ଅଗ୍ନିରେ ଝାସ ଦେଇ ପ୍ରାଣ ଉତ୍ସର୍ଗ କରିବାର ପ୍ରୟାସ ବୃଥା ହୁଏ । କେବଳ ବାହ୍ୟ ଆଭରଣ ମାନ ନିଆଁରେ ଜଳିଯାଏ ଓ ଷାଠିଏ ସହସ୍ର ନାରୀ ଉଲଗ୍ନ ହୋଇ ଅଗ୍ନିକୁଣ୍ଡରୁ ବାହାରି ଆସନ୍ତି । ଏହି ସମୟରେ ନାରୀମାନେ ଏକ ଅପରକୁ ଉଲଗ୍ନି ଅବସ୍ଥାରେ ଦେଖି ସେମାନଙ୍କ ମଧ୍ୟରେ କାମଭାବ ଯାତ ହୁଏ ଏବଂ ସମସ୍ତେ ଦୁଇ ଦୁଇ ଜଣରେ ଭାଗ ହୋଇ ପରସ୍ପର ସହିତ ଶୃଙ୍ଗାର କରିବାକୁ ଲାଗନ୍ତି ।

"କାମେଣ ଆରତ ହୋଇଣ ମନୋହାରୀ
ଦୁଇ ଦୁଇ କନ୍ୟାୟେ ହୋଇଲେ କୋଳ କରାକରି ।
ଭଗେ ଭଗ ତାଡ଼ନ୍ତେ ହୋଇଲା କାମ ଖେଦେ
ରଜ ଖଳିତ ହୋଇ ପଡ଼ିଲା ଭୁବି ମଧେ ।
ସମସ୍ତ ରଜ ସେ ଧଇଲେ ବାଳୀ କରେ
ଫିଙ୍ଗି ପକାଇଲେ ନେଇ ସାୟେର ଭିତରେ ।
ଉପୁଚି ଆଇଣ ସେ ହୋଇଲା ଏକ ଠୂଳ
ଲହଡ଼ି ହିନ୍ଦୋଳରେ ଲାଗିଲା ଆସି କୂଳ ।"

ଏହି ନାରୀ ନାରୀ ମଧ୍ୟରେ କୃତ ଶୃଙ୍ଗାରରୁ ସ୍ଖଳିତ ରଜ ଏକାକାର ହୋଇ ଏକ ପୁତ୍ର ସନ୍ତାନର ଜନ୍ମ ହୁଏ । ନାମକରଣ ପ୍ରିୟ ସାରୋଳ ଦାସ ଭଗ / ନାରୀର ଯୌନାଙ୍ଗ ଯୁଗଳର ସଂସ୍ପର୍ଶରୁ ଜନ୍ମ ବୋଲି ଏ ପୁତ୍ରର ନାମ ଭଗୀରଥ ରଖା ଯାଇଥିବାର ଉଲ୍ଲେଖ କରିଛନ୍ତି । ଯଥା–

"ପୁତ୍ରକଇଂ ଦେଖି ଯେ ସାନନ୍ଦ ହୋଇଲେ ଯୁବତୀ
ଭଗୁଂ ଜାତ ହୋଇଲାରୁ ନାମ ଦେଲେ ଭଗୀରଥି ।"

ଏହା ହେଉଛି ସାରଳା ମହାଭାରତରେ ବର୍ଣ୍ଣିତ ଭଗୀରଥର ଜନ୍ମ ବିବରଣ । ରାମାୟଣର କଥାବସ୍ତୁକୁ ନିଜର ମହାଭାରତ ମଧ୍ୟରେ ଗ୍ରଥିତ କରିବା ବେଳେ ସାରଳା ନିଜର ସ୍ୱକୀୟ ମୌଳିକତାର ଯେଉଁ ନିଦର୍ଶନ ଦେଇଛନ୍ତି ତାହାର ବିବିଧ ଉଦାହରଣ ଭିତରୁ ଏ କାହାଣୀଟି ଗୋଟିଏ । ସାରଳାଙ୍କ ପରେ ପରେ ବଳରାମ ଦାସଙ୍କ ଦ୍ୱାରା 'ଜଗମୋହନ ରାମାୟଣ' ଲେଖା ଯାଇଥିଲେ ହେଁ ଜଗମୋହନରେ ଦିଲୀପ ପୁତ୍ର ଭାଗୀରଥର ଜନ୍ମ ସମ୍ପର୍କରେ ଏଭଳି ଏକ ଅଦ୍ଭୁତ କାହାଣୀର ଉଲ୍ଲେଖ ନାହିଁ ବା ଓଡ଼ିଆରେ ରଚିତ ଅନ୍ୟାନ୍ୟ ରାମାୟଣ ଗୁଡ଼ିକରେ ଏହାର ପ୍ରତିଫଳନ ଘଟିଥିବାର ଦେଖାଯାଏ ନାହିଁ । ସାରଳାଙ୍କ ବହୁବର୍ଷ ପରେ ଏହି କାହାଣୀଟିର ପୁନଃ ଉଲ୍ଲେଖ ଘଟିଛି ପୁରୁଷୋତ୍ତମ ଦାସ କୃତ ଗଙ୍ଗା ମାହାତ୍ମ୍ୟ କାବ୍ୟରେ ।

ପୁରୁଷୋତ୍ତମ ଦାସଙ୍କ 'ଗଙ୍ଗା ମାହାତ୍ମ୍ୟ' କାବ୍ୟଟି ଷୋଡ଼ଶ ଶତାବ୍ଦୀର ରଚନା ବୋଲି କିଛି ସମାଲୋଚକ ମତ ଦେବାବେଳେ ଆଉ କିଛି ଏହାକୁ ସପ୍ତଦଶ ଶତାବ୍ଦୀର ରଚନା ବୋଲି ଗ୍ରହଣ କରିଛନ୍ତି । ତେବେ ପୁରୁଷୋତ୍ତମ ଦାସଙ୍କ କାଳ ନିରୂପଣକୁ ନେଇ ଅନେକ ଦ୍ୱନ୍ଦ୍ୱ ରହିଛି । ଓଡ଼ିଆ ସାହିତ୍ୟରେ କେତେଜଣ ପୁରୁଷୋତ୍ତମ ଦାସ ଥିଲେ ଏ ନେଇ ଗବେଷକ ମାନେ ଆଜିଯାଏ ନିଶ୍ଚିତ ହୋଇପାରି ନାହାନ୍ତି । 'ଗଙ୍ଗା ମାହାତ୍ମ୍ୟ', 'କାଞ୍ଚି କାବେରୀ', 'କାଞ୍ଜିଓଳା ବ୍ରତକଥା', 'ଦ୍ୱିତୀବାହାନ ଓଷା', 'ଗୋପୀପ୍ରେମ ପ୍ରକାଶ', 'ଦ୍ୱାରକା ରାହସ' ପରି ଭିନ୍ନ ଭିନ୍ନ ସମୟରେ ରଚିତ ବହୁ କାବ୍ୟକବିତାର କବିମାନେ ପୁରୁଷୋତ୍ତମ ଦାସ ନାମଧାରୀ ଅଟନ୍ତି । ତେବେ 'କାଞ୍ଚିକାବେରୀ' କାବ୍ୟର ରଚୟିତା ପୁରସ୍ତମ ଦାସ ଓ 'ଗଙ୍ଗା ମାହାତ୍ମ୍ୟ'ର କବି ପୁରୁଷୋତ୍ତମ ଦାସ ଜଣେ ବୋଲି ଆଲୋଚକ ସୁରେନ୍ଦ୍ର ମହାନ୍ତି ଦାବି କରିଛନ୍ତି ଓ ପରବର୍ତ୍ତୀ ସମୟର ଅନେକ ସମାଲୋଚକ ଏହି ମତଟିକୁ ଗ୍ରହଣ କରି ନେଇଛନ୍ତି । ତେବେ କାଞ୍ଚିକାବେରୀର କବି ନିଜର ନାମ ପୁରୋସ୍ତମ ଦାସ ବୋଲି ଦର୍ଶାଇଥିଲା ବେଳେ ଗଙ୍ଗା ମାହାତ୍ମ୍ୟର କବି ନିଜକୁ ପୁରୁଷୋତ୍ତମ ଦାସ ବୋଲି ଚିହ୍ନିତ କରିଛନ୍ତି । ଏହାଛଡ଼ା କାଞ୍ଚିକାବେରୀରେ ଭଣିତା ଅଛି ଯେ– "ବରୁଣ ଦାସ ନାତି ମୁଁ ଭାଗୀରଥୀ ଶିଷ୍ୟ" ଅର୍ଥାତ୍ ପୁରସ୍ତମ ଦାସଙ୍କ ପିତାମହଙ୍କ ନାମ ବରୁଣ ଦାସ ଓ ପିତାଙ୍କ ନାମ ଭାଗୀରଥି; ଧର୍ମଗ୍ରନ୍ଥ ଷ୍ଟୋର ଦ୍ୱାରା ମୁଦ୍ରିତ ହୋଇ ଗଙ୍ଗା ମାହାତ୍ମ୍ୟର ଯେଉଁ ବହିଟି ଏବେ ବଜାରରେ ଉପଲବ୍ଧ ଅଛି ସେଥିରେ କବି ନିଜର ବଂଶ ପରିଚୟ ଦେଇ କହିଛନ୍ତି–

"ମଧୁକୈଟଭ କୁଳେ ଜନ୍ମ
କୁଶଳ ଉପୁଳୀ ଗୋପୀଜନ ।
ଶ୍ରୀରାମ ଦାସ ମୋର ତାତ
ଅମ୍ବିକା ଦେଈ ମୋର ମାତ ।"

କାଞ୍ଚିକାବେରୀର ଭାଷା ଓ ଗଙ୍ଗା ମାହାତ୍ମ୍ୟର ଭାଷାରେ ମଧ୍ୟ ଅନେକ ପାର୍ଥକ୍ୟ ପରିଲକ୍ଷିତ । ଭାଷା ବିନ୍ୟାସରେ ଗଙ୍ଗା ମାହାତ୍ମ୍ୟର କବି କାଞ୍ଚିକାବେରୀର ପୁରୋସ୍ତମ ଦାସଙ୍କ ଠାରୁ ଯଥେଷ୍ଟ ପ୍ରାଚୀନ ମନେ ହୁଅନ୍ତି । ତେଣୁ ପୁରସ୍ତମ ଦାସ ଓ ପୁରୁଷୋତ୍ତମ ଦାସ ଜଣେ କି ଭିନ୍ନ ଦୁଇଜଣ ଏହା ଗବେଷଣା ସାପେକ୍ଷ ।

'ଗଙ୍ଗା ମାହାତ୍ମ୍ୟ'ର ବିଷୟ ବିନ୍ୟାସ ପାଇଁ କବି 'ରାମାୟଣ' ଓ 'ସାରଳା ମହାଭାରତ'ର ବନପର୍ବରେ ଥିବା ଗଙ୍ଗା ଅବତରଣ କାହାଣୀଟି ଉପରେ ନିର୍ଭର କରିଥିବାର ଜଣାଯାଏ । 'ଗଙ୍ଗା ମାହାତ୍ମ୍ୟ'ରେ ମଧ୍ୟ ପଶା କ୍ରୀଡ଼ାରେ ରାଜ୍ୟ ହରାଇ ବନବାସ ବରଣ କରିଥିବା ପଞ୍ଚୁପାଣ୍ଡବଙ୍କୁ ମାର୍କଣ୍ଡ ମୁନି ଗଙ୍ଗା ମାହାତ୍ମ୍ୟ ଶୁଣାଇଛନ୍ତି । ଯୁଧିଷ୍ଠିର ଓ ମାର୍କଣ୍ଡଙ୍କ କଥୋପକଥନରେ କାବ୍ୟଟିର ବିଷୟ ଗତିଶୀଳ । ନବାକ୍ଷର ବୃତ୍ତରେ ରଚିତ ଏହି କାବ୍ୟଟି ସମୁଦାୟ ପଚିଶଟି ଭାଗରେ ବିଭକ୍ତ ଓ ଏହାର ପ୍ରତ୍ୟେକ ଭାଗକୁ ମାହାତ୍ମ୍ୟ ବୋଲି ଚିହ୍ନିତ କରାଯାଇଛି । ଏହି କାବ୍ୟଟିର ପଞ୍ଚମ ଓ ଷଷ୍ଠ ମାହାତ୍ମ୍ୟରେ ଭଗୀରଥ ଜନ୍ମ ପ୍ରସଙ୍ଗରେ ଉଲ୍ଲେଖ ରହିଛି ।

ସାରଳା ଦାସଙ୍କ ମହାଭାରତରେ ଥିବା ଗଙ୍ଗା ଅବତରଣ କାହାଣୀ ଠାରୁ 'ଗଙ୍ଗା ମାହାତ୍ମ୍ୟ'ର ବିଷୟବସ୍ତୁ ଯଥେଷ୍ଟ ମାର୍ଜିତ ଓ ସୁଖପାଠ୍ୟ । ସାରଳା ମହାଭାରତରେ ସଗର ବଂଶର ବଂଶାନୁକ୍ରମ ରକ୍ଷା ହୋଇପାରି ନାହିଁ । ସଗରଙ୍କର ଷାଠିଏ ସହସ୍ର ପୁତ୍ରଙ୍କର ଷାଠିଏ ସହସ୍ର ପତ୍ନୀମାନଙ୍କ ଔରସୁ ଭଗୀରଥର ଜନ୍ମ ବୋଲି ସାରଳା ଲେଖିଥିବା ବେଳେ ପୁରୁଷୋତ୍ତମ ଦାସ ସୂର୍ଯ୍ୟବଂଶର ସଠିକ୍ କ୍ରମ ଦର୍ଶାଇଛନ୍ତି । ସଗର ପୁତ୍ର ଅଂଶୁମାନ, ଅଂଶୁମାନ

ପୁତ୍ର ଦିଲୀପ ଓ ଦିଲୀପଙ୍କ ପୁତ୍ର (ଦୁଇ ନାରୀଙ୍କ ଔରସ ଜାତ) ଭଗୀରଥ ବୋଲି 'ଗଙ୍ଗା ମାହାତ୍ମ୍ୟ'ରେ ଉଲ୍ଲେଖ ଅଛି । ସେହିପରି ବିଷୟଟିର ପ୍ରାସଙ୍ଗିକତା ଦୃଷ୍ଟିରୁ ପୁରୁଷୋତ୍ତମ ଦାସଙ୍କ କାବ୍ୟଟି ବେଶି ହୃଦ୍ୟ ଓ ଯଥାଯଥ ମନେହୁଏ ।

ରାଜା ସଗରଙ୍କ ଅଶ୍ୱମେଧ ଯଜ୍ଞର ଅଶ୍ୱକୁ ଇନ୍ଦ୍ର ଗୋପନରେ ନେଇ ପୂର୍ବତଟ ସମୁଦ୍ରକୂଳରେ ଥିବା ମହର୍ଷି କପିଳଙ୍କ ଆଶ୍ରମରେ ବାନ୍ଧିଦେଇ ଆସନ୍ତି । ସଗରଙ୍କ ପୁତ୍ରମାନେ ଯଜ୍ଞ ଅଶ୍ୱଟିକୁ ଖୋଜି ଖୋଜି କପିଳ ମୁନିଙ୍କ ଆଶ୍ରମରେ ପହଞ୍ଚନ୍ତି ଓ ଧ୍ୟାନବସ୍ଥାରେ ଥିବା କପିଳ ମୁନିଙ୍କୁ ଅଶ୍ୱ ଚୋର ବୋଲି ଭାବି ନାନା ଭର୍ତ୍ସନା କରନ୍ତି । ଫଳରେ କ୍ରୋଧିତ କପିଳ ମୁନି ସମଗ୍ର ସଗର ବଂଶକୁ ଜୀବନ୍ତ ଅନଳରେ ଦଗ୍ଧ ହେବାର ଅଭିଶାପ ଦିଅନ୍ତି ।

"କପିଳ ଶାପ କୋପାନଳ
ଦହଇ ସୂର୍ଯ୍ୟବଂଶ କୂଳ ।
ପୂର୍ବ ସମୁଦ୍ର ସିନ୍ଧୁ ତଟେ
ଦହନ ହୋନ୍ତି ହିଙ୍ଗୁଳାଟେ ।
ଭସ୍ମ ନୁହନ୍ତି ନ ମରନ୍ତି
ଉଠନ୍ତି ଅଗ୍ନିରେ ପଡ଼ନ୍ତି ।"

ସଗର ସମେତ ଷାଠିଏ ସହସ୍ର ପୁତ୍ର ମହର୍ଷି କପିଳଙ୍କର ଅଭିଶାପରେ ଅନଳରେ ଦଗ୍ଧ ହୁଅନ୍ତେ ସଗରଙ୍କ ଅନ୍ୟ ଏକ ପୁତ୍ର ଅଂଶୁମାନ ନିଜର ପିତୃ କୁଳକୁ ଅନଳରୁ ଉଦ୍ଧାର କରିବା ପାଇଁ କପିଳ ମୁନିଙ୍କୁ ପ୍ରାର୍ଥନା କରନ୍ତି । କପିଳ ମୁନି ଅଂଶୁମାନଙ୍କ ତପସ୍ୟାରେ ସଫଳ ହୋଇ ପିତୃକୁଳକୁ ଉଦ୍ଧାର କରିବାର ଉପାୟ କହନ୍ତି– ଭବିଷ୍ୟତରେ ତୁମ ବଂଶରେ ଭଗୀରଥ ନାମରେ ଜଣେ ପୁତ୍ର ଜନ୍ମ ହେବ ଓ ସେହି ପୁତ୍ର ସ୍ୱର୍ଗରୁ ଗଙ୍ଗାକୁ ପୃଥିବୀ ପୃଷ୍ଠକୁ ଆଣିବ ଏବଂ ଗଙ୍ଗାଙ୍କ ପବିତ୍ର ଜଳରେ ସଗର ବଂଶର ଉଦ୍ଧାର ହୋଇପାରିବେ । ପରେ ରାଜା ଅଂଶୁମାନଙ୍କର ଦିଲୀପ ନାମରେ ଏକ ପୁତ୍ର ଜାତ ହୁଏ । ଘଟଣାକ୍ରମେ ଦିଲୀପ ଅଯୋଧ୍ୟାର ରାଜା ହୁଅନ୍ତି ଓ ଭଦ୍ରା, ସୁଭଦ୍ରା ନାମରେ ଦୁଇ ରାଣୀଙ୍କୁ ବିବାହ କରନ୍ତି । ପିତୃଗଣଙ୍କୁ ଉଦ୍ଧାର କରି ନ ପାରିବାର ଚିନ୍ତାରେ ରାଜା ସର୍ବଦା ଉଦାସୀନ ରହୁଥାନ୍ତି । ଦିନେ ହଠାତ୍ ପାତ୍ର ମନ୍ତ୍ରୀଙ୍କ ହତାରେ ରାଜ୍ୟ ଭାର ଅର୍ପଣ କରି ସେ ରାଜ୍ୟ ତ୍ୟାଗ କରନ୍ତି ଓ ଯାଇ ପିତୃକୁଳ ଦହନ ହେଉଥିବା ଅଗ୍ନି ମଧ୍ୟକୁ ଆତ୍ମାହୁତି ଦିଅନ୍ତି । ଏପଟେ ଦିଲୀପଙ୍କର ଦୁଇ ରାଣୀ ଭଦ୍ରା ଓ ସୁଭଦ୍ରା ସ୍ୱାମୀଙ୍କ ବିରହରେ କାଳାତିପାତ କରିବାକୁ ଲାଗନ୍ତି । ଦିନେ ଦୁଇ ରାଣୀ ସରଯୁ ନଦୀରୁ ସ୍ନାନ କରି ଫେରିବା ସମୟରେ ଅରଣ୍ୟ ମଧ୍ୟରେ ପରସ୍ପର ପ୍ରତି କାମାସକ୍ତ ହୁଅନ୍ତି ଓ ପରସ୍ପରକୁ ରମଣ କରିବାରେ ଲାଗନ୍ତି ।

"ଅପୂର୍ବ ବନର ମହିମା
ମୁଖେ କେ କହିପାରେ ସୀମା ।
କରନ୍ତି ପକ୍ଷୀ କୋଳାହଳ
ଭ୍ରମର କୋକିଳ ମୟୂର ।
ଅଦ୍ଭୁତ ବହଇ ବସନ୍ତ
କାମିନୀ ଦୁହେଁ ଯେ ଭସତା ।
କୁହୁ ଶବଦ ବାଣୀ ଶୁଣି
ମଦନେ ମଜ୍ଜିଲେ ତରୁଣୀ ।
ହା ରାଜା ବୋଲି ଡାକ ଦେଲେ
ସତ୍ୱରେ ଭୂମିରେ ପଡ଼ିଲେ ।
ମଦନେ ଉନ୍ମତ୍ତ ହୋଇଲେ
ରାତ୍ର ଦିବସ ନ ଜାଣିଲେ ।
ଦୁହେଁ ଭୂମିରେ ଗଡ଼ାଗଡ଼ି
କର ଚରଣ ହୃଦେ ତାଡ଼ି ।
ମୁଖକୁ ମୁଖ ଚୁମ୍ବଦାନ
ଉନ୍ମତ୍ତେ ଉଛୁଳେ ମଦନ ।"

ଦୁଇ ରାଣୀଙ୍କ ପରସ୍ପର ରମଣରୁ ସ୍ଖଳିତ ରଜ ଏକାକାର ହୋଇ ବିଷ୍ଣୁଙ୍କ ମାୟା ଶକ୍ତିରେ ଜୀବନ୍ୟାସ ପାଏ ଓ ଏକ ମାନବ ଶିଶୁରେ ପରିଣତ ହୁଏ । ପରବର୍ତ୍ତୀ ସମୟରେ ମୁନି ଅଷ୍ଟବକ୍ର ସେହି ପୁତ୍ରର ଭଗୀରଥ ବୋଲି ନାମକରଣ କରନ୍ତି ।

"ସୁଦୟା ଚିତ୍ତେ ମୁନିବର
ପୁତ୍ରକୁ ଧଇଲେ କୋଳର ।
ଭଗ ବେନିରୁ ହେଲୁ ଜାତ
ତୋ ନାମ ହେଉ ଭଗୀରଥ ।"

ପ୍ରାଚୀନ ଭାରତୀୟ ସୃଷ୍ଟି ତତ୍ତ୍ୱରେ ଓ ଚିକିତ୍ସା ଶାସ୍ତ୍ର ଗୁଡ଼ିକରେ ମଧ୍ୟ ଏହିପରି ଏକ ବିଶ୍ୱାସ ରହିଥିଲା ଯେ, ପିତାର / ପୁରୁଷର ବୀର୍ଯ୍ୟ ଓ ମାତାର / ନାରୀର ରଜର ସମ୍ମିଶ୍ରଣରୁ ହିଁ ସନ୍ତାନଟିଏର ଶରୀର ଗଠନ ସମ୍ଭବ ହୋଇଥାଏ । ପୁରୁଷର ବୀର୍ଯ୍ୟରୁ ହାଡ଼ ଓ ନାରୀର ରଜରୁ ରକ୍ତ ଓ ମାଂସ ତିଆରି ହୁଏ ବୋଲି ସୁଶ୍ରୁତ ସଂହିତାରେ ମଧ୍ୟ ଏହା ଉଲ୍ଲେଖ ରହିଛି । ତେଣୁ କେବଳ

ଭଗ ଦ୍ୱୟରୁ ସନ୍ତାନଟିର ଜନ୍ମ ହୋଇଥିବାରୁ ତାହା ଦେହରେ କୌଣସି ଅସ୍ଥି / ହାଡ଼ ନଥିବାର କଥା ସାରଳା ଦାସ ଉଲ୍ଲେଖ କରିଛନ୍ତି ।

"ପିତାର ବୀର୍ଯ୍ୟେ ଅସ୍ଥି ମାତାର ରଜ ମାଂସ
ରଜ ବୀର୍ଯ୍ୟେ ପୁତ୍ରେ ହୁଅନ୍ତି ସ୍ୱରୂପ ପ୍ରକାଶ ।
ବୀର୍ଯ୍ୟ ନଥାଇଂ ସେ କୁମର ରଜୁଂ ଉତପତ୍ତି
ଉଭା ହୋଇ ନୁଆରଇ ସେ ପଡ଼ିଅଛି ଅଣ ମୂରତି ।"

ପୁରୁଷୋତ୍ତମ ଦାସ ମଧ୍ୟ ଅନୁରୂପ ନ୍ୟାୟ ଦେଇଛନ୍ତି ନିଜର କାହାଣୀଟିକୁ । ତେବେ ଏହି ପରିକଳ୍ପନାଟିକୁ ଉଭୟ ସାରଳା ଓ ପୁରୁଷୋତ୍ତମ ତତ୍କାଳୀନ ଜୀବତତ୍ତ୍ୱ ସହ ଯୋଡ଼ି ଦେଇଛନ୍ତି । ଯାହା ବର୍ତ୍ତମାନ ଆମକୁ ଅବୈଜ୍ଞାନିକ ମନେ ହେଲେ ହେଁ ସେତେବେଳର ପୃଷ୍ଠଭୂମିରେ ବାସ୍ତବତାର ଆଭାସ ଦେଉଥିବ ନିଶ୍ଚୟ । ଗଙ୍ଗା ମହାତ୍ମ୍ୟରେ ଯୁଧିଷ୍ଠିର ବିନା ପୁରୁଷର ସଂସର୍ଗରେ ନାରୀ ନାରୀ ରମଣରୁ ଏହି ବିଚିତ୍ର ସନ୍ତାନଟିର ଜନ୍ମ ନେଇ ପ୍ରଶ୍ନ କରନ୍ତେ ମାର୍କଣ୍ଡ ମୁନି କହିଛନ୍ତି-

"ତୁ ଯାହା ପଚାରିଲୁ ମୋତେ
କହଇ ଶୁଣ ଏକ ଚିତ୍ତେ ।
ସେ ସାମବେଦ ଆଦିକାଣ୍ଡ
ବିଷ୍ଣୁ ନିର୍ମିତ ଏ ବ୍ରହ୍ମାଣ୍ଡ ।
ଏ ବ୍ରହ୍ମ ଶଇଳ ଭିତର
ଯାହା ସୃଜିଲା ବେଦବର ।
ପିତାର ବୀର୍ଯ୍ୟ ମାତା ରଜ
ଦୁଇରୁ ଜନମେ ତନୁଜ ।
ପବନ ବଳେ ସଞ୍ଚରଇ
ଏମନ୍ତେ ଜନମ ହୁଅଇ ।"

ତେଣୁ ବିନା ବୀର୍ଯ୍ୟରେ ଜନ୍ମଲାଭ କରିଥିବା ବାଳକ ଭଗୀରଥଙ୍କ ଦେହରେ ଅସ୍ଥି ନଥିବାରୁ ସେ ସରୀସୃପ ପ୍ରାୟ ଘୋଷାରି ହୋଇ ଚାଲନ୍ତି । ଏକଦା ଋଷି ଅଷ୍ଟବକ୍ର (ତାଙ୍କ ଦେହରେ ଆଠଟି ବାଙ୍କ ଥିବାରୁ / ଶାରୀରିକ ବିକଳାଙ୍ଗ ଯୋଗୁ ଏହିପରି ନାମକରଣ ହୋଇଛି) ଅଯୋଧ୍ୟାର ରାଜପୁରକୁ ଆସିଥିବା ବେଳେ ଏହି ଅସ୍ଥିହୀନ ବାଳକଟିର ଏପରି ଅଙ୍ଗଭଙ୍ଗୀ ଦେଖି ବାଳକଟି ତାଙ୍କୁ ପରିହାସ କରୁଛି ବୋଲି ମନେ କରନ୍ତି । ତେଣୁ ସେ ବାଳକଟିର ଉଦ୍ଦେଶ୍ୟରେ କହନ୍ତି- ଯଦି ତୁ ମୋତେ ପରିହାସ କରୁଥାଉ ତେବେ ଏହି କ୍ଷଣି ଭସ୍ମ ହୋଇଯା, ଯଦି ତୋର ବାସ୍ତବ ରୂପଟି ଏହିପରି ତେବେ ଏକ ସୁସ୍ଥ ସ୍ୱରୂପ ଲାଭ କର । ମୁନିଙ୍କ ମହିମାରେ ଭଗୀରଥ ଅସ୍ଥିଯୁକ୍ତ ହୋଇ ଏକ ସ୍ୱାଭାବିକ ଶରୀର ଲାଭ କରନ୍ତି । ଏହି ଭଗୀରଥ କିଭଳି ସାଧନା କରି ଗଙ୍ଗାଙ୍କୁ ମର୍ତ୍ତ୍ୟକୁ ଆଣିବାକୁ ସକ୍ଷମ ହେଲେ ଓ ନିଜର ପିତୃକୁଳ ଉଦ୍ଧାର କଲେ ତାହାକୁ କେନ୍ଦ୍ର କରି କାବ୍ୟଟିର କଥାବସ୍ତୁ ଗତିଶୀଳ ।

ଏଠାରେ ଲକ୍ଷ୍ୟ କରିବାର କଥା ଯେ, ସାରଳା ଦାସଙ୍କ ଦ୍ୱାରା ଲିଖିତ ନାରୀ ସମକାମୀତାର କାହାଣୀକୁ ପୁନଃ ନିଜ କାବ୍ୟର କଥାବସ୍ତୁରେ ସ୍ଥାନ ଦେବାରେ ଓ ତାହାକୁ ସ୍ୱ-ମୌଳିକତାରେ ପ୍ରତିଷ୍ଠା କରିବାରେ ପୁରୁଷୋତ୍ତମ ଦାସ କିଭଳି ସଫଳ ହୋଇପାରିଛନ୍ତି । ପୁରୁଷୋତ୍ତମ ଦାସ ଚାହିଁଥିଲେ ଏହି କାହାଣୀଟିକୁ ବର୍ଜନ କରିପାରିଥାନ୍ତେ, ମାତ୍ର ତାହା କରି ନାହାନ୍ତି । ହୁଏତ ଏ କାହାଣୀଟି ତତ୍କାଳୀନ ଉତ୍କଳୀୟ ଜନାଦୃତି ଲାଭ କରିବାରେ ସକ୍ଷମ ହୋଇପାରିଛି ଓ ପାଠକୀୟ ଗ୍ରହଣଶୀଳତାକୁ ଦୃଷ୍ଟିରେ ରଖି ପୁରୁଷୋତ୍ତମ ଦାସ ସରଳାଙ୍କ ଦୀର୍ଘ ଦଶନ୍ଧି ପରେ ପୁନଃ ନାରୀ ସମକାମୀତାର ଚିତ୍ରଟିଏ ନିଜ କାବ୍ୟରେ ରୂପ ଦେବାରେ କୁଣ୍ଠାବୋଧ କରିନାହାନ୍ତି ।

ଗଙ୍ଗା ମାହାତ୍ମ୍ୟ ହେଉ କି ସାରଳା ମହାଭାରତ, ଉଭୟ କାବ୍ୟରେ ଥିବା ଭାଗୀରଥ କାହାଣୀ ମୌଳିକ ଓ ଏକ ଅପର ଠାରୁ ସ୍ୱତନ୍ତ୍ର ମଧ୍ୟ । ଦୁଇଜଣ ଉତ୍କଳୀୟ କବି ଏକ ଶତାବ୍ଦୀ ବ୍ୟାପି ଦୂରତାରେ ରହି ନିଜ ନିଜ ରଚନାରେ ଯେଉଁ ପରିବ୍ୟାପ୍ତ ଚେତନାର ପରିଚୟ ଦେଇଛନ୍ତି ତାହା ପ୍ରଶଂସନୀୟ । ଭାରତୀୟ ସାହିତ୍ୟରେ ନାରୀ ସମକାମୀତାର ଆଦ୍ୟ ପ୍ରବାହ ଯେ ଓଡ଼ିଆ ସାହିତ୍ୟରୁ ଘଟିଥିଲା ଏଥିରେ ସନ୍ଦେହର ଅବକାଶ ନାହିଁ । କେବଳ ସମକାମୀ ପ୍ରେମ ଚେତନା କାହିଁକି, ଆମ ଉତ୍କଳୀୟ ସାହିତ୍ୟ, ସଂସ୍କୃତି, ଧର୍ମଧାରା ଯେ ଏହିପରି କେତେ କେତେ ନବଚେତନାର ଏନ୍ତୁଡ଼ିଶାଳ ତାହା ବାରମ୍ବାର ପ୍ରମାଣିତ ହୋଇଆସିଛି ।

ଗବେଷକ, ଓଡ଼ିଆ ବିଭାଗ
ବିଶ୍ୱଭାରତୀ, ଶାନ୍ତିନିକେତନ

ISSN -2583-147X(P), Vol.- 8, Issue No. IX, December 2022
Bastabatara Pariprakash Prachee
*Peer Reviewed and Referred Research Journal*

# ମହାପାତ୍ର ନୀଳମଣି ସାହୁଙ୍କ ଉପନ୍ୟାସ ଜଗତ

ଜ୍ଞାନୀ ଦେବାଶିଷ ମିଶ୍ର

॥ ୧ ॥

ମହାପାତ୍ର ନୀଳମଣି ସାହୁ (୨୨ ଡିସେମ୍ବର ୧୯୨୬ – ୨୫ ଜୁନ୍ ୨୦୧୬) ଓଡ଼ିଆ କଥାସାହିତ୍ୟର ଏକ ପରିଚିତ ତଥା ଶ୍ରଦ୍ଧାଶୀଳ ଉଚ୍ଚାରଣ । ତାଙ୍କର କୋଡ଼ିଏଟି ଗଳ୍ପ ସଂକଳନ ପ୍ରକାଶିତ । ଏତଦ୍ ଭିନ୍ନ ସେ ପ୍ରବନ୍ଧ, ଆଲୋଚନା, ରମ୍ୟରଚନା, ଶିଶୁ ସାହିତ୍ୟ, ଅନୁବାଦ, ସଙ୍କଳନ ଓ ସମ୍ପାଦନା କ୍ଷେତ୍ରରେ ସ୍ୱକୀୟ ପଦଚିହ୍ନ ଛାଡ଼ିଯାଇଛନ୍ତି । ମହାପାତ୍ର ନୀଳମଣି ସାହୁଙ୍କ 'ଧରା ଓ ଧାରା' (୧୯୬୨), 'ତାମସୀ ରାଧା' (୧୯୬୪) ନାମରେ ଦୁଇଟି ମାତ୍ର ଉପନ୍ୟାସ ପ୍ରକାଶିତ । ବହିଦୁଇଟିର ପ୍ରକାଶନ ବେଳକୁ ଶ୍ରୀଯୁକ୍ତ ସାହୁଙ୍କର 'ପ୍ରେମ ଓ ତ୍ରିଭୂଜ' (୧୯୫୨), 'ମିଛ ବାଘ' (୧୯୫୫), 'ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରାଃ' (୧୯୫୭), 'ଗଞ୍ଜେଇ ଓ ଗବେଷଣା' (୧୯୬୧), 'ସୁମିତ୍ରାର ହସ' (୧୯୬୧), 'ଏକ ଭୌତିକ ରଜନୀର ଟ୍ରାଜେଡି' (୧୯୬୨), 'କପୋତ ପକ୍ଷୀ ଗୁରୁ ମୋର'(୧୯୬୩) ଓ ଶିଶୁ ସାହିତ୍ୟ ସଂକଳନ 'ପ୍ରତିଭାର ଜୟଯାତ୍ରା'(୧୯୫୬) ପ୍ରକାଶିତ । ଅର୍ଥାତ୍ ଏତେବେଳକୁ ଗଳ୍ପଜଗତରେ ସେ ଜଣେ ପରିଚିତ ଓ ସ୍ୱୀକୃତିପ୍ରାପ୍ତ ଶିଳ୍ପୀ । ପୁନଶ୍ଚ ଝଙ୍କାର ଓ ପ୍ରଜାତନ୍ତ୍ର ସହ ସଂପୃକ୍ତ ହୋଇ ଓଡ଼ିଆ ସାହିତ୍ୟର ବୁଦ୍ଧିଜିବୀ ମହଲରେ ମଧ୍ୟ ସ୍ୱୀକୃତ ହୋଇସାରିଲେଣି ।

ଶ୍ରୀଯୁକ୍ତ ସାହୁଙ୍କର ଜନ୍ମ ଅବିଭକ୍ତ କଟକ ଜିଲ୍ଲାର ନିଆଳି ଗ୍ରାମରେ । ପିତା ମହେଶ୍ୱର ମହାପାତ୍ର ଓ ମାତା ରଙ୍ଗଲତା ଦେବୀ । ପାଳକ ପିତାମାତା ହେଉଛନ୍ତି ବୀରବର ସାହୁ ଓ ରାଧିକା ଦେବୀ । ନିଆଳି ମାଇନର ସ୍କୁଲ୍ ଓ ଭିଙ୍ଗାରପୁର ବକ୍ରେଶ୍ୱର ହାଇସ୍କୁଲରେ ପାଠପଢ଼ା ପରେ ସେ ରେଭେନ୍ସା ମହାବିଦ୍ୟାଳୟରୁ ଆଇ.ଏ, ବି.ଏ. ଓ ସ୍ନାତକୋତ୍ତର ଓଡ଼ିଆ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୁଅନ୍ତି ।

୧୯୪୬ ମସିହାରେ ରେଭେନ୍ସା ମହାବିଦ୍ୟାଳୟରେ ଓଡ଼ିଆ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ ହୁଏ । ୧୯୪୮–୪୯ ଶିକ୍ଷାବର୍ଷରେ ମହାପାତ୍ର ନୀଳମଣି ସାହୁ ଓଡ଼ିଆ ସ୍ନାତକୋତ୍ତର ଶିକ୍ଷାରେ ଯୋଗଦିଅନ୍ତି । ସେତେବେଳକୁ ଅବସର ନେବାପରେ ମଧ୍ୟ ଓଡ଼ିଆ ବିଭାଗ ସହ ଆର୍ତ୍ତବଲ୍ଲଭ ମହାନ୍ତି ଜଡ଼ିତ ଥାଆନ୍ତି । ପ୍ରାଚୀ ସମିତିର ପ୍ରଭାବ ମଉଳି ଆସିଥିଲେ ମଧ୍ୟ ଆର୍ତ୍ତବଲ୍ଲଭଙ୍କ ପ୍ରତିଭା ଓ ବ୍ୟକ୍ତିତ୍ୱ ଅତ୍ୟନ୍ତ ଉଜ୍ଜ୍ୱଳ ମନେହେଉଥାଏ । ଏହି ସମୟରେ ବିଚ୍ଛନ୍ଦଚରଣ ପଟ୍ଟନାୟକଙ୍କ 'କଳିଙ୍ଗ ଭାରତୀ'ର ଭଞ୍ଜ ସାହିତ୍ୟ ପରିଚର୍ଚ୍ଚା ମଧ୍ୟ ଚର୍ଚ୍ଚାର ପରିସର ତିଆରିଥାଏ । ଶ୍ରୀଯୁକ୍ତ ସାହୁ ଏହି ଉଭୟ ଅନୁଷ୍ଠାନର ପ୍ରେରଣା ସମେତ ସାଂସ୍କୃତିକ ପ୍ରାଣକେନ୍ଦ୍ର କଟକ ସହରରେ ସ୍ୱାଧୀନତା ସଂଗ୍ରାମକାଳୀନ ରାଜନୀତିକ ଉଷ୍ମତାକୁ ମଧ୍ୟ ଅନୁଭବ କରିଛନ୍ତି ।

୧୯୫୨ ମସିହାରେ ପ୍ରସନ୍ନ କୁମାରୀ ଦେବୀଙ୍କ ସହିତ ମହାପାତ୍ର ନୀଳମଣି ସାହୁଙ୍କର ବିବାହ ହୁଏ । ୧୯୫୩ ମସିହାରେ ଓଡ଼ିଆ ଅଧ୍ୟାପକ ଭାବେ ମହାପାତ୍ର ନୀଳମଣି ସାହୁ ଭଦ୍ରକ ମହାବିଦ୍ୟାଳୟରେ ଯୋଗଦିଅନ୍ତି । ୧୯୫୬ ମସିହା ବେଳକୁ ପ୍ରସନ୍ନ କୁମାରୀ ଯକ୍ଷ୍ମା ରୋଗର ଶିକାର ହୁଅନ୍ତି । ୧୯୫୮ ମସିହା ଜାନୁଆରୀ ତିନି ତାରିଖରେ ମହାପାତ୍ର ନୀଳମଣି ସାହୁଙ୍କ ବଦଳି ପାରଳାଖେମୁଣ୍ଡି ମହାବିଦ୍ୟାଳୟକୁ ହୁଏ । ସେହି ସମୟରେ ରଣପୁରର ରାଣୀ ତଥା ବିଧାୟିକା ବସନ୍ତମଞ୍ଜରୀ ଦେବୀଙ୍କ ଉଦ୍ୟମରେ ଚାନ୍ଦିପୁର ଠାରେ ଥିବା ରାଜଉଆସରେ ଏକ ଯକ୍ଷ୍ମା ଚିକିତ୍ସାଳୟର ଶୁଭାରମ୍ଭ ପାଇଁ ପ୍ରୟାସ କରୁଥାନ୍ତି । ଯକ୍ଷ୍ମାନିବାସଟି ୧୯୫୮ ମସିହା ଫେବୃଆରୀ ମାସରେ ଆରମ୍ଭ ହୁଏ । ମହାପାତ୍ର ନୀଳମଣି ସାହୁ ସେଠାରେ ପତ୍ନୀଙ୍କୁ ଚିକିତ୍ସା ପାଇଁ ରଖି ନିଜେ ପାରଳାଖେମୁଣ୍ଡିରେ ଅବସ୍ଥାନ କରିବାକୁ ବାଧ୍ୟ ହୁଅନ୍ତି ।

ପାରଳାଖେମୁଣ୍ଡିରେ ରହଣି ଭିତରେ ତେଲୁଗୁ-ଓଡ଼ିଆ ଭାଷାର ବିବାଦ, ଭଞ୍ଜ ସାହିତ୍ୟର ପରିଚର୍ଚ୍ଚା, ପାରଳାଖେମୁଣ୍ଡିର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସୁଷମା, ରମାକାନ୍ତ ରଥ, ଶାନ୍ତନୁ କୁମାର

ଆଚାର୍ଯ୍ୟ ଓ ଶରତ କୁମାର ମହାନ୍ତିଙ୍କ ଭଳି ବ୍ୟକ୍ତିତ୍ୱଙ୍କ ସାନିଧ ଶ୍ରୀଯୁକ୍ତ ସାହୁଙ୍କ ଜୀବନର କଷ୍ଟକୁ କିଛି ମାତ୍ରାରେ ଲାଘବ କରେ । ୧୯୬୧ ମସିହାବେଳକୁ ମହାପାତ୍ର ନୀଳମଣି ସାହୁ ପାରଳାରୁ ବଦଳି ହୋଇ ବାରିପଦା ମହାବିଦ୍ୟାଳୟରେ ଯୋଗଦିଅନ୍ତି ।

ପାଠକୀୟ ଶ୍ରଦ୍ଧା ଓ ସ୍ୱୀକୃତି ପାଇସାରିଥିବା ସମୟରେ ତଥା ବ୍ୟକ୍ତିଗତ ଜୀବନରେ ସାମ୍ନା କରୁଥିବା ଏଇ ଅସହାୟ ମୁହୂର୍ତ୍ତମାନଙ୍କୁ ନେଇ ଗତି କରୁଥିବାବେଳେ ହିଁ ତାଙ୍କର ଉପନ୍ୟାସ ଦୁଇଟି ପ୍ରକାଶ ପାଏ । ଏହି ଆଲୋଚନାରେ ଔପନ୍ୟାସିକ ମହାପାତ୍ର ନୀଳମଣିଙ୍କ କଥାଜଗତର ଆକଳନ ନିମିତ୍ତ ପ୍ରୟାସ କରାଯାଇଛି । ଆଲୋଚନା ନିମିତ୍ତ 'ଧରା ଓ ଧାରା'ର ଦ୍ୱିତୀୟ ସଂସ୍କରଣ(ପିଡିଏଫ୍) ତଥା 'ତାମସୀରାଧା'ର ପଞ୍ଚମ ସଂସ୍କରଣ(ପୁସ୍ତକ)ରେ ଉପଲବ୍ଧ ପ୍ରକାଶକୀୟ ତଥ୍ୟକୁ ଗ୍ରହଣ କରାଯାଇଛି । ଯଦିଓ 'ଧରା ଓ ଧାରା' ୧୯୬୧ ମସିହାରେ ପ୍ରକାଶିତ ବୋଲି ପ୍ରାୟତଃ ସୂଚନା ଉପଲବ୍ଧ ମାତ୍ର ଦ୍ୱିତୀୟ ସଂସ୍କରଣରେ ଉପଲବ୍ଧ ତଥ୍ୟ ଅନୁସାରେ ଏ ଆଲୋଚକ ୧୯୬୨କୁ ଗ୍ରହଣ କରିଛି ।

**॥ ୨ ॥**

ମହାପାତ୍ର ନୀଳମଣି ସାହୁଙ୍କ 'ଧରା ଓ ଧାରା' ଉପନ୍ୟାସ ୧୯୬୨ ମସିହାରେ ଗ୍ରନ୍ଥ ମନ୍ଦିର ପ୍ରକାଶନୀ ସଂସ୍ଥା ଦ୍ୱାରା ପ୍ରକାଶ ପାଏ । ଏହି ସମୟବେଳକୁ ଶ୍ରୀଯୁକ୍ତ ସାହୁଙ୍କର ପତ୍ନୀ ଯକ୍ଷ୍ମା ରୋଗରୁ ମୁକ୍ତି ପାଇଗଲେଣି । ବହିର ମୁଖବନ୍ଧରୁ ଏହି ସମୟଭିତ୍ତିକ ଜୀବନଗତ ଅସହାୟତାର ଚିତ୍ର ଦେଖିବାକୁ ମିଳେ । ଔପନ୍ୟାସିକ ଉତ୍କଳର ଖ୍ୟାତନାମା କ୍ଷୟରୋଗ ବିଶେଷଜ୍ଞ ଡାକ୍ତର ଶ୍ରୀଯୁକ୍ତ ଶିବାଜୀଙ୍କ ସାହାଯ୍ୟ ପ୍ରସଙ୍ଗ ମନେପକେଇ କୁହନ୍ତି, "କେବଳ ମୋର ସ୍ତ୍ରୀ ନୁହଁନ୍ତି– ଏ ଦରିଦ୍ର ଦେଶର ଶତଶତ କ୍ଷୟରୋଗଗ୍ରସ୍ତ ହତଭାଗ୍ୟ ଓ ହତଭାଗିନୀମାନଙ୍କୁ ଆପଣ ନବଜୀବନର ସୌଭାଗ୍ୟ ନିତ୍ୟ ପ୍ରଦାନ କରୁଛନ୍ତି । ଆପଣଙ୍କର ସସ୍ନେହ କୋମଳ ସମ୍ବେଦନଶୀଳ ଓ ଆଶାପ୍ରଦ ବ୍ୟବହାର ଏବଂ ଚିକିତ୍ସା ବିଜ୍ଞାନରେ ଆପଣଙ୍କର ଅସାଧାରଣ ଧୈର୍ଯ୍ୟ, ସାହସ ଅଭିଜ୍ଞନିପୁଣତା ସ୍ମରଣ କରି କେବଳ ମୋର ନୁହେଁ– ଏ ଦେଶର ଶତଶତ ସ୍ୱାମୀ, ସ୍ତ୍ରୀ, ପୁତ୍ର, କନ୍ୟା ଓ ପିତାମାତା ଆପଣଙ୍କର ଶୁଭ ଉଦ୍ଦେଶ୍ୟରେ ନିତ୍ୟ ଈଶ୍ୱରଙ୍କ ନିକଟରେ ସେମାନଙ୍କର ବିନମ୍ର କୃତଜ୍ଞତା ନିବେଦନ କରୁଛନ୍ତି । ମୁଁ ମୋର ସ୍ତ୍ରୀଙ୍କୁ ଫେରିପାଇଛି । ମୋର ପିଲାମାନେ ତାଙ୍କର ମାଆଙ୍କୁ ଫେରିପାଇଛନ୍ତି । ଦୀର୍ଘ ତିନିବର୍ଷ କାଳ ଆପଣଙ୍କର ନିର୍ଭରଶୀଳ ଦାୟିତ୍ୱ ଭିତରେ ମୋର ସ୍ତ୍ରୀଙ୍କର ସଙ୍କଟାପନ୍ନ ଜୀବନକୁ ନିଶ୍ଚିନ୍ତ ଭାବେ ଛାଡ଼ିଦେଇ ମୁଁ ଏହି ଉପନ୍ୟାସଟି ଲେଖୁଥିଲି । ଆପଣ କବିରାଜ । ଦରିଦ୍ର କବିଟିର ଏହି ସାମାନ୍ୟତମ ଉପହାରଟି ଗ୍ରହଣକରି ବିଚାରାକୁ ଋଣମୁକ୍ତ କରନ୍ତୁ ।"(୧) ଏହି ଉତ୍ସର୍ଗରୁ ଲେଖକଙ୍କ ଅସହାୟ ପରିସ୍ଥିତି ଓ ମୁକ୍ତିର ଆନନ୍ଦ ଅନୁଭବ କରିହୁଏ ।

'ଧରା ଓ ଧାରା' ଉପନ୍ୟାସ ଡାକ୍ତର ହାଡ଼ିବନ୍ଧୁ ଚୌଧୁରୀ ଓ ଆର୍ତ୍ତବନ୍ଧୁ ମହାନ୍ତିଙ୍କ ବନ୍ଧୁତାଭିତ୍ତିକ ସଂପର୍କର କାହାଣୀ । ଆର୍ତ୍ତବନ୍ଧୁଙ୍କ ଇଚ୍ଛା ଚୌଧୁରୀଙ୍କ ପୁଅ ଜୟନ୍ତ ସହିତ ମୀରାର ବିବାହ । ନାୟକ ଜୟନ୍ତ କିନ୍ତୁ ନାୟିକା ଉମା ପ୍ରତି ଆସକ୍ତ । ଅବଶ୍ୟ ଏହି ସମ୍ପର୍କକୁ ସ୍ୱୀକୃତି ଓ ସକାରାତ୍ମକ ମନ୍ତବ୍ୟ ମିଳିବାରେ ସାମାନ୍ୟ ସମସ୍ୟା ଦେଖାଦେଇଛି । ଉମାର ଜୀବନ ପ୍ରବାହ ଓ ସଂଘର୍ଷକୁ ନେଇ ଏ ଉପନ୍ୟାସର କଥାନକ ଗତିଶୀଳ ।

ଆଲୋଚକ କୁହନ୍ତି, ମହାପାତ୍ର ନୀଳମଣିଙ୍କର ପ୍ରଥମ ଉପନ୍ୟାସ 'ଧରା ଓ ଧାରା' ଉପନ୍ୟାସଟିରେ ମଣିଷର ମନୋଭୂମିର ବାସ୍ତବତାକୁ ପ୍ରଦର୍ଶନ କରାଯାଇଛି ବେଶ୍ ସଫଳତାର ସହିତ । ମନର ଧାରା ବଡ଼ ବିଚିତ୍ର । ଗତି ତା'ର କେବେ ଆଗକୁ ତ କେବେ ପଛକୁ । କେବେ ବୃତ୍ତାକାରରେ ତ କେବେ ଆକାଶଚାରୀ । ପୁଣି କେବେ ଅତଳତଳ ପାତାଳର ଅନ୍ଧକାର ବଳୟକୁ । ଏ ଧାରାକୁ ଚିହ୍ନିବା ପାଇଁ ଫ୍ରଏଡ୍‌ଙ୍କ ପ୍ରଦତ୍ତମନସ୍ତତ୍ତ୍ୱ ଓ ଦର୍ଶନର ସହାୟତା ନେଇଛନ୍ତି ସାହିତ୍ୟିକମାନେ । ଏହି ଉପନ୍ୟାସରେ ବହୁ ଚରିତ୍ରର ସମାବେଶ ଘଟିଛି । ବିଭିନ୍ନ ଚରିତ୍ରର ମାନସ୍ତାତ୍ତ୍ୱିକ ବିଶ୍ଳେଷଣ ଓ ଘଟଣାର ପର୍ଯ୍ୟବେକ୍ଷଣ ଧାରାରେ ଔପନ୍ୟାସିକ ଆବିଷ୍କାର କରିଛନ୍ତି ମଣିଷର ସଚେତନ ମନର ଆଦର୍ଶବାଦ ମୂଲ୍ୟବୋଧ, ମାନବିକତା, ତା'ର ସଂସ୍କୃତି ସମ୍ପନ୍ନତା ଓ ସର୍ବୋପରି ମଣିଷର ଆସ୍ପୃହା ଓ ତା'ର ଅବଚେତନରେ ସଂଗୁପ୍ତ ଥିବା ପଶୁ ପ୍ରବୃତ୍ତି । ମାନବିକତା ଓ ପାଶବିକତା ମଧ୍ୟରେ ଅନେକ ସମୟରେ ଘଟୁଥିବା ସଂଘାତରେ ଯେଉଁ ଦିଗ ଅଧିକ ଶକ୍ତିଶାଳୀ ହୋଇଉଠେ ତାହାର ହିଁ ବିଜୟ ହୁଏ ସେହି ସମୟ ପାଇଁ । x x x ବହୁ ଛୋଟ ବଡ଼ ଘଟଣାର ସମାବେଶ ଉପନ୍ୟାସରେ ଘଟିଥିଲେ ମଧ୍ୟ ଏଥିରେ ଚରିତ୍ରମାନେ ମୁଖ୍ୟସ୍ଥାନ ନେଇଛନ୍ତି । ସବୁ ପ୍ରକାର ଅବସ୍ଥାର ବର୍ଣ୍ଣନା କରିବାରେ ଔପନ୍ୟାସିକଙ୍କ ଭାଷା ପ୍ରୟୋଗର ଚମତ୍କାରିତା ପାଠକକୁ ମୁଗ୍ଧ କରେ । x x x (୨) ଔପନ୍ୟାସିକ ମଧ୍ୟ କହିଛନ୍ତି, "ଖଟର ଦୁଇ ପାର୍ଶ୍ୱରେ ଝଞ୍ଜା ବୁହାଉଛନ୍ତି ଦୁଇଟି ନାରୀ – ଲୋତକର ବନ୍ୟା ବୁହାଉଛନ୍ତି ଦୁଇଟି ନାରୀ । ତନ୍ମଧ୍ୟରୁ ଗୋଟିଏ କେବଳ ନାରୀ ! ଅନ୍ୟଟି କେବଳ ପ୍ରେମିକା !! ଗୋଟିଏ କେବଳ ଧରା – ଅନ୍ୟଟି କିନ୍ତୁ ଧାରା ।" (୩) 'ଧରା ଓ ଧାରା' ଉପନ୍ୟାସର ଶେଷଆଡ଼କୁ

ଥିବା ଏହି ଉଦ୍ଧୃତିରୁ ଉପନ୍ୟାସଟିର ବିଷୟବସ୍ତୁଗତ ସ୍ପଷ୍ଟତା ସାମ୍ନାକୁ ଆସେ ।

'ଧରା ଓ ଧାରା' ଏକ ପ୍ରତୀକାତ୍ମକ ନାମକରଣ । ଧରା ହୁଏତ ଅପେକ୍ଷାକୃତ ସ୍ଥିରତା ଓ ନିର୍ଦ୍ଦିଷ୍ଟତା ସୂଚକ । ଧାରାରେ ଲୁଚି ରହିଛି ପ୍ରବହମାନତା । ଏ ଧାରାର ଗତି ହୁଏତ କେବେ ମନ୍ଥର ପୁଣି କେବେ ତୀବ୍ର । ପୁଣି କେବେ ଉଦାସୀ ତ କେବେ ଉଚ୍ଛ୍ୱସିତ । ଜୟନ୍ତର ଉମା ପ୍ରତି ଆକର୍ଷଣ ଏବଂ ଏକାନ୍ତ ମୁହୂର୍ତ୍ତରେ ଉଭୟଙ୍କର ସମ୍ପର୍କ ପରେ ଜୟନ୍ତ ଜର୍ମାନୀ ଚାଲିଯାଏ । ଏପଟେ ଗର୍ଭସ୍ଥ ସନ୍ତାନକୁ ନଷ୍ଟ କରିଦେବା ବ୍ୟତୀତ ଉମା ପାଖରେ କୌଣସି ଉପାୟ ନଥାଏ । ବିବାହ ଭଳି ସାମାଜିକ ସ୍ୱୀକୃତିର ଅଭାବବୋଧକୁ ଉମା ମର୍ମେମର୍ମେ ଅନୁଭବ କରୁଥାଏ । ଗୋଟିଏ ପଟେ ମାତୃତ୍ୱର ମର୍ଯ୍ୟାଦା, ଅନ୍ୟପଟେ ସମାଜ ଜୀବନର ଲାଞ୍ଛନା ଭିତରେ ଛନ୍ଦି ହେଉଥାନ୍ତି ଉପନ୍ୟାସର ଚରିତ୍ରମାନେ । ଉମାର ଜନ୍ମିତ ସନ୍ତାନକୁ ଅବଶ୍ୟ ପରବର୍ତ୍ତୀ ସମୟରେ ଚୌଧୁରୀ ପରିବାରରେ ସ୍ଥାନ ମିଳିଛି । ଜର୍ମାନୀରୁ ଫେରି ଜୟନ୍ତ ମଧ୍ୟ ଉମାକୁ ଗ୍ରହଣ କରିଛି । ଗୋଟିଏ ସୁଖଦ ପରିସମାପ୍ତିଭିତ୍ତିକ ଉପନ୍ୟାସ ହୋଇଥିଲେ ମଧ୍ୟ ନାରୀ ଜୀବନର ମନସ୍ତାତ୍ତ୍ୱିକ ଦ୍ୱନ୍ଦ୍ୱ ଓ ଅସହାୟତା ଏହି ଉପନ୍ୟାସରେ ଚମତ୍କାରିତାର ସହିତ ବର୍ଣ୍ଣିତ । ଉପନ୍ୟାସରେ ଜୟନ୍ତ, ଆର୍ତ୍ତବନ୍ଧୁ, ଉମା, ମୀରା ଓ ବିଳାସବତୀଙ୍କ ମାଧ୍ୟମରେ ମନସ୍ତତ୍ତ୍ୱର ସୂକ୍ଷ୍ମ ଆସ୍ତରଣଗୁଡ଼ିକ କ୍ରମଶଃ ଆଲୋଚନାର ପର୍ଯ୍ୟାୟକୁ ଆସିଛି । କେଉଁଠି ଅନାଥ ଆଶ୍ରମର ଦାୟିତ୍ୱ ନେଇ ମନକୁ ବ୍ୟସ୍ତ ରଖିବା ଭଳି ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ ହୋଇଛି ତ କେଉଁଠି ନିଜର ଭୁଲ ପାଇଁ ମୀରା ଅନୁତାପ କରି ପୁନଶ୍ଚ ଆଶ୍ରମର ଦାୟିତ୍ୱ ମଧ୍ୟ ଗ୍ରହଣ କରିଛି ।

ଉପନ୍ୟାସଟି ନାରୀ ଜୀବନର ମନସ୍ତାତ୍ତ୍ୱିକ ସଂଘର୍ଷମୟତାର ଚିତ୍ର ପ୍ରଦାନରେ ଅତ୍ୟନ୍ତ ସଫଳ ମନେହୁଏ । ହୁଏତ ମାତ୍ରାଧିକ ପ୍ରଗଲ୍‌ଭତା ଉପନ୍ୟାସଟିକୁ ଅଧିକ ବିସ୍ତାରିତ କରିଦେଇଛି ମାତ୍ର ଉପନ୍ୟାସର ଭାଷାଶୈଳୀ ଓ ହାସ୍ୟ-କରୁଣ-ଶୃଙ୍ଗାର ରସର ଅବତାରଣାରେ ମହାପାତ୍ର ନୀଳମଣିଙ୍କ ଲେଖକୀୟ ସ୍ୱାତନ୍ତ୍ର୍ୟ ବାରିହୋଇପଡ଼େ । ଘଟଣାର ବୈଚିତ୍ର୍ୟ ଅପେକ୍ଷା ଚରିତ୍ରମାନଙ୍କ ଉପରେ ଘଟଣାଜନିତ ପ୍ରଭାବର ଆସ୍ତରଣ ଭିତର ଦେଇ ଉପନ୍ୟାସଟିରେ ଧରା ଓ ଧାରାର ବ୍ୟାପ୍ତିକୁ ଅନୁଭବ କରିହୁଏ ।

'ତାମସୀ ରାଧା' ଉପନ୍ୟାସ ପ୍ରକାଶ ପାଏ ୧୯୬୪ ମସିହାରେ ।

ରାଧା ହ୍ଲାଦିନୀ ଶକ୍ତି । ପ୍ରକୃତିପୁରୁଷ ଶ୍ରୀକୃଷ୍ଣଙ୍କ ପ୍ରେରଣାର ଉତ୍ସ । ମାତ୍ର ଔପନ୍ୟାସିକ ଏଇ ଶବ୍ଦଟିକୁ ଗ୍ରହଣ କରିଛନ୍ତି ଅନ୍ୱେଷଣ ଅର୍ଥରେ । ଔପନ୍ୟାସିକ କୁହନ୍ତି- "'ରାଧା' ଶବ୍ଦକୁ ମୁଁ ପ୍ରତ୍ୟେକ ବଦ୍ଧଜୀବର ବ୍ୟାକୁଳ 'ଅନ୍ୱେଷଣ' ଅର୍ଥରେ ଗ୍ରହଣ କରିଛି । ଆଉ ଜୀବ ଏହି ଅନ୍ୱେଷଣର ପ୍ରଚେଷ୍ଟାରେ ପ୍ରାରମ୍ଭରୁ ସର୍ବଦା ଘୋର ତାମସୀ ମାୟାର ପ୍ରତିବନ୍ଧକତା ନିବନ୍ଧନ, ଅତିଶୟ ତାପଗ୍ରସ୍ତା, ଉତ୍ପୀଡ଼ିତା ଓ ଉତ୍‌କ୍ଷିପ୍ତା । ଏତିକିବେଳେ ହିଁ ରାଧା ତିମିରାଭିସାରିଣୀ- ତାମସୀ ରାଧା । ମାତ୍ର ଏହି ତାମସାଭିସାର ଶେଷରେ ? ପରମ ଆଲୋକଦୀପ୍ତ ସଚ୍ଚିଦାନନ୍ଦଙ୍କର ମିଳନରେ ଏକାତ୍ମଭୂତା ଶ୍ରୀ ରାଧା ସେତେବେଳେ ସମସ୍ତ ଉପାଧି ବିବର୍ଜିତା । ଏହି ଜ୍ଞାନଗମ୍ୟ ମହାଭାବବୋଧ ସତ୍ୟକୁ ମୁଁ ଲୌକିକତା ମଧ୍ୟରେ ପ୍ରମାଣ କରିବାକୁ ଯାଇ 'ମହାଭାବସ୍ୱରୂପା ଶ୍ରୀରାଧା ଠାକୁରାଣୀ'ଙ୍କ ଶ୍ରୀନାମ ପୂର୍ବରୁ 'ତାମସୀ' ବିଶେଷଣ ପ୍ରୟୋଗ କରି 'ଗୁରୁକୃଷ୍ଣ ଓ ବୈଷ୍ଣବ'ଙ୍କ ଶ୍ରୀଚରଣରେ 'ଠକବତ୍' ଆଚରଣ କରିଅଛି । ବୈଷ୍ଣବ ମହାଜନଗଣ ମୋର ଏହି ଲୌକିକ କବିତ୍ୱ ଦୋଷ ଉପରେ ତୁଳସୀ ପତ୍ର ପକାଇ ମୋତେ କ୍ଷମା କରନ୍ତୁ ।" (୪) ଉପନ୍ୟାସଟି ମଧ୍ୟ ନାରୀଜୀବନର ଅସହାୟତା ଓ ସଂଘର୍ଷଶୀଳତା ଭିତରଦେଇ ଉତ୍ତରିତ ସାଧନା ପଥପାଖରେ କହଞ୍ଚାଇବାର କଥା କୁହେ ।

ଥରଥର କରି ତିନିଥର ବେଦୀରେ ବସିଥିଲେ ସାଧୁଚରଣ । ପ୍ରଥମେ କୃଷ୍ଣପ୍ରିୟା ତାପରେ ପୁଷ୍ପରାଣୀ, ଶେଷରେ ହେମମୟୀଙ୍କ ସହ ବିବାହ କରିଥିଲେ । ଅଥଚ ତିନିଜଣଙ୍କର ମୃତ୍ୟୁ ଘଟିଥିଲା । ସାଧୁଚରଣଙ୍କ ଆଖିରେ ଆଉ ଲୁହ ନଥିଲା ଜୀବନକୁ ଆଶ୍ୱସନା ଦେବାକୁ । ବାଧ୍ୟତଃ ସେ ଗ୍ରହଣ କରିନେଲେ ଆଶ୍ରମର ଜୀବନ । ଏମିତି ଗୋଟିଏ ସମୟରେ ତାଙ୍କ ଜୀବନକୁ ଆସିଲା ତନୁଜା । ସ୍ନେହୀ, ନିସ୍ୱାର୍ଥପର, ମାନବବାଦୀ ସାଧୁଚରଣ ତାକୁ କନ୍ୟା ଭାବରେ ପାଳନ କରିଥିଲେ । ଯଦିଓ ଶରଧା ବୋଉ ଭାବିଥିଲା ସାଧୁଚରଣ ପୁନଶ୍ଚ ତନୁଜାକୁ ବିବାହ କରିବେ । ଏମିତି ଏକ ସମୟରେ ତନୁଜାର ଲାଳନପାଳନ ତଥା ସର୍ବାଦୌ ମଙ୍ଗଳ ଚାହୁଁଥିବା ସାଧୁଚରଣ ଜଣେ ଗୃହୀ ସନ୍ନ୍ୟାସୀ ପରି ଜୀବନ ଅତିବାହିତ କରୁଥିଲେ ।

ତନୁଜାର ଜୀବନକୁ ନିୟନ୍ତ୍ରିତ କରିଥିବା ଦ୍ୱିତୀୟ ପୁରୁଷଟି ହେଉଛି ମୋହନ । ତନୁଜାର ମୋହନ ପ୍ରତି ଅନୁରାଗ ଓ ପ୍ରେମସିକ୍ତ ମନୋଭାବ ଥିଲେ ହେଁ କର୍ମଠ ଓ ଦାୟିତ୍ୱନିଷ୍ଠ ବିଡିଓ ରସାନନ୍ଦଙ୍କ ପ୍ରତି ମଧ୍ୟ ତନୁଜା ମନରେ ଆକର୍ଷଣ ଥାଏ ଓ ସେ ତାଙ୍କୁ ବିବାହ କରେ । ମାତ୍ର ରସାନନ୍ଦଙ୍କର ଅକାଳ ବିୟୋଗ, ତନୁଜାର ଜୀବନକୁ ପୁନଶ୍ଚ ଗୋଟିଏ ଦୁଃଖଦ ମୋଡ଼ରେ ଆଣି ଛାଡ଼ିଦିଏ ।

ଏହି ସମୟରେ ପୁନଶ୍ଚ ମୋହନ ତନୁଜାକୁ ସହାୟତାର ହାତ ବଢ଼ାଏ । ତନୁଜାକୁ ନେଇ ମୋହନ ଯେଉଁ ନର୍ସିଂ ସ୍କୁଲରେ ନାମ ଲେଖାଇ ଦିଏ, ସେଇଠାରେ ଡାକ୍ତର ଥିବା ଘାସିରାମ ସୋରେନଙ୍କ ପ୍ରତି ତନୁଜା ମନରେ ଗଭୀର ଆକର୍ଷଣ ସୃଷ୍ଟି ହୁଏ । କ୍ରମଶଃ ମୋହନ ତନୁଜା ପାଇଁ ପ୍ରତିବନ୍ଧକତୁଲ୍ୟ ମନେହୁଏ । ମୋହନକର୍ତ୍ତୃକ ସହାୟତା ତନୁଜା ପାଇଁ ବୋଝଭଳି ପ୍ରତୀୟମାନ ହୁଏ । ଏକ ଅଦ୍ଭୁତ ଜାନ୍ତବ କ୍ଷୁଧାର ବଶବର୍ତ୍ତୀ ହୋଇ ସେ ହୁଏତ ମୋହନର ଶିଶୁକୁ ଗର୍ଭରେ ଧାରଣ କରେ ମାତ୍ର ହେମ ପାଲୁଣୀ ସହାୟତାରେ ଜନ୍ମିତ ଶିଶୁକୁ ହତ୍ୟା ମଧ୍ୟ କରେ । ନିଜର ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟାର ବାଟ ବାଛି ନେଉଥିଲାବେଳେ ନଈ କୂଳରେ ଅଚେତ ହୋଇ ପଡିଯାଏ । ଏଇ ସମୟରେ ଆଉ ଜଣେ ପୁରୁଷ ସୁରଜିତଙ୍କ ସହିତ ତା'ର ସାକ୍ଷାତ ହୁଏ । ସୁରଜିତଙ୍କ ସହାୟତାରେ ସୋରେନଙ୍କ ପାଖକୁ ପୁଣିଥରେ ଫେରେ ତନୁଜା । ୧୯୬୨ ମସିହାର ଭାରତ ଓ ଚୀନ ମଧ୍ୟରେ ଚାଲିଥିବା ଯୁଦ୍ଧଜନିତ ପରିସ୍ଥିତିକୁ ଉପନ୍ୟାସର ଅଂଶବିଶେଷ କରି ଔପନ୍ୟାସିକ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ତନୁଜା ଓ ଡାକ୍ତର ଘାସିରାମ ସୋରେନଙ୍କ ସେବା ମନୋବୃତ୍ତିର ପରିଚୟ ଦେବାପାଇଁ ଚେଷ୍ଟା କରିଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ୧୯୬୨ ମସିହାବେଳକୁ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଉପନ୍ୟାସ 'ନରକିନ୍ନର' ପ୍ରକାଶ ପାଇସାରିଥାଏ । ମହାପାତ୍ର ନୀଳମଣି ସାହୁ ସେତେବେଳକୁ 'ତାମସୀ ରାଧା' ଲେଖୁଥାନ୍ତି । ହଠାତ୍ ଭାରତ ଓ ଚୀନ୍ ଭିତରେ ଯୁଦ୍ଧଜନିତ ସ୍ଥିତି ଭାରତର କୂଟନୀତି ଓ ନୈତିକ ବିଶ୍ୱାସକୁ ଦୋହଲାଇ ଦେଇଥିଲା । 'ଭାରତ-ଚୀନ ଭାଇ ଭାଇ' ସ୍ଲୋଗାନ୍ କ୍ରମଶଃ ଚୀନର ବିଶ୍ୱାସଘାତକତା ଆଗରେ ମଳିନ ପଡ଼ିଆସିଲା । ତଥାକଥିତ ପ୍ରଗତିବାଦୀମାନଙ୍କର ଭ୍ରମ କିନ୍ତୁ ସେତେବେଳକୁ ସହଜରେ ଦୂର ହୋଇନଥାଏ । ମହାପାତ୍ର ନୀଳମଣି ସାହୁ ନିଜର ନୂତନ ଉପନ୍ୟାସ ସମ୍ପର୍କରେ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କର ମତାମତ ଜାଣିବା ପାଇଁ ଚାହିଁଥିଲେ ଓ ଉପନ୍ୟାସର ଶେଷ ଅଧ୍ୟାୟକୁ ଡାକଯୋଗେ ତାଙ୍କ ପାଖକୁ ପଠାଇଥିଲେ । ଉପନ୍ୟାସର ଶେଷ ଭାଗରେ ଲେଖକ ତାଙ୍କର ନାୟକକୁ ବାମପନ୍ଥୀ ଚରିତ୍ର ରୂପରେ ବର୍ଣ୍ଣନା କରି ମାର୍କ୍ସବାଦ ଢାଞ୍ଚାରେ ରାଷ୍ଟ୍ରୀୟ ବିରୁଦ୍ଧରେ ସଶସ୍ତ୍ର ବିଦ୍ରୋହ ପାଇଁ ପ୍ରସ୍ତୁତ କରିଥାଆନ୍ତି । କିନ୍ତୁ ଆଲୋଚ୍ୟ ସମୟଖଣ୍ଡରେ ଲେଖକ ଏପରି କରିବାରୁ ବିରତ ରୁହନ୍ତୁ ବୋଲି ଶାନ୍ତନୁ କୁମାର ଆଚାର୍ଯ୍ୟ ମହାପାତ୍ର ନୀଳମଣି ସାହୁଙ୍କୁ ପରାମର୍ଶ ଦେଇଥିଲେ । ଶାନ୍ତନୁଙ୍କ ପରାମର୍ଶ ଲେଖକଙ୍କୁ ଯଥାର୍ଥ ମନେହେଲା । ତଦନୁଯାୟୀ ଉପନ୍ୟାସର ଆବଶ୍ୟକ ପରିବର୍ତ୍ତନ କରିଥିବା ପ୍ରସଙ୍ଗ ମଧ୍ୟ ଶ୍ରୀଯୁକ୍ତ ସାହୁ ସ୍ୱୀକାର କରିଥିବା ଜଣାଯାଏ । (୫) ଏହି ପରିବର୍ତ୍ତନକୁ ଗୋଟିଏ ସମୟଗତ ଆବଶ୍ୟକତା ଭାବରେ ଗ୍ରହଣ କରାଯାଇପାରେ ।

ମୂଳତଃ 'ତାମସୀ ରାଧା' ଏକ ପ୍ରେମ ଚେତନାଧର୍ମୀ ଉପନ୍ୟାସ । ପ୍ରେମର ବାହ୍ୟ ଆବରଣର ଶରୀର ଓ ଶୃଙ୍ଗାର ଭିତରୁ ମୁକ୍ତ ହୋଇ ଅନ୍ତଃସୌନ୍ଦର୍ଯ୍ୟ ଆଡ଼କୁ ଉ ରିତ ଯାତ୍ରାର ଏକ ପ୍ରୟାସ ଭାବେ ଉପନ୍ୟାସଟିକୁ ଗ୍ରହଣ କରାଯାଇପାରେ । ସାଂସାରିକ ଜୀବନର ମାୟା ଓ ମୋହଗ୍ରସ୍ତତାକୁ ଏଡ଼ାଇ ତମଗୁଣ ସମ୍ପନ୍ନ ରାଧାଟି ସାତ୍ତ୍ୱିକ ଅବବୋଧରେ ରୂପାନ୍ତରିତ ହେବା ପ୍ରେମର ମୂଳ ଉଦ୍ଦେଶ୍ୟ । ପ୍ରେମର ସ୍ଥୁଳ ଅନୁଭବ ବାଟ ଦେଇ ସୂକ୍ଷ୍ମ ଉପଲବ୍ଧି ପାଖରେ ପହଞ୍ଚିବାର ଯାତ୍ରା ହେଉଛି ତାମସୀ ରାଧା । ହୁଏତ ଏହି ପ୍ରେମମୂଳକ ଉପନ୍ୟାସଟିର ପ୍ରସଙ୍ଗ ଓ ପରିବେଶରେ ଅନେକ ସ୍ଥୁଳ ରାଜନୀତିକ ଓ ସାମାଜିକ ପ୍ରସଙ୍ଗମାନେ ସାମ୍ନାକୁ ଆସିଛନ୍ତି । ଔପନ୍ୟାସିକଙ୍କର ତାରୁଣ୍ୟର ଭାବାବେଗ ଓ ଶୃଙ୍ଗାରଜନିତ ଉପଲବ୍ଧି ତଥା ପ୍ରେମରେ ଦେହର ଉପସ୍ଥିତି ପ୍ରସଙ୍ଗ ମଧ୍ୟ ସ୍ଥାନେସ୍ଥାନେ ଗୁରୁତ୍ୱପୂର୍ଣ୍ଣ ମନେ ହେଉଛି । କିନ୍ତୁ ଏ ଉପନ୍ୟାସର ମୂଳ ଉଦ୍ଦେଶ୍ୟ ଦେହକୁ ଅତିକ୍ରମ କରି ଦେହାତୀତ ପ୍ରେମରେ ହିଁ ଶୃଙ୍ଗାରର ସାର୍ଥକତା ଖୋଜିବା । ପ୍ରେମକୁ କାଳ, ରୂପ ତଥା କ୍ଷୟର ସମସ୍ତ ସ୍ପର୍ଶରୁ ଦୂରରେ ରଖି ଶରୀରଟିଏ ନଖୋଜି ଆତ୍ମିକ ପ୍ରେମର ଅନ୍ୱେଷଣ କରିବାରେ ହିଁ ତାମସୀ ରାଧାର ଜୀବନଯାତ୍ରାଭିତ୍ତିକ ଉତ୍ତରଣ ନିହିତ ।

॥ ୩ ॥

ଲେଖକଟିଏ ମଧ୍ୟ ବ୍ୟକ୍ତିଗତ ଜୀବନ ଜିଉଁଥାଏ । ସମାଜ ସହିତ ତା'ର ସଂପୃକ୍ତି, ଧର୍ମ ବା ଆଧ୍ୟାତ୍ମିକତାକୁ ନେଇ ତାର ଦ୍ୱନ୍ଦ୍ୱ, ସଂସ୍କୃତି ଅଥବା ପରମ୍ପରାକୁ ନେଇ ତା'ର ସଂଘର୍ଷର ଯାତ୍ରା ମଧ୍ୟ ସେଥିରେ ସମନ୍ୱିତ ହୋଇଥାଏ । ଲେଖକ ତା'ର ଲେଖାରେ ନିଜର ଅହଂ କେବଳ ପ୍ରକାଶ କରେନି, ବରଂ ପ୍ରକାଶ କରେ ଗୋଟିଏ ସମୟଖଣ୍ଡର ଉଠାଣି-ଗଡ଼ାଣିଭିତ୍ତିକ ଜୀବନ ପ୍ରବାହର ଯାତ୍ରା ଓ ଦୃଶ୍ୟ-ଅଦୃଶ୍ୟ ଅନୁଭବ-ଉପଲବ୍ଧିର କାହାଣୀ । ତେଣୁ ଲେଖକୀୟ ଚିନ୍ତା-ଚେତନାର ବ୍ୟାପ୍ତି ଓ ନିର୍ଦ୍ଦିଷ୍ଟତା କଳନା କରିବା ସମୟେସମୟେ ଏକ ସାଧ୍ୟାତୀତ ବ୍ୟାପାରରେ ପରିଣତ ହୁଏ ।

ଆଲୋଚ୍ୟ ଉପନ୍ୟାସ ଦୁଇଟିରେ ମହାପାତ୍ର ନୀଳମଣି ସାହୁଙ୍କର ସ୍ୱାତନ୍ତ୍ୟ କଥା ବିଚାର କଲାବେଳେ ପ୍ରଥମେ ସାମ୍ନାକୁ ଆସେ ତାଙ୍କର ଅନ୍ତରଙ୍ଗ ପ୍ରଗଲ୍‌ଭମୟତାର ଚିତ୍ର । ଉପନ୍ୟାସ ଦୁଇଟି ତେଣୁ ମହାପାତ୍ର ନୀଳମଣି ସାହୁଙ୍କ କଥକ ସୁଲଭ ବ୍ୟକ୍ତିତ୍ୱକୁ

ନେଇ ଆଗେଇ ଯାଇଥିବା ଭଳି ମନେହୁଏ । ଏକଥା ମଧ୍ୟ ମନେରଖିବାକୁ ହେବ ଯେ, ପ୍ରଗଲ୍‌ଭମୟତା ମହାପାତ୍ର ନୀଳମଣି ସାହୁଙ୍କ କଥା ଉପସ୍ଥାପନାର ଏକ ଗୁରୁତ୍ୱପୂର୍ଣ୍ଣ ଶକ୍ତିକେନ୍ଦ୍ର ଓ 'ଅଭିଶପ୍ତ ଗନ୍ଧର୍ବ'ଭଳି ଗଳ୍ପ ସଂକଳନରେ ସଫଳତାର ସହିତ ଉପସ୍ଥାପିତ । ମାତ୍ର ତାଙ୍କ ଉପନ୍ୟାସ ଦୁଇଟିରେ ଏହି ଶକ୍ତି ହିଁ ତାଙ୍କର ଦୁର୍ବଳତା ଭାବରେ ସଚେତନ ପାଠକଙ୍କୁ ଅନୁଭୂତ ହୋଇପାରେ ।

ଧରା ସ୍ଥିର ଅବିଚଳିତ ଓ ଏକମାତ୍ର ସିନା, ଧାରାରେ କିନ୍ତୁ ଅନେକ ଅସ୍ଥିରତା, ଚଞ୍ଚଳତା ଓ ପ୍ରବହମାନତା । ଜୀବନଧାରାର ପ୍ରବାହ ଭଳି ମଣିଷର ବାସ୍ତବଜୀବନ କେତେବେଳେ କ୍ଷୀଣକାୟ ତ କେତେବେଳେ ପୂର୍ଣ୍ଣଗର୍ଭା । ପରିସ୍ଥିତି, ବର୍ତ୍ତମାନିକତା, ଅସହାୟତା, ବାଧ୍ୟବାଧକତା ତଥା ଅନେକ ଆବେଗ ଦ୍ୱାରା ନିୟନ୍ତ୍ରିତ ହୋଇଚାଲିଥାଏ ମଣିଷ । ସମାଜ ବିବେକ ଭଳି ପାଞ୍ଚଣ ଧରି ଜଗି ବସିଥାଏ, ମନ କିନ୍ତୁ ନିଜ ବାଟ ନିଜେ ଖୋଜି ଚାଲିଥାଏ । ନିଜ ସହ ନିଜର ସଂଘର୍ଷମୟ ଯାତ୍ରାରୁ ହିଁ ମହାପାତ୍ର ନୀଳମଣି ସାହୁଙ୍କ ଉପନ୍ୟାସର ଚରିତ୍ରମାନେ ଆସିଛନ୍ତି । ଠାଏ ମହାପାତ୍ର ନୀଳମଣି କୁହନ୍ତି "ଏଥିରେ ଘଟଣାର କିଞ୍ଚିତ ଘନଘଟା ଅଛି । ମାତ୍ର ନାଟକୀୟତା ଖୁବ୍ ବେଶି ପ୍ରକାଶମାନ ନାହିଁ । ଚରିତ୍ରମାନଙ୍କର ଅଧିକାଂଶ ଦ୍ୱନ୍ଦ୍ୱମାନଙ୍କର ଅନୁଭୂତି ବିଶେଷ ବାହ୍ୟ ଘଟଣାବଳୀ ଉପରେ ନୁହେଁ ବରଂ ଏହା ସର୍ବଦା ଅନ୍ତରର ଅନ୍ୟାନ୍ୟ ବହୁ ସଂଗୁପ୍ତ ପରସ୍ପର ବିରୋଧୀ ଭାବ, ଏଷଣା, କଳ୍ପନା, ସ୍ୱପ୍ନ, ଚିନ୍ତା, ଆବେଗ, ପ୍ରବେଗ, ଆଦର୍ଶ ଓ କାମନାର ପରୋକ୍ଷ କ୍ରିୟା ପ୍ରତିକ୍ରିୟା ମଧ୍ୟରେ ଲୀଳାୟିତ । ସେଥିଲାଗି ଏହି ଉପନ୍ୟାସରେ ପ୍ରତିଟି ଚରିତ୍ର ଅନୁଭୂତିଶୀଳ ଓ ଆବେଗ ପ୍ରବଣ ଏବଂ ଉଚ୍ଛଳ ଜୀବନରସରୁ ତାଡ଼ିତ ହୋଇ ସେମାନେ କୁଦୃଷ୍ଟି ଓ ବୋଧଦୃଷ୍ଟିରେ ବେଶ୍ ପାସୋନେଟ ବା ପ୍ରବେଗଧର୍ମୀ । ଫଳରେ ଲେଖକର ବକ୍ତବ୍ୟର ସ୍ୱର ମଧ୍ୟ ହୋଇ ଉଠିଛି ଆବେଗପ୍ରଧାନ ଏ ଯେମିତି ଲେଖକର ସ୍ୱର ଭିତରେ ଚରିତ୍ରମାନେ ଆତ୍ମପ୍ରକାଶ କରିଛନ୍ତି ।"(୬) ତେଣୁ ସମ୍ଭବତଃ ଠାଏଠାଏ ଉପନ୍ୟାସ ଦ୍ୱୟରେ ନଗ୍ନ ବାସ୍ତବତା ଓ ଲୌକିକତାର ଚିତ୍ର ସ୍ପଷ୍ଟ ବାରି ହୋଇ ପଡ଼େ ।

ଆଲୋଚକମାନେ ମଧ୍ୟ 'ତାମସୀ ରାଧା'ର ନଗ୍ନ ବାସ୍ତବତା ଓ 'ଧରା ଓ ଧାରା'ରେ ଶୋଇଥିବା ଅବସ୍ଥାରେ ଉମାକୁ ଆଲିଙ୍ଗନ ଫାଶରେ ଆବଦ୍ଧ କରି ଜୟନ୍ତ କରିଥିବା ବ୍ୟବହାରକୁ ଅଶ୍ଳୀଳ ମନେ କରନ୍ତି । "'ତାମସୀ ରାଧା'ର ଚରିତ୍ରଗୁଡ଼ିକ ଘୋର ତାମସୀ ଚିନ୍ତାରେ ଅତିଶୟ ତାପଗ୍ରସ୍ତ, ଉତ୍ପୀଡ଼ିତ ଓ ଉତ୍କ୍ଷିପ୍ତ ବୋଲି ଅଭିଯୋଗ ଉଠାନ୍ତି ।"(୭) ମାତ୍ର ମନେରଖିବାକୁ ହେବ ମହାପାତ୍ର ନୀଳମଣି ସାହୁଙ୍କ ମୂଳ ଉଦ୍ଦେଶ୍ୟ ଘଟଣାର ଦୃଶ୍ୟାୟନ ନୁହେଁ, ଘଟଣାକୁ ଅତିକ୍ରମ କରି ମନୋଜଗତର ଉତ୍ତରଣ । ସେଇଥିପାଇଁ ତ 'ତାମସୀ ରାଧା'ରେ ଔପନ୍ୟାସିକ କୁହନ୍ତି,"ଉପନ୍ୟାସଟି ଏକ ଆଦର୍ଶବାଦୀ ଅନୁଭୂତି(ନୈତିକ ଅନୁଭୂତି ନୁହେଁ) ଉପରେ ପ୍ରତିଷ୍ଠା ଲାଭ କରିଅଛି । ତେଣୁ ଏହାର ସମସ୍ତ ଚରିତ୍ର ପାର୍ଥିବ ହେଲେ ମଧ୍ୟ ମୋର ସ୍ୱପ୍ନ ଭିତରେ ହିଁ ମୁଁ ଏମାନଙ୍କୁ ପ୍ରତ୍ୟକ୍ଷ କରିଅଛି । ମଣିଷର ଜୀବନପ୍ରତି ଓ ଜୀବନର ଘଟଣାରାଜିପ୍ରତି ମୋର ଅନ୍ତରର ଆବେଗଧର୍ମୀ ପ୍ରତିକ୍ରିୟାର ସମର୍ଥନ ନ ପାଇଥିଲେ ହୁଏତ ସେମାନେ ଭିନ୍ନ ରୂପରେ ଦେଖାଦେଇଥାନ୍ତେ ଓ ଭିନ୍ନ ପଥରେ ଗତି କରିଥାନ୍ତେ । ତେଣୁ ଚରିତ୍ରଗୁଡ଼ିକର ବାସ୍ତବଭିତ୍ତି ଖୋଜିବାକୁ ହେଲେ ବହିର୍ଜଗତ ସଂଗେସଂଗେ ଏଠାରେ ସମାଲୋଚକଙ୍କୁ ଲେଖକର ଅନ୍ତର୍ଲୋକର ସମ୍ବେଦନଶୀଳ ମନ ନେଇ ଖୁବ୍ ସାବଧାନତାର ସହିତ ଘୂରିବାକୁ ହେବ । କାରଣ ଏହି ବାହାର ଜଗତଟାର ଚାକ୍ଷୁସ ରୂପକୁ କେବଳ ସତ୍ୟ ବୋଲି ଧରି ଲେଖକର ଅନ୍ତର୍ଜଗତର ବୋଧମୟ ରୂପକୁ ଅସ୍ୱୀକାର କରିବାଟା ଯଥାର୍ଥ ସତ୍ୟବୋଧ ବିବେଚନାର ହାସ୍ୟକର ଦୀନତା ହିଁ ପ୍ରକାଶ କରିଥାଏ । ଏ ସ୍ଥଳେ ସବିନୟ ନିବେଦନମିଦଂ ଲେଖକର ସ୍ୱଜୀବନ ଚର୍ଯ୍ୟା ଓ ଜୀବନବୋଧରୁ ସଂଜାତ ଅନ୍ତଃପ୍ରେରଣା ହିଁ 'ତାମସୀ ରାଧା'ର ମୌଳିକ ପ୍ରେରଣା ଓ ଜୀବନବୋଧ ।"(୮)

ମନସ୍ତାତ୍ତ୍ୱିକତା ଗୋଟିଏ କାହାଣୀକୁ ଯେତିକି ଭିନ୍ନତା ପ୍ରଦାନ କରେ ସମୟସମୟେ କାହାଣୀକୁ ଘଟଣା ବିହୀନ କରିଦେଇ ଗୋଟିଏ ନିର୍ଦ୍ଦିଷ୍ଟ ବିନ୍ଦୁରେ ଅଟକେଇଦେବାର ଭୟ ମଧ୍ୟ ସେତିକି ଥାଏ । କିନ୍ତୁ ଏକଥା ସତ ଯେ ଗୋଟିଏ ପ୍ରସଙ୍ଗକୁ ନୂତନତା ତଥା ଗଭୀରତା ଦେବା ପାଇଁ ମାନସ୍ତାତ୍ତ୍ୱିକ ଦୃଷ୍ଟିଭଙ୍ଗୀର ନିତାନ୍ତ ଆବଶ୍ୟକତା ରହିଛି । ମହାପାତ୍ର ନୀଳମଣି ସାହୁଙ୍କ ଉପନ୍ୟାସ ଦ୍ୱୟରେ ଫ୍ରଏଡୀୟ ଯୌନତାର ଚିତ୍ର ମଧ୍ୟ ଦେଖିବାକୁ ମିଳେ । ଠାଏଠାଏ ଅବଶ୍ୟ ଏହା ଅତ୍ୟନ୍ତ ଇତର ବର୍ଣ୍ଣନାଧର୍ମିତାର ରୂପ ମଧ୍ୟ ପାଇଥିବା ଭଳି ଅନୁଭବ ହୁଏ । ମାତ୍ର ଉଭୟ ଉପନ୍ୟାସରେ ମାନସ୍ତାତ୍ତ୍ୱିକ ଦୃଷ୍ଟିଭଙ୍ଗୀ ହିଁ ଶ୍ରୀଯୁକ୍ତ ସାହୁଙ୍କର ମୁଖ୍ୟ ଆୟୁଧ ।

ବହିର୍ଜଗତର ଇତର ବା ସାଧାରଣ ଭଳି ମନେହେଉଥିବା ପ୍ରସଙ୍ଗଗୁଡ଼ିକୁ ଅନ୍ତର୍ଜଗତର ଗଭୀରତର ଉପଲବ୍ଧି ସହିତ ଯୋଡ଼ିପାରୁଥିବା ଲେଖକ ହିଁ ସଫଳତା ପାଇଥାଏ । ସାଧାରଣରୁ ସାଧାରଣ ମନେହେଉଥିବା ପ୍ରସଙ୍ଗ, ଚରିତ୍ର ବା ଘଟଣାଟିଏ ଅନ୍ତର୍ଜଗତର ପ୍ରସଙ୍ଗ ସହିତ ସମନ୍ୱିତ କରିବାରେ ମହାପାତ୍ର ନୀଳମଣି ସାହୁଙ୍କର ଲେଖନୀ ସଦା ଉଦ୍ୟମରତ ବୋଲି ମନେହୁଏ । ସେଠି

ନୈତିକତା ଗୁରୁତ୍ୱପୂର୍ଣ୍ଣ ନୁହେଁ ବରଂ ବାସ୍ତବତାକୁ ଗ୍ରହଣ କରି ଜୀବନ ଜିଉଁଥିବା ମଣିଷର ପ୍ରସଙ୍ଗ ହିଁ ଗୁରୁତ୍ୱପୂର୍ଣ୍ଣ ମନେହୁଏ । ଦୁଇଟି ମାତ୍ର ଉପନ୍ୟାସ ଲେଖିଥିଲେ ମଧ୍ୟ ସ୍ୱାଦ, ସ୍ୱର ଓ ପ୍ରସଙ୍ଗଗତ ଗଭୀରତା ହେତୁ ମହାପାତ୍ର ନୀଳମଣିଙ୍କ ଉପନ୍ୟାସର ଭିନ୍ନତା ବାରିହୁଏ ।

**ସହାୟିକା ଗ୍ରନ୍ଥସୂଚୀ :**


୧. ସାହୁ, ମହାପାତ୍ର ନୀଳମଣି, ଧରା ଓ ଧାରା, ଗ୍ରନ୍ଥମନ୍ଦିର, କଟକ, ଦ୍ୱିତୀୟ ସଂସ୍କରଣ-୧୯୬୭, ଉତ୍ସର୍ଗ

୨. ନାୟକ, ଅର୍ଚ୍ଚନା, ସୌରଦୀପ୍ତ ପଥର ଯାତ୍ରୀ ମହାପାତ୍ର ନୀଳମଣି ସାହୁ, କଟକ ଷ୍ଟୁଡେ ସ୍ ଷ୍ଟୋର, କଟକ, ୨୦୧୬, ପୃ-୧୨୯-୧୩୧

୩. ସାହୁ, ମହାପାତ୍ର ନୀଳମଣି, ଧରା ଓ ଧାରା, ଗ୍ରନ୍ଥମନ୍ଦିର, କଟକ, ଦ୍ୱିତୀୟ ସଂସ୍କରଣ-୧୯୬୭, ପୃ - ୨୦୬

୪. ସାହୁ, ମହାପାତ୍ର ନୀଳମଣି, ତାମସୀ ରାଧା, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ, ପଞ୍ଚମ ସଂସ୍କରଣ-୨୦୧୯, ପ୍ରଥମ ସଂସ୍କରଣ ଭୂମିକାର ଉତ୍ତରାର୍ଦ୍ଧ

୫. ନାୟକ, ଅର୍ଚ୍ଚନା, ସୌରଦୀପ୍ତ ପଥର ଯାତ୍ରୀ ମହାପାତ୍ର ନୀଳମଣି ସାହୁ, କଟକ ଷ୍ଟୁଡେଣ୍ଟସ୍‌ଷ୍ଟୋର, କଟକ, ୨୦୧୬, ପୃ-୭୭

୬. ସାହୁ, ମହାପାତ୍ର ନୀଳମଣି, ତାମସୀ ରାଧା, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ, ୨୦୧୯, ପଞ୍ଚମ ସଂସ୍କରଣ-୨୦୧୯, ପ୍ରଥମ ସଂସ୍କରଣ ଭୂମିକାର ଉତ୍ତରାର୍ଦ୍ଧ ।

୭. ପଟ୍ଟନାୟକ, ପଠାଣି ଓ ରାଉତ, ଭୋଳାନାଥ (ସଂ), ଓଡ଼ିଆ ଉପନ୍ୟାସ ସାହିତ୍ୟର ପରିଚୟ, ପ୍ରଥମ ଭାଗ (ଅନ୍ତର୍ଗତ) ଔପନ୍ୟାସିକ ମହାପାତ୍ର ନୀଳମଣି ସାହୁ, ଭୋଳାନାଥ ରାଉତ, ଓଡ଼ିଶା ବୁକ୍ ଷ୍ଟୋର, ତୃତୀୟ ସଂସ୍କରଣ-୨୦୧୯, ପୃ-୭୨୪ ।

୮. ସାହୁ, ମହାପାତ୍ର ନୀଳମଣି, ତାମସୀ ରାଧା, କଟକ, କଟକ ଷ୍ଟୁଡେ ସ୍ ଷ୍ଟୋର, ୨୦୧୯, ପ ମ ସଂସ୍କରଣ-୨୦୧୯, ପ୍ରଥମ ସଂସ୍କରଣ ଭୂମିକାର ଉତ୍ତରାର୍ଦ୍ଧ

ଏବଂ

୧. ନାୟକ, ଅର୍ଚ୍ଚନା, ମହାପାତ୍ର ନୀଳମଣି ସାହୁ (ମନୋଗ୍ରାଫ୍), ସାହିତ୍ୟ ଅକାଦେମି, ନୂଆଦିଲ୍ଲୀ, ପ୍ରଥମ ପ୍ରକାଶ-୨୦୨୧

୨ ଶୁକ୍ଲ, ହରିହର (ସଂ), ଆମ ସମୟର ସୃଜନୀ (ମହାପାତ୍ର ନୀଳମଣି ସାହୁ ବିଶେଷାଙ୍କ), ପଞ୍ଚମ ବର୍ଷ, ପ୍ରଥମ ସଂଖ୍ୟା-୨୦୦୬



**ଓଡ଼ିଆ ବିଭାଗ**
**ରେଭେନ୍ସା ବିଶ୍ୱବିଦ୍ୟାଳୟ**
**କଟକ-୭୫୩୦୦୩**

# ବାର୍ଷିକ ସୂଚୀ - ୨୦୨୨

## ଜାନୁୟାରୀ-୨୦୨୨


ବିଘ୍ନିତ ଆର୍ଥ-ସାମାଜିକତା ଓ ଅପସୃୟମାଣ ଲୋକସଂସ୍କୃତି ମଙ୍ଗଳୁ ଚରଣଙ୍କ 'ଭୁଖା'ର ନିୟତି
– ଡ. ଆଲୋକ ବରାଳ ୦୭

ଅସହାୟତା ଓ ଅନ୍ତର୍ଦାହର ବେଦନା : ବୀଣାପାଣି ମହାନ୍ତିଙ୍କ ଗଳ୍ପ : ଏକ ଆଲୋଚନା
– ଡ. କୁନା ସୁନା ୧୫

(ଶିଶୁ ଧର୍ମଯୋଦ୍ଧାଙ୍କର କରୁଣ ପରିଣତି
– ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ ୧୯

ଭୌମ ସାମ୍ରାଜ୍ୟର ପୁନର୍ଗଠନର ଇତିହାସ : ପ୍ରଦୀପ ଦାଶଙ୍କ 'ତ୍ରିଭୁବନ ମହାଦେବୀ' ଉପନ୍ୟାସ
– କାମିନୀ ଦେହୁରୀ ୨୨

ଓଡ଼ିଆ ଲୋକସାହିତ୍ୟର ସ୍ଥିତି, ସୁରକ୍ଷା ଓ ପୁନର୍ବିନ୍ୟାସ ପ୍ରସଙ୍ଗ
– ଡକ୍ଟର ଦେବାଶିଷ ପାଣ୍ଡିଆ ୨୬

ନାଟ୍ୟକାର ନୀଳାଦ୍ରିଭୂଷଣଙ୍କ 'ବତାସ ନିସ୍ତବ୍ଧ ଆଜି' ଁ ନବ-ଐତିହାସିକ ଅଧ୍ୟୟନ
– ଡ. ବିଦ୍ୟୁତ୍‌ପ୍ରଭା ରାଉତ ୩୨

'ଶବବାହକମାନେ' : ଏକ 'ଶବ'ର ଷଡ଼ଯନ୍ତ୍ର
– ସ୍ମୃତିରଂଜନ ସେଠୀ ୪୦


## ଫେବୃୟାରୀ-୨୦୨୨


ସଦାଶିବ ଦାଶଙ୍କ କବିତାରେ 'ସ୍ଥାନ ନାମ' ଓ 'ଭୂଗୋଳକକ୍ଷ'
– ଡ. ଆଲୋକ ବରାଳ ୦୭

ସାରୋଳ ମହାଭାରତରେ ଶ୍ରୀଖଣ୍ଡୀ ଉପାଖ୍ୟାନ : ଏକ ରୂପାନ୍ତରିତ ପୁରୁଷର କାହାଣୀ
– ଦିପୁନ୍ ପୁହାଣ ୧୯

ଭୀମ ଭୋଇଙ୍କ ସାହିତ୍ୟରେ ପିଣ୍ଡବ୍ରହ୍ମାଣ୍ଡ ଓ ଗୁରୁବାଦ
– ଡକ୍ଟର ଦେବାଶିଷ ପାଣ୍ଡିଆ ୨୩

ଭାଷା : ଭାବକୁ ଅଭାବ
– ଜ୍ଞାନୀ ଦେବାଶିଷ ମିଶ୍ର ୨୭

ବଣ୍ଡା ଆଦିବାସୀଙ୍କର ସାହିତ୍ୟିକ ରୂପାୟନ 'ଭଗବାଁର ଦେଶ୍'- ଏକ ଅଧ୍ୟୟନ
– ଅଧ୍ୟାପକ ଗୌତମସେନ୍ ହାଁସଦାଃ ୨୯

ଓଡ଼ିଶାର ରାମଲୀଳା ପରମ୍ପରାରେ ଅସୁରେଶ୍ୱର ରାମଲୀଳା :ବୈଶିଷ୍ଟ୍ୟ ନିରୂପଣ
– ହୃଷିକେଶ ମହାରଣା ୩୫

କୁହୁକ ବାସ୍ତବତା ପରିପ୍ରେକ୍ଷୀରେ ମନୋଜ ଦାସଙ୍କ 'ତନ୍ଦ୍ରାଲୋକର ପ୍ରହରୀ'
– ଡ. କୁନା ସୁନା ୪୦

ସ୍ୱପ୍ନ ଓ ଅସ୍ତିତ୍ୱର କଳ୍ପିତ-ରୂପାନ୍ତରଣ : ନାରାୟଣ ପଣ୍ଡାଙ୍କ ଗଳ୍ପ
– ଡ. ବିଦ୍ୟୁତ୍ ପ୍ରଭା ରାଉତ ୪୭

ଓଡ଼ିଆ ବିଭବ : ତଥ୍ୟ ଓ ବ୍ୟବହାର
– ପବିତ୍ର ଦାସ ୬୬


## ମାର୍ଚ୍ଚ-୨୦୨୨


୧୯୮୦ ପରବର୍ତ୍ତୀ ଓଡ଼ିଆ ନାଟକରେ ଅଣ-ନାୟକ **(Anti-Hero)** ପ୍ରସଙ୍ଗ
– ବିକେଶ ସାହୁ ୦୭

୧୯୮୦ ପରବର୍ତ୍ତୀ ଓଡ଼ିଆ ନାଟକରେ ସମାଜବାଦୀ ବାସ୍ତବବାଦ
– ଗାୟତ୍ରୀ ମହାପାତ୍ର ୧୩

୧୯୮୦ ପରବର୍ତ୍ତୀ ଓଡ଼ିଆ ନାଟକରେ ଲୋକନାଟ୍ୟ ଶୈଳୀ
– ଜ୍ୟୋତିସ୍ନିଗ୍ଧା ସାହୁ ୧୯

୧୯୮୦ ପରବର୍ତ୍ତୀ ଓଡ଼ିଆ ନାଟକରେ ଇତିହାସର ନବମୂଲ୍ୟାୟନ
– କନକବର୍ଦ୍ଧନ ସାହୁ ୨୮

୧୯୮୦ ପରବର୍ତ୍ତୀ ଓଡ଼ିଆ ନାଟକରେ ଲୋକ ଉପାଦାନ
– ଲିଙ୍କୁ ବେହେରା ୩୫

୧୯୮୦ ପରବର୍ତ୍ତୀ ଓଡ଼ିଆ ନାଟକରେ ପ୍ରତୀକ
– ପ୍ରଦ୍ୟୁମ୍ନ ସାହୁ ୪୩

୧୯୮୦ ପରବର୍ତ୍ତୀ ନାଟକରେ ଚରିତ୍ରର ରୂପାନ୍ତରୀକରଣ
– ପ୍ରମୋଦିନୀ ସ୍ୱାଇଁ ୫୦


## ଅପ୍ରେଲ-୨୦୨୨


ମାନବୀୟ ଅନ୍ତଃଚେତନାରେ ଭାସ୍ୱର 'ଭାସ୍ୱତୀ'
– ଡକ୍ଟର ଚିତ୍ତରଞ୍ଜନ ରାଉତ ୦୭

ଶେଷଚିଠି
– ସୁକାନ୍ତି ରାଉତ ୧୦

ସତ୍ୟ, ଅହିଂସା ଓ ସହିଷ୍ଣୁତା ମନ୍ତ୍ରରେ ଅଭିସିକ୍ତ ଗାନ୍ଧୀ
– ମୀରା ବେଉରା ୧୪

ଏକବିଂଶ ଶତାବ୍ଦୀର ଓଡ଼ିଆ କବିତାରେ ପୁରୁଷଚେତନା
– ବିଷ୍ଣୁପ୍ରସାଦ ସାହୁ ୧୬

କୁହୁକ ବାସ୍ତବତା ଓ କଥାକାର କୃପାସାଗର ସାହୁ
– ସୁନୀଲ ସେଠୀ ୧୯

ବାଥୁଡ଼ି ଜନଜାତିର ସୃଷ୍ଟି ଉପଖ୍ୟାନ
– ଡକ୍ଟର ରାଜାକୁମାର ନାଏକ ୨୨

ସତ ରାଜନୀତି ମିଛ ମହାତ୍ମା
– ପରୀକ୍ଷିତ ଭୋଇ ୨୬
ବିଶ୍ୱଜିତ ଦାସଙ୍କ ନାଟ୍ୟସ୍ୱର
– ଜ୍ଞାନୀ ଦେବାଶିଷ ମିଶ୍ର ୩୧
ତୁଳନାତ୍ମକ ଆଲୋକରେ ଏକବିଂଶ ଶତକର
ଭିନ୍ନ ଏକ ସ୍ୱର ସନ୍ତୋଷ କୁମାରଙ୍କ 'ଭୀମାଧୀବର'
– ଡକ୍ଟର ମଧୁଛନ୍ଦା ନାୟକ ୩୭
ଆଧୁନିକ କାବ୍ୟ ଜଗତର ଅମୂର୍ତ୍ତ ପ୍ରକାଶ କ୍ଷେତ୍ରରେ
ଊନବିଂଶର ପତ୍ରପତ୍ରିକାର ଅବଦାନ
– ଡକ୍ଟର ମନୋରଞ୍ଜନ ବିଷୋୟୀ ୪୨
ସଂସ୍କୃତିର ସ୍ତରଭେଦ ଓ ଲୋକସଂସ୍କୃତି
– ଡ. ଶରତ କୁମାର ଜେନା ୪୫

## ମଇ-୨୦୨୨

ମନ ଓ ମନତଳ : ୧୯୮୦ ପରବର୍ତ୍ତୀ ଓଡ଼ିଆ ଓ ହିନ୍ଦୀ ଲେଖିକାଙ୍କ ଉପନ୍ୟାସ
- ଲୋପାମୁଦ୍ରା ସ୍ୱାଇଁ ୦୭
କାଠଗଡ଼ାରେ ଗାନ୍ଧୀଙ୍କ ଖଦି
- ଅଶ୍ୱିନୀ କୁମାର ସେଠୀ ୧୧
ନବମୂଲ୍ୟାୟନ ପରିପ୍ରେକ୍ଷୀରେ ପ୍ରତିଭା ଗଳ୍ପାନୁଶୀଳନ
- ବର୍ଷା ବିଶ୍ୱାଳ ୧୩
ଗ୍ରାମ୍ୟ ଜୀବନରେ ଜଗତୀକରଣର ପ୍ରଭାବ : ଓଡ଼ିଆ କବିତା
- ବର୍ଷାରାଣୀ ଗଜେନ୍ଦ୍ର ୧୬
ପ୍ରୀତିର ପ୍ରତୀତି ଓ ସଂପ୍ରୀତିର ପ୍ରତିଶ୍ରୁତି
ଗୁରୁପ୍ରସାଦ ମହାନ୍ତିଙ୍କ ପ୍ରାରମ୍ଭିକ କବିତାର
ଭିତ୍ତି-ଭୂତି ଓ ଭାରତୀ
- ଡକ୍ଟର ସନ୍ତୋଷ କୁମାର ନାୟକ ୧୯
୧୯୮୦ ପରବର୍ତ୍ତୀ ଓଡ଼ିଆ କ୍ଷୁଦଗଳ୍ପରେ ଚରିତ୍ର
-ରାଜେଶ କୁମାର ସେଠୀ ୩୭
ପଲ୍ଲୀକବି ନନ୍ଦକିଶୋର ଏକ ସଂକ୍ଷିପ୍ତ ଆକଳନ
- ଡକ୍ଟର ବସନ୍ତ କିଶୋର ସାହୁ ୪୨
ପଶ୍ଚିମ ଓଡିଶାର ଲୋକଧାରାରେ ପ୍ରତୀକିତ 'ଢଗ' ଓ'ବଖାନି'
- ଡକ୍ଟର ଦେବାଶିଷ ପାଣ୍ଡିଆ ୪୫

## ଜୁନ୍-୨୦୨୨

୧୯୬୦ ପରବର୍ତ୍ତୀ ଗଳ୍ପ ଧାରାରେ ଦେବଦାସ ଓ ରମାକୁ ମାରିବାର ପାଞ୍ଚଟି ଉପାୟ
- ହୃଷିକେଶ ମହାରଣା ୦୭
ଏକବିଂଶ ଶତାବ୍ଦୀର ଓଡ଼ିଆ କ୍ଷୁଦ୍ରଗଳ୍ପରେ ରାଜନୈତିକ ଚେତନା: ଏକ ଦୃଷ୍ଟିପାତ
- ସୁମନ୍ତ କୁମାର ଭୋଇ ୧୫
ସୃଜନ ଧର୍ମିତାର ଅନ୍ତରଙ୍ଗ ପରିପ୍ରକାଶ : ଜୀବନ, ସମ୍ପର୍କ, ସାହିତ୍ୟ
- ପବିତ୍ର ଦାସ ୨୦
କବି ଶରତ ଚନ୍ଦ୍ର ପ୍ରଧାନଙ୍କ ବୃକୋଦର : ବିଭବ ଓ ଅନୁଭବ
- ସୁବାଷ ଚନ୍ଦ୍ର ଭୋଇ ୨୯
ଜଗତୀକରଣ ଓ ଏକବିଂଶ ଶତାବ୍ଦୀର
ଗ୍ରାମ୍ୟ କୈନ୍ଦ୍ରୀକ ଓଡ଼ିଆ ଗଳ୍ପ
- ଡ. ଦୟାନିଧି ପରିଡ଼ା ୩୪
ଓଡ଼ିଆ ଭାଷା-ସାହିତ୍ୟ ପ୍ରସାରଣ କ୍ଷେତ୍ରରେ
ପ୍ରଯୁକ୍ତିବିଦ୍ୟାର ଭୂମିକା
- ସଂଘମିତ୍ରା ବେହେରା ୩୯

## ଜୁଲାଇ-୨୦୨୨

ଆଲୋଚକଙ୍କ ଦୃଷ୍ଟିରେ 'ସବୁଜ'
– ବିକେଶ ସାହୁ ୦୭
ବାଥୁଡ଼ି ସଂପ୍ରଦାୟର କାନ୍ଦଣା ଗୀତ
– ଡକ୍ଟର ରାଜା କୁମାର ନାଏକ ୧୬
କ୍ଲାସିକ୍ ସାହିତ୍ୟ ପରିପ୍ରେକ୍ଷୀରେ 'ଅନ୍ଧମୁହାଁଣୀ'
– ପରୀକ୍ଷିତ ଭୋଇ ୨୦
ସ୍ୱପ୍ନ ଗାନ୍ଧୀଜୀଙ୍କର : ଆମେ ତାଙ୍କର ସିପାହୀ
– ଅଶ୍ୱିନୀ କୁମାର ସେଠୀ ୨୫
ସତ୍ୟ, ଅହିଂସା ଓ ସହିଷ୍ଣୁତା ମନ୍ତ୍ରରେ ଅଭିଷିକ୍ତ ଗାନ୍ଧୀ
– ମୀରା ବେଉରା ୨୭
ତୁଳନାତ୍ମକ ଆଲୋକରେ
ରାଧାମୋହନ ଗଡ଼ନାୟକଙ୍କ 'ମୌସୁମୀ'
– ଡକ୍ଟର ମଧୁଛନ୍ଦା ନାୟକ ୨୯

'ସମର୍ପଣ' ଓ 'ସମ୍ମୋହନ'ର ଅଦୃଶ୍ୟ ଝୋଟିଚିତା :
ଛନ୍ଦାଚରଣଙ୍କ କବିତା
– ଡ. ଆଲୋକ ବରାଳ ୩୫
ପରିପୂର୍ଣ୍ଣ ଜୀବନପାତ୍ର ଓ ଚେତନାର ଉତ୍ତରିତ ପଥ :
ବୈକୁଣ୍ଠନାଥଙ୍କ 'ଯାତ୍ରାସଙ୍ଗୀତ'
– ଡ. ବିଦ୍ୟୁତପ୍ରଭା ରାଉତ ୪୦
କଥାକାର ପ୍ରଦୀପ ଦାଶଙ୍କ ଉପନ୍ୟାସରେ ପ୍ରତିଫଳିତ ପ୍ରାକୃତିକ ବିପର୍ଯ୍ୟୟ
– କାମିନୀ ଦେହୁରୀ ୪୫


## ଅଗଷ୍ଟ-୨୦୨୨

କବି ସନ୍ତୋଷ କୁମାରଙ୍କ 'ଅଲୋଡ଼ା ଏଲିଜି':
ନୀଳାଭ ସ୍ଥିତିବାଦର ଏକ ସାଂଙ୍କିକ ପରିପ୍ରକାଶ
– ଡକ୍ଟର ମଧୁଛନ୍ଦା ନାୟକ ୦୭
ଅର୍ଚ୍ଚନା ନାୟକଙ୍କ ଗଳ୍ପରେ ନାରୀ
– ଡ. ସୋନାଲି ସାହୁ ୧୨
ଦଣ୍ଡନାଟର ସାଂସ୍କୃତିକ ପରମ୍ପରାରେ ନାବକେଳି
– ସନ୍ତୋଷ ଭୋଇ ୧୮
ତୁଳନାତ୍ମକ ଆଲୋକରେ 'ବିକଳ ଅନ୍ତର'
ଆକାଂକ୍ଷାର କବିତା 'ଅଳକା ସାନ୍ୟାଲ':
ଏକ ପ୍ରାୟୋଗିକ ସୂକ୍ଷ୍ମାନୁଶୀଳନ
– ଡକ୍ଟର ସନ୍ତୋଷ କୁମାର ନାୟକ ୨୪
ଶେଷଚିଠି
– ସୁକାନ୍ତି ରାଉତ ୩୩
ମହାପାତ୍ର ନୀଳମଣି ସାହୁଙ୍କ ଗଳ୍ପରେ
ପ୍ରତିଫଳିତ ମନସ୍ତାତ୍ତ୍ୱିକ ଚେତନା
- ଡ. କୁନା ସୁନା ୩୭
ଗୋଣ୍ଡ ସମାଜରେ ପ୍ରଚଳିତ 'ଗୌରୀ ଓଷା'
- ନମିତା ମହାପାତ୍ର ୪୩
ବାରନ୍ଦା – ରଜନୀକାନ୍ତ ମିଶ୍ର ୪୭


## ସେପ୍ଟେମ୍ବର -୨୦୨୨

'ପେଟେଣ୍ଟ ମେଡ଼ିସିନ୍'ର ନାଟ୍ୟ ରୂପାନ୍ତର :
ଏକ ତୁଳନାତ୍ମକ ଅଧ୍ୟୟନ
– ଜ୍ଞାନରଂଜନ ତ୍ରିପାଠୀ ୦୭
ଭାରତୀୟ ଓ ଆନ୍ତର୍ଜାତୀୟ ପରିପ୍ରେକ୍ଷୀରେ ଲୋକସାହିତ୍ୟ
ଅଧ୍ୟୟନର ବିବିଧ ତାତ୍ତ୍ୱିକ ଦିଗ ବନାମ ବେନ୍‌ଫିଙ୍କ
ସାଂସ୍କୃତିକ ବିସରଣବାଦୀ ସିଦ୍ଧାନ୍ତ
– ଡକ୍ଟର ସନ୍ତୋଷ କୁମାର ନାୟକ ୧୨
ମହାଭାରତୀୟ ପୃଷ୍ଠଭୂମିରେ ରଚିତ
କବି ଶତ୍ରୁଘ୍ନ ପାଣ୍ଡବଙ୍କ ଓଡ଼ିଆ କବିତା : ଏକ ଅଧ୍ୟୟନ
– ବିଷ୍ଣୁ ପ୍ରସାଦ ସାହୁ ୨୫
ନୟନ ପଂଚକ
– ଡକ୍ଟର ସଂଜିତା ମିଶ୍ର ୩୦
ରାଜା ଇନ୍ଦ୍ରଭୂତି ଓ ଶ୍ରୀଜଗନ୍ନାଥ
– ରୁବିନା ପାତ୍ର ୩୯


## ଅକ୍ଟୋବର -୨୦୨୨

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସରେ
ପଲ୍ଲୀ ଓ ନଗର ଜୀବନ ଚିତ୍ର
– ରୁବିନା ପାତ୍ର ୦୭
ଏକବିଂଶ ଶତାବ୍ଦୀର ଓଡ଼ିଆ ଉପନ୍ୟାସରେ ଦାଦନ ଚିତ୍ର
– ବିଭୂତି ଭୂଷଣ ପଧାନ ୧୪
ଗଳ୍ପରେ ଆଦିବାସୀ ଜୀବନାୟନ:ଗାଳ୍ପିକ ରଂଜନ ପ୍ରଧାନ
– ଡ଼. ଚିନ୍ମୟ କୁମାର ବେହେରା ୧୯
ଏକବିଂଶ ଶତାବ୍ଦୀର ଓଡ଼ିଆ କବିତାରେ ସାମାଜିକ ସମସ୍ୟା
– ମଙ୍ଗରାଜ ମହାପାତ୍ର ୨୮
କେନ୍ଦୁଝର ଗଣ୍ଡଜନଜାତିର ଠାକୁରାଣୀ ଓଷା : ଏକ ଅଧ୍ୟୟନ
– ଉଜସ୍ୱିନୀ ନାଏକ ୩୫
ଭାରତୀୟ ଓ ଆନ୍ତର୍ଜାତୀୟ ପରିପ୍ରେକ୍ଷୀରେ ଲୋକସାହିତ୍ୟ
ଅଧ୍ୟୟନର ବିବିଧ ତାତ୍ତ୍ୱିକ ଦିଗ ବନାମ ବେନ୍‌ଫିଙ୍କ
ସାଂସ୍କୃତିକ ବିସରଣବାଦୀ ସିଦ୍ଧାନ୍ତ
– ଡକ୍ଟର ସନ୍ତୋଷ କୁମାର ନାୟକ ୩୯

## ନଭେମ୍ବର -୨୦୨୨

ଓଡ଼ିଆ ସୂକ୍ତି ସଂଗ୍ରହ ପରମ୍ପରାରେ ଇଂ. ଗୋବିନ୍ଦ ଚନ୍ଦ୍ର ସାହୁ
– କମଳ ମାହାନ୍ତ ୦୭

ପରିପୂର୍ଣ୍ଣ ଜୀବନପାତ୍ର ଓ ଚେତନାର ଉତ୍ତରିତ ପଥ : ବୈକୁଣ୍ଠନାଥଙ୍କ 'ଯାତ୍ରାସଙ୍ଗୀତ'
– ଡ. ବିଦ୍ୟୁତପ୍ରଭା ରାଉତ ୧୦

କ୍ରୋଧ ରୂପକ ରୋଗର ନିବାରଣ
– ରୂପାଲିନ୍ ସାହୁ ୧୫

କୋରାପୁଟର ଲୋକବାଦ୍ୟ ପରମ୍ପରାରେ ପରଜା ବାଦ୍ୟଯନ୍ତ୍ର
– ଡ. ଲୋପାମୁଦ୍ରା ସ୍ୱାଇଁ ୧୮

ଆଲୋଚନାର ଅନ୍ତରାଳେ ଅଥଚ ଚାଣକ୍ୟ
– ରଞ୍ଜନ କୁମାର ଖଣ୍ଡା ୨୬

ଓଡ଼ିଆ ଉପନ୍ୟାସରେ ଅନାଲୋଚିତ ମାଟିହୀନ ମାଟିର ମଣିଷ
– ସୁଜାତା ସାହାଣୀ ୩୨

## ଡିସେମ୍ବର -୨୦୨୨

ପରଜା ସଂସ୍କୃତିର ନାନ୍ଦନିକ ପରିପ୍ରକାଶ : 'ପରଜା ଗୀତ'
– ଡ. ପ୍ରୀତିଧାରା ସାମଲ ୦୭

ଆଧୁନିକ ଓଡ଼ିଆ କବିତାରେ ପ୍ରତୀକ : ସ୍ଥିତି ଓ ସ୍ଥାପତ୍ୟ
– ଡକ୍ଟର ରାକେଶ କୁମାର ବିଶି ୧୧

ଗୁରୁ ତତ୍ତ୍ୱର ଅନନ୍ୟ ନିଦର୍ଶନ : ଯଦୁ-ଅବଧୂତ ସମ୍ବାଦ
– ଡକ୍ଟର ରୁଦ୍ର ପ୍ରସାଦ ମିଶ୍ର ୧୫

ଓଡ଼ିଆ ସ୍ତମ୍ଭରଚନା ଓ ସ୍ତମ୍ଭକାର: ଏକ ପରିଚୟାତ୍ମକ ଆଲେଖ୍ୟ
– ଶଙ୍ଖଚୂଳ ଦାସ ୧୭

ସ୍ୱପ୍ନ ଦୁଃସ୍ୱପ୍ନର ସମନ୍ୱିତ ଆଲେଖ୍ୟ ମହତାବଙ୍କ କଥାୟନ
– ପରୀକ୍ଷିତ ଭୋଇ ୨୫

ଭଗୀରଥ ଜନ୍ମ ବୃତ୍ତାନ୍ତ'ରେ ନାରୀ ସମକାମୀତାର ଚିତ୍ର : ଏକ ଐତିହାସିକ ଅଧ୍ୟୟନ
– ଦିପୁନ ପୁହାଣ ୩୩

ମହାପାତ୍ର ନୀଳମଣି ସାହୁଙ୍କ ଉପନ୍ୟାସ ଜଗତ
– ଜ୍ଞାନୀ ଦେବାଶିଷ ମିଶ୍ର ୩୯

RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ